

‘ବ୍ୟାଟଲ୍ ଅଫ୍ ଗଲୱାନ୍’ର ସୁଟିଂ ଆରମ୍ଭ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-62 ◆TUESDAY ◆26 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୨ ◆ମଙ୍ଗଳବାର ◆୨୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଲଘୁଚାପ ଆଣୁଛି ବଡ଼ ବର୍ଷା
# ବଢୁଛି ବନ୍ୟା ଭୟ

## ସତର୍କ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ ■ ଆସନ୍ତା ୨-୩ ବେଳକୁ ପୁଣି ଏକ ଲଘୁଚାପ

■ **ଭୁବନେଶ୍ୱର, ୨୫।୮ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ଏହି ସମୟରେ ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ

### ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ

ବିଭାଗ ପୂର୍ବାନୁମାନ କରିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏହି ଲଘୁଚାପ ଯୋଗୁଁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ମହାନଦୀ ସମେତ ଉତ୍ତର ଓଡ଼ିଶାର ବୈତରଣୀ ଓ ସୁବର୍ଣ୍ଣରେଖାରେ ଜଳସ୍ତର ଅଧିକ ରହିଥିବାରୁ ଏହି ଲଘୁଚାପ ଜନିତ ବର୍ଷା ବନ୍ୟାସ୍ଥିତିକୁ ଆହୁରି ଗମ୍ଭୀର କରିବାର ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଥମେ ଓଡ଼ିଶା ଓ ପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବର୍ଷା କରାଇବ। ଫଳରେ ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକୁ ଉପମୁଣ୍ଡରୁ ପ୍ରବଳ ପାଣି ଆସିବ; ତେଣୁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଏହି ଲଘୁଚାପର ପ୍ରଭାବ ଶେଷ ହେଉ ହେଉ ଆସନ୍ତା ମାସ ୨-୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରିଛି। ▶ପୃଷ୍ଠା-୭



## କାଣୀ ନଦୀରେ ୧୦୦ ଫୁଟ୍‌ର ଘାଇ

■ **ଯାଜପୁର, ୨୫।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବୈତରଣୀର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତ ବଙ୍ଗାଳାବାଡ଼ିଠାରେ ଗତକାଲି ବିଳମ୍ବିତ ରାତିରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ଏହି ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୪ଟି ପଞ୍ଚାୟତର ୧୮ ହଜାର ୪୩୩ ଲୋକ ଜଳବନ୍ଦୀ ହୋଇଛନ୍ତି। ସେଥିମଧ୍ୟରୁ ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ବନ୍ୟାଜଳରେ କଟିକଟା ପଞ୍ଚାୟତ ମାଝୀସାହିର ଭାଗବତ ମାଝୀ (୭୦) ନାମକ ବରିଷ୍ଠ ନାଗରିକ ଭାସି ପ୍ରାଣ ହରାଇଛନ୍ତି। ଘାଇ ଯୋଗୁଁ ଅନେକ ଘରେ ▶ପୃଷ୍ଠା-୭

### ବନ୍ୟାଜଳରେ ଭାସି ବୃଦ୍ଧ ମୃତ

# ନବୀନଙ୍କୁ ଭେଟିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୨୫।୮ (ସମିସ):** ସୋମବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ସୁସ୍ଥ ଜୀବନ

### ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କଲେ

କାମନା କରିଛନ୍ତି। ସାକ୍ଷାତ ସମୟରେ ଉଭୟେ ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ▶ପୃଷ୍ଠା-୭



# ଓଡ଼ିଶା ହେବ ଦେଶର ଇଲେକ୍ଟ୍ରୋନିକ୍ସ ହବ୍



### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ଅନୁମୋଦନ

### ଆଇଟି କ୍ଷେତ୍ରରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର,୨୫।୮ (ସମିସ):** ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଓଡ଼ିଶାର ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଆଇଟି ନୀତି-୨୦୨୫କୁ ଅନୁମୋଦନ ଦେଇଛନ୍ତି। ସେହିପରି ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ର ଆରମ୍ଭ କରିଛନ୍ତି। ବୈଠକରେ ୩ଟି ବିଭାଗର ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ▶ପୃଷ୍ଠା-୭





72198 21111
BAJAJ SECURE • AMC • ROAD SIDE ASSISTANCE | SHRIRAM Finance | IDFC FIRST Bank ALWAYS YOU FIRST
BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି କ୍ୟାଶ୍‌ବ୍ୟାକ୍, ନିଲ୍ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ । ଫାଇନାନ୍‌ସର୍ / ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ନିଲ୍ ପିଏଫ୍ ଆଉ ଇନ୍‌ସ୍ୟୋରାନ୍‌ସ ଭିନ୍ନ ହୋଇପାରେ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଯଥୋଚିତ ମଡେଲଙ୍କ ବେସ୍ ଭାରିଆଣ୍ଟ ସକାଶେ । **ଡାଉନ୍-ପେମେଣ୍ଟ ହେଉଛି ପଲ୍‌ସର୍ 125 Neon ପାଇଁ ମାର୍ଜିନ୍ ମନୀ । ମାର୍ଜିନ୍ ମନୀ ରେ ଡିସିସି ଚାର୍ଜେସ୍, ପ୍ରୋସେସିଙ୍ଗ ଫୀଜ୍, ଅନ୍ୟାନ୍ୟ ଚାର୍ଜ ମିଶିନାହିଁ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ସର୍ତ୍ତ ଓ ନିୟମାବଳୀ ଲାଗିବ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ। ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Balasore SURAJ BAJAJ 9124626001 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 / 9439008692• Baripada BALA BAJAJ 9338336111 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଜେଡ୍ ସିକ୍ୟୁରିଟି ହଟାଗଲା

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ ସିକ୍ୟୁରିଟି ବ୍ୟବସ୍ଥାକୁ ସୋମବାର ହଟାଇ ଦିଆଯାଇଛି। ୪ ଦିନ ତଳେ ତାଙ୍କ ଉପରେ ଆକ୍ରମଣ ହେବା ପରେ ଏହି ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା। ତେବେ ଏହାକୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି। ଫଳରେ ପୁଣି ଥରେ ତାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସକୁ ଦାୟିତ୍ୱ ଦିଆଯାଇଛି। ସେପଟେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ରବିବାର ଜଣେ ଦ୍ୱିତୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜେଶ ସାକାରିୟାଙ୍କୁ ଗିରଫର କରାଯାଇଥିଲା। ଏବେ ତାର ସହଯୋଗୀ ତହସିନ ସୟଦଙ୍କୁ ଗିରଫର କରାଯାଇଛି। ଅଗଷ୍ଟ ୨୦ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ରେଖାଙ୍କ ଉପରେ ଆକ୍ରମଣ ହୋଇଥିଲା। ନିଜର ଅଭିଯୋଗ ଶୁଣାଇବାକୁ ଆସିବା ବାହାନରେ ରାଜେଶ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତକୁ ଟାଣି ଚାପୁଡା ମାରିଥିଲା। ଏହି ମାମଲାରେ ପୁଲିସ ନଜରରେ ଆହୁରି ୧୦ଜଣ ଲୋକ ରହିଛନ୍ତି। ଆକ୍ରମଣ ଗୋଟିଏ ଦିନ ପୂର୍ବରୁ ରାଜେଶ ରେଖାଙ୍କ ବାସଭବନ ଆଗରେ ରେକି କରିଥିଲା ବୋଲି ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା।

## ରାଜନୈତିକ ବିଶ୍ଳେଷକଙ୍କ ବିରୋଧରେ ଏଫଆଇଆର ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନିର୍ବାଚନ ବିଶେଷଜ୍ଞ ଓ ଲୋକନୀତି- ସିଏସ୍‌ଡିଏସ୍‌ର ସହ ନିର୍ଦ୍ଦେଶକ ସଞ୍ଜୟକୁମାରଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି। ୨୦୨୪ ମହାରାଷ୍ଟ୍ର ନିର୍ବାଚନରେ ଭୋଟରଙ୍କୁ ନେଇ ସୃଷ୍ଟି ହୋଇଥିବା ଅସଂଗତି ଉପରେ ଟୁଇଟ୍ କରିଥିଲେ। ଏହି ଟୁଇଟ୍‌ଗୁଡିକୁ ସେ ଡିଲିଟ କରିଛନ୍ତି। ଫଳରେ ବିରୋଧୀ ଦଳଗୁଡିକ ଏହାକୁ ସମାଲୋଚନା କରିଛନ୍ତି ଓ ସେ ବିଜେପି ସହିତ ମିଶିଥିବା ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଟୁଇଟ୍ ଡିଲିଟ କରିବା ନେଇ ମଧ୍ୟ ସଞ୍ଜୟ ସ୍ପଷ୍ଟିକରଣ ଦେଇଛନ୍ତି। ତଥ୍ୟଗତ ତ୍ରୁଟି ଥିବାରୁ ଏହାକୁ ଉଡାଇବାକୁ ହେଲା ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ନେଇ କରିଥିବା ଟୁଇଟ୍ ନେଇ ହୃଦୟରୁ କ୍ଷମା ମାଗୁଛି ବୋଲି ସଞ୍ଜୟ ଉଲ୍ଲେଖ କରିଛନ୍ତି। ୨୦୨୪ ଲୋକସଭା ଓ ୨୦୨୪ ବିଧାନସଭା ନିର୍ବାଚନର ଡାଟା ତଥା ତଥ୍ୟ ତୁଳନା କରିବା ବେଳେ ତ୍ରୁଟି ହୋଇଥିଲା। ଆମ ଡାଟା ଟିମ୍ ଦ୍ୱାରା ଏହା ଭୁଲ ପଢ଼ାଯାଇଥିଲା। ତେଣୁ ଟୁଇଟ୍‌ଗୁଡିକୁ ହଟାଇବାକୁ ପଡ଼ିଥିଲା। କୌଣସି ପ୍ରକାର ଭୁଲ ସୂଚନା ପ୍ରଚାର କରିବା ମୋର ଲକ୍ଷ୍ୟ ନଥିଲା ବୋଲି ସେ କହିଛନ୍ତି। ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟାରେ ଅବନତୀ ହୋଇଥିବା କଥା ସେ ହଟାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରିଥିଲେ। ସଞ୍ଜୟ ଏହି ଟୁଇଟ୍ ଡିଲିଟ କରିଛନ୍ତି ଓ ଏବେ ଏ ନେଇ ସାର୍ବଜନୀନ ଭାବେ କ୍ଷମା ମାଗିଛନ୍ତି। ତେଣୁ ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଉଚିତ ନୁହଁ ବୋଲି ସଞ୍ଜୟଙ୍କ ଓକିଲ ଆଜିର ଶୁଣାଣିରେ କହିଥିଲେ। ତେଣୁ ଏହି ମାମଲାର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୯ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୪୫ ଆହତ

ବୁଲନ୍ଦସହର, ୨୫।୮ (ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ରବିବାର ବିଳମ୍ବିତ ରାତି ଏକ ସଡକ ଦୁର୍ଘଟଣାରେ ୯ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଛନ୍ତି। ଏକ ଟ୍ରାକ୍ଟରକୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ପଛରୁ ଧକ୍କା ଦେବା ଫଳରେ ଟ୍ରାକ୍ଟର ପଲଟି ଯାଇଥିଲା। ମୃତକଙ୍କ ମଧ୍ୟରେ ମା ଓ ପୁଅ ସାମିଲ ଅଛନ୍ତି। ଏଥିରେ ୪୫ ଜଣ ଲୋକ ଆହତ ହୋଇଛନ୍ତି। ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷର ପିଲା, ୫ ପୁରୁଷ ଓ ୩ ଜଣ ମହିଳା ସାମିଲ ରହିଛନ୍ତି। ରବିବାର ରାତି ୨ଟାରେ ଜାତୀୟ ରାଜପଥ ୩୪ରେ ଅରନିଆ ଅଞ୍ଚଳର ଘଟଲ ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିଲା। ଶ୍ରଦ୍ଧାଳୁମାନେ କାସଗଞ୍ଜରୁ ଜହାରବୀର (ଗୋଗାଜୀ) ଦର୍ଶନ ପାଇଁ ରାଜସ୍ଥାନର ଗୋଗାମେଡି ଯାଉଥିଲେ। ଟ୍ରାକ୍ଟରରେ ୬୧ ଜଣ ଶ୍ରଦ୍ଧାଳୁ ବସିଥିଲେ। ପୁଲିସ ଆହତଙ୍କୁ ଆମ୍ବୁଲାନ୍ସ ଜରିଆରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୃତଦେହଗୁଡିକର ପୋଷ୍ଟମର୍ଟମ ପାଇଁ ପୁଲିସ ବ୍ୟବସ୍ଥା କରିଛି। ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୫୦ ହଜାର ଲେଖାଏ ଟଙ୍କା ଦେବାକୁ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସବୁ ମୃତକଙ୍କ ଘର କାସଗଞ୍ଜ ବୋଲି ପୁଲିସ କହିଛି। ଦୁଘଟଣାରେ ପୀଡିତଙ୍କୁ ଉଦ୍ଧାର କରିବା ପ୍ରକ୍ରିୟାରେ ସ୍ଥାନୀୟ ଲୋକ ସହଯୋଗ କରିଥିଲେ।

## ଏଲ୍‌ଭିଶ ଯାଦବଙ୍କ ଘରକୁ ଗୁଳି ମାରିବା ମାମଲାରେ ୨ ଗିରଫ

ଗୁରୁଗ୍ରାମ, ୨୫।୮ (ଏଜେନ୍ସି): ଗୁରୁଗ୍ରାମରେ ଜଣାଶୁଣା ୟୁଟ୍ୟୁବର ଏଲିଭିଶ ଯାଦବଙ୍କ ଘର ଉପରକୁ ଗୁଳିମାଡ ଘଟଣାରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଟିମ୍ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ସୁଟରଙ୍କୁ ଗିରଫ କରିଛି। ଏମାନେ ହେଲେ ଫରିଦାବାଦର ଗୌରବ ଓ ଆଦିତ୍ୟ। ଏମାନେ ଦିଲ୍ଲୀର ଶାହାବାଦ ଅଞ୍ଚଳରେ ଲୁଚି ରହିଥିଲେ। ଏହି ଦୁଇ ସୁଟର କୁଖ୍ୟାତ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ପାଇଁ କାର୍ଯ୍ୟ କରୁଥିଲେ। ଆମେରିକାର ରହି ଭାଉ ଏକ ସିଗ୍‌ନାଲ ଆପ୍ ମାଧ୍ୟମରେ ଏହି ଦୁଇ ସୁଟରଙ୍କ ସମ୍ପର୍କରେ ଆସିଥିଲା। ଅଗଷ୍ଟ ୧୭ରେ ଏଲଭିସ୍‌ଙ୍କ ଘର ଉପରକୁ ୨୪ ରାଉଣ୍ଡ ଫାୟାରିଂ ହୋଇଥିଲା। ଫଳରେ ଘରର କବାଟ, ଝରକା, ଛାତର ସିଲିଂରେ ଗୁଳିର ଚିହ୍ନ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟ କରିବାକୁ ଗୌରବ ଓ ଆଦିତ୍ୟଙ୍କୁ ୫୦ ହଜାର ଲେଖାଏ ଟଙ୍କା ମିଳିଥିଲା।

# ଗାଜା ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣ

- ୪ ସାମ୍ବାଦିକଙ୍କ ସମେତ ୨୦ ମୃତ
- ଏପର୍ଯ୍ୟନ୍ତ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି



ଗାଜା, ୨୫।୮ (ଏଜେନ୍ସି): ଗାଜା ଉପରେ ଇସ୍ରାଏଲ ପୁଣି ଆକ୍ରମଣ କରିଛି। ସୋମବାର ଗାଜାର ନାସେର ହସ୍ପିଟାଲ ଉପରେ ଇସ୍ରାଏଲର ଆକ୍ରମଣ ଫଳରେ ମୋଟ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୪ ଜଣ ସାମ୍ବାଦିକ ସାମିଲ ରହିଛନ୍ତି ବୋଲି ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଆସୋସିଏଟ ପ୍ରେସର ଜଣେ ଫ୍ରିଲାନ୍ସର ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଏହି ୨୨ ମାସର ଲଢ଼େଇରେ ଏପର୍ଯ୍ୟନ୍ତ ମୋଟ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି। ସେହିପରି ରୁଷିଆ- ୟୁକ୍ରେନ ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି। ଏହି ଆକ୍ରମଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କିଛି କହିବାକୁ ମନା କରିଦେଇଛି। ଏହାପୂର୍ବରୁ ସାହାଯ୍ୟ ପାଇଁ ୪ ଜଣ ପାଲେଷ୍ଟାଇନ୍ ନାଗରିକ ରବିବାର ଗାଜା ସିଟିର ଦକ୍ଷିଣରେ ଥିବା ମିଲିଟାରୀ ଜୋନ ଦେଇ ଯାଉଥିବା ବେଳେ ଇସ୍ରାଏଲ ସେନା ଗୁଳିରେ ପ୍ରାଣ ହରାଇଥିଲେ। ଏହି ଯୁଦ୍ଧ କାରଣରୁ ଗାଜାରେ ଜାତିସଂଘ ଦୁର୍ଭିକ୍ଷ ଘୋଷଣା କରିଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ୬୨, ୬୮ ୬ ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି। ଏପର୍ଯ୍ୟନ୍ତ କେବଳ ଖାଦ୍ୟ ଅଭାବରୁ ଅର୍ଥାତ ଅନାହରରେ ୨୮ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୧୫ ଜଣ ପିଲା ସାମିଲ ରହିଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

## ୧୯୭୧ ନରସଂହାର ପାଇଁ ପାକିସ୍ତାନ କ୍ଷମା ମାଗୁ: ବାଂଲାଦେଶ

ଢ଼ାକା, ୨୫।୮ (ଏଜେନ୍ସି): ୧୯୭୧ରେ ହୋଇଥିବାର ନରସଂହାର ପାଇଁ ପାକିସ୍ତାନ କ୍ଷମା ମାଗୁ ବୋଲି ବାଂଲାଦେଶ ପୁଣି ଥରେ କହିଛି। ପାକିସ୍ତାନ ଉପ- ପ୍ରଧାନମନ୍ତ୍ରୀ ତଥା ବିଦେଶ ମନ୍ତ୍ରୀ ମହମ୍ମଦ ଇସାକ ଡାର ବାଂଲାଦେଶ ଗସ୍ତରେ ଯାଇଥିଲେ। ସେତେବେଳେ ସେ ୧୯୭୧ରେ ହୋଇଥିବା ବିବାଦ ସମାଧାନ ହୋଇଛି ବୋଲି କହିଥିଲେ। କିନ୍ତୁ ବାଂଲାଦେଶ ପାକିସ୍ତାନର ଏହି ଦାବିକୁ ପ୍ରତ୍ୟାଖାନ କରିଛି। ପୁରୁଣା ବିବାଦର ସମାଧାନ ହେବା ପରେ ହିଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ହେବ ବୋଲି ସେ କହିଥିଲେ। ଡାରଙ୍କ ମନ୍ତବ୍ୟକୁ ଠିକ୍ ବୋଲି ସେ ମାନୁ ନଥିବା କଥା ବାଂଲାଦେଶ ବିଦେଶ ମନ୍ତ୍ରଣାଳୟର ପରାମର୍ଶଦାତା ତୌହିଦ ହୁସେନ ସ୍ପଷ୍ଟ କରିଛନ୍ତି। ଇସାକ ଡାର ଅଗଷ୍ଟ ୨୩ ଓ ୨୪ରେ ବାଂଲାଦେଶ ଗସ୍ତ କରି ଏହି କଥା କହିଥିଲେ। ଉଲ୍ଲେଖଥାଉ କି, ୧୯୭୧ରେ ବାଂଲାଦେଶରେ ପାକିସ୍ତାନ ସେନା ହଜାର ହଜାର ବାଂଲାଦେଶ ମହିଳାଙ୍କ ସହ ଦୁଷ୍କର୍ମ କରିଥିଲେ ଓ ନରସଂହାର କରିଥିଲା। ଏ ନେଇ ପାକିସ୍ତାନ ଦୁଇଥର କ୍ଷମା ମାଗି ସାରିଛି ବୋଲି ଇସାକ ଡାର କହିଥିଲେ। ଗତ ଗୋଟିଏ ବର୍ଷରେ ପାକିସ୍ତାନର ୩ ଜଣ ମନ୍ତ୍ରୀ ବାଂଲାଦେଶ ଗସ୍ତ କରି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ପ୍ରୟାସ କରିଛନ୍ତି।

# ମେଡିକାଲ କଲେଜ ନାମଲେଖାରେ ବି ଜାଲିଆତି



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଦେଶର ମେଡିକାଲ କଲେଜଗୁଡିକରେ ନାମଲେଖାରେ ବଡ଼ ଧରଣର ଦୁର୍ନୀତି ହୋଇଛି। ଜାଲ ଦସ୍ତାବିଜ୍ ଜାଲ ପରିବାର ଓ ଜାଲ ପ୍ରମାଣପତ୍ର। ଏମ୍‌ବିବିଏସ୍ ଆଡମିସନରେ ଏଭଳି ଜାଲିଆତି ହୋଇଥିବାର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। କଲେଜଗୁଡିକରେ ଚଢ଼ାଉ କରିବା ପରେ ଇଡିର ଯାଞ୍ଚରେ ବହୁ ତଥ୍ୟ ସାମ୍ନାକୁ ଆସିଛି। ନକଲି ପ୍ରବାସୀ ଭାରତୀୟ (ଏନ୍‌ଆରଆଇ) କାଗଜପତ୍ର ଦେଇ ବହୁ ସଂଖ୍ୟାରେ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖାଯାଇଛି। ଘରୋଇ ମେଡିକାଲ କଲେଜଗୁଡିକରେ ନକଲି ଏନ୍‌ଆରଆଇ ପ୍ରମାଣପତ୍ର ସହ ୧୮ ହଜାର ସିଟ୍‌ରେ ନାମଲେଖା ହୋଇଛି। ବୈଦେଶିକ ମନ୍ତ୍ରଣାଳୟ ଓ ଭାରତୀୟ ଦୂତାବାସର ସହଯୋଗରେ ଇଡି ବହୁ ତଥ୍ୟ ହାସଲ କରିଛି। ଏଜେଣ୍ଟ ଓ ବିଭିନ୍ନ କଲେଜ ସହ ମିଶି ଏହି ଦୁର୍ନୀତି କରିଛନ୍ତି। କଲେଜଗୁଡିକ ଏଜେଣ୍ଟମାନଙ୍କୁ ପଇସା ଦେଇ ନିକଲି ଏନ୍‌ଆରଆଇ ପ୍ରମାଣପତ୍ର ପ୍ରସ୍ତୁତ କରିଛନ୍ତି। ଦୂତାବାସ ସହିତ ଜଡିତ ନକଲି ଏନ୍‌ଆରଆଇ କାଗଜପତ୍ର ଓ ପରିବାର ସମ୍ପର୍କରେ ନକଲି କାଗଜ ମିଳିମିଶି ପ୍ରସ୍ତୁତ କରାଯାଇଥିବାର ପ୍ରମାଣ ଇଡିର ହସ୍ତଗତ ହୋଇଛି। ଏପରିକି ଭିନ୍ନ ଭିନ୍ନ ଛାତ୍ରମାନଙ୍କ ପାଇଁ ଗୋଟିଏ ପ୍ରକାର ପ୍ରମାଣପତ୍ର ବ୍ୟବହାର କରାଯାଇଛି।

**ନକଲି ଦସ୍ତାବିଜ, ନକଲି ପରିବାର**
**ନକଲି ଏନ୍‌ଆରଆଇ ପ୍ରମାଣପତ୍ର**
**୧୮ ହଜାର ସିଟ୍‌ରେ ଆଡ୍‌ମିସନ**


ଏହି ରାକେଟ୍‌ରେ କେତେଜଣ ପ୍ରକୃତ ଏନ୍‌ଆରଆଇ ପ୍ରାର୍ଥୀ ମଧ୍ୟ ସାମିଲ ରହିଛନ୍ତି। ଏଥିପାଇଁ ଏଜେଣ୍ଟମାନେ ତାଙ୍କୁ ବହୁ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। କଲେଜଗୁଡିକ ଉପରେ ଚଢ଼ାଉ କରିବା ପରେ ଇଡି ବହୁ ପରିମାଣର ନକଲି ଏନ୍‌ଆରଆଇ କାଗଜପତ୍ର ଓ ଆମେରିକାର କାର୍ଯ୍ୟକରୁଥିବା ନୋଟାରୀ ଅଧିକାରୀଙ୍କ ନକଲି ଷ୍ଟାମ୍ପ ଜବତ କରିଛି। ନିୟମ ଅନୁସାରେ ଏନ୍‌ଆରଆଇ କୋଟାରେ ନାମଲେଖାଇ ଥିବା ଛାତ୍ରଙ୍କର ଫିସ୍ ତାଙ୍କ ଏନ୍‌ଆରଆଇ ସମ୍ପର୍କୀୟ ଦେଇଥାନ୍ତି। କିନ୍ତୁ ଏହି ଫିସ୍ ଏନ୍‌ଆରଆଇଙ୍କ ପରିବାର ନୁହଁ ବରଂ ଭାରତରେ ରହୁଥିବା ଅନ୍ୟ ଲୋକମାନେ ପୈଠ କରିଥିବାରୁ ଯାଞ୍ଚରୁ ଜଣାପଡ଼ିଛି। ତେଣୁ ଏହି ମାମଲାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଜଣାପଡ଼ିଛି। ଏହି ଦୁର୍ନୀତିରେ ସାମିଲ ଥିବା କଲେଜ ଓ ଏଜେଣ୍ଟଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇଡି ଅଧିକାରୀ କହିଛନ୍ତି। ଏହି ଦୁର୍ନୀତି ନେଇ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟର କଲେଜଗୁଡିକୁ ଅବଗତ କରାଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ନଥିଲେ ଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ବୋଲି ଇଡ୍ ତରଫରୁ କୁହାଯାଇଛି।

## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସି ବିଧାୟକ ଗିରଫ

କୋଲକାତା, ୨୫।୮ (ଏଜେନ୍ସି): ବିଦ୍ୟାଳୟ ଶିକ୍ଷକ ଭର୍ତ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ବିଧାୟକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗରିଫ କରିଛି। ମୁର୍ସିଦାବାଦ ଜିଲ୍ଲାର ବୁରୱାନ ନିର୍ବାଚନ ମଣ୍ଡଳୀର ଏହି ବିଧାୟକ ଜୀବନ କ୍ରିଷ୍ଣା ଶାହାଙ୍କୁ ଏସ୍‌ଏସ୍‌ସି ସହାୟକ ଶିକ୍ଷକ ଭର୍ତ୍ତି ମାମଲାରେ ଇଡି ତାଙ୍କ ବାସଭବନରୁ ଗିରଫ କରିଛି। ଇଡି ପହଞ୍ଚିବା ପୂର୍ବରୁ ତାଙ୍କୁ ଖବର ମିଳିଯାଇଥିଲା। ତେଣୁ ସେ ପାଚେରୀ ଡେଇଁ ପଳାଇବାକୁ ପ୍ରୟାସ କରିଥିଲେ। ସେ ନିଜ ମୋବାଇଲ ଫୋନ୍ ନାଳରେ ପକାଇଦେଇଥିଲେ। ତେବେ ଇଡି ଏହାକୁ ଜବତ କରିଛି। ତାଙ୍କ ଗିରଫ କରାଯିବାର କିଛି ଚିତ୍ର ସାମ୍ନାକୁ ଆସିଛି। କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନି ଲଣ୍ଡ୍ରିଂ ମାମଲାରେ ଶାହା, ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆସିଛି। ଏବେ ତାଙ୍କୁ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବ ଓ ତଦନ୍ତ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବା ପାଇଁ ଅପିଲ କରାଯିବ। ଶିକ୍ଷକ ଭର୍ତ୍ତି ମାମଲାରେ ବୀରଭୂମ୍‌ର ଜଣେ ବ୍ୟକ୍ତିଙ୍କ ସହ ଶାହା ଅର୍ଥ ନେଣଦେଣ କରିବାର ସୂଚନା ପାଇବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଡି ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କ ବୀରଭୂମ୍‌ସ୍ଥିତ ଘରେ ଚଢ଼ାଉ କରିଥିଲା। ଏହା ପୂର୍ବରୁ ଇଡି ଶାହାଙ୍କ ପତ୍ନୀଙ୍କୁ ମଧ୍ୟ ପଚରାଉଚରା କରିଥିଲା। ଉଲ୍ଲେଖଥାଉ କି, ୨୦୨୩ରେ ଶାହାଙ୍କୁ ଏହି ମାମଲାରେ ସିବିଆଇ ଗିରଫ କରିଥିଲା। କିନ୍ତୁ ତାଙ୍କୁ ପରେ ଛାଡି ଦିଆଯାଇଥିଲା। ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସହାୟକ ଓ ପ୍ରାଥମିକ ଶିକ୍ଷକ ଭର୍ତ୍ତି ମାମଲାରେ ଯାଞ୍ଚ କରିବାକୁ କୋଲକାତା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଇଡି ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ ଓ ଅନ୍ୟତମ ଟିଏମ୍‌ସି ବିଧାୟକ ପଶ୍ଚିମବଙ୍ଗ ପ୍ରାଥମିକ ଶିକ୍ଷା ବୋର୍ଡର ପୂର୍ବତନ ଅଧକ୍ଷ ମାଣିକ ଭଟାଚାର୍ଯ୍ୟଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା।

**ପାଚେରି ଡେଇଁ ପଳାଉଥିଲେ; ଧରିଲା ଇଡି**

## ଧନଖଡ଼ଙ୍କ ସଂପର୍କରେ ମୁହଁ ଖୋଲିଲେ ଅମିତ ଶାହ



ନୂଆଦିଲ୍ଲୀ, ୨୫।୮: ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନେଇ ମୁହଁ ଖୋଲିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି। ଇସ୍ତଫା ପରେ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ବିରୋଧୀ ଦଳ ଯାହା ଅଭିଯୋଗ କରୁଛନ୍ତି, ତାହା ସଂପୂର୍ଣ୍ଣ ମିଛ। ଏଥିରେ ଟିକିଏ ମାତ୍ର ସତ୍ୟତା ନାହିଁ ବୋଲି କହିଛନ୍ତି ଶାହ। ଏଏନ୍‌ଆଇକୁ ଦେଇଥିବା ଏକ ସାକ୍ଷାତକାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହିତ କହିଛନ୍ତି ଯେ ଧନଖଡ଼ଙ୍କୁ ନେଇ ବିରୋଧୀ ଦଳ ଅଯଥାରେ ବିବାଦ ସୃଷ୍ଟି କରୁଛନ୍ତି। ନିଜ ଇସ୍ତଫାପତ୍ରରେ ଧନଖଡ଼ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି, ତାଙ୍କର ସ୍ୱସ୍ଥ୍ୟ ଠିକ୍ ନୁହେଁ। ପୁଣି ଏହି ପତ୍ରରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କୁ ନେଇ ବିରୋଧୀ ଦଳମାନେ ଯାହା ପ୍ରଚାର କରୁଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ।

ଲୋକସଭାରେ ଆଗତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏହାକୁ ନେଇ କାହିଁକି ବିବାଦ ସୃଷ୍ଟି କରାଯାଉଛି ତାହା ସେ ବୁଝି ପାରୁ ନାହାନ୍ତି। ରାଜନୀତିରେ ନୈତିକତାର ସ୍ତର ବୃଦ୍ଧି କରିବା ଲାଗି ଏହା ଉଦ୍ଦିଷ୍ଟ। ଦୁର୍ନୀତି ଓ ଅନ୍ୟ ଅପରାଧ ଅଭିଯୋଗରେ ଗିରଫ ହୋଇ ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କି ଅନ୍ୟ କେଉଁ ମନ୍ତ୍ରୀ ସେମାନେ ପଦ ହରାଇବେ। ଏଥିରେ ଅସୁବିଧା କଣ? ଜେଲରୁ ରହି ସରକାର ଚଳାଇବା ଠିକ୍ ନୁହେଁ। ନିଜର ଉଦାହରଣ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ, ୨୦୧୦ରେ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ଏକ ମିଥ୍ୟା ମାମଲାରେ ତାଙ୍କୁ ଫସାଯାଇଥିଲା। ଏହି ମାମଲାରେ ସିବିଆଇ ସମନ୍ ପାଇବା କ୍ଷଣି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। କେବଳ ଏତିକି ନୁହେଁ, ଏହି ମାମଲାରେ ଦୋଷମୁକ୍ତ ନାହେବା ପର୍ଯ୍ୟନ୍ତ ସେ କୌଣସି ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିନଥିଲେ। ସେ କହିଲେ ଯେ ଅପରାଧୀଙ୍କୁ ଅଯୋଗ୍ୟ ଘୋଷିତ କରିବା ଲାଗି ମନମୋହନ ସରକାର ଏକ ଅଧ୍ୟାଦେଶ ଆଣିଥିଲେ। ଏହି ଅଧ୍ୟାଦେଶକୁ ରାହୁଲ ଗାନ୍ଧୀ ବିରୋଧ କରିବା ସହିତ ଏହାର କପିକୁ ଚିରି ଦେଇଥିଲେ। ଏବେ ଏଭଳି ବିଲକୁ ସେ କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶାହ।

## ୩ବର୍ଷର ଶିଶୁ ସହ ଜଳିଗଲେ ଅଧ୍ୟାପିକା



ଯୋଧପୁର, ୨୫।୮: ନୋଏଡ଼ାରେ ଯୌତୁକ ପାଇଁ ସ୍ୱାମୀ ଓ ଶାଶୂ ଜଣେ ମହିଳାଙ୍କୁ ନିଆଁ ଲଗାଇ ହତ୍ୟା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ। ଯୌତୁକ ନିର୍ଯାତନାର ଶିକାର ଜଣେ ଅଧ୍ୟାପିକା ନିଜ ୩ ବର୍ଷର ଶିଶୁକନ୍ୟା ସହିତ ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ଦେଉଥିବା ନିର୍ଯାତନା ଅସହ୍ୟ ହୋଇପଡ଼ିବାରୁ ସେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସଂଜୁ ବିଷ୍ଣୋଇ ନାମକ ଏହି ମହିଳା ଜଣକ ଏକ କଲେଜରେ ଅଧ୍ୟାପିକା ଥିଲେ। ଗତ ଶୁକ୍ରବାର ଦିନ ସେ କଲେଜରୁ ଫେରିଥିଲେ। ଏହାପରେ ନିଜ ଶିଶୁ କନ୍ୟାକୁ ଧରି ଏକ ଚୌକିରେ ବସିପଡ଼ିଲେ। ନିଜ ଓ ଶିଶୁ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏହି ସମୟରେ ଘରେ କେହି ନଥିଲେ। ଘରୁ ନିଆଁ ଓ ଧୂଆଁ ବାହାରୁ ଥିବା ଦେଖି ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଂଚିଲା ବେଳକୁ ଝିଅର ମୃତ୍ୟୁ ଘଟିଥିଲା। ସଂଜୁଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ତଦନ୍ତ ଆରମ୍ଭ କରିଛି। ଶାଶୂ ଘର ଲୋକଙ୍କ ବିରୋଧରେ ସଞ୍ଜୁଙ୍କ ପିତା ମଧ୍ୟ ଥାନାରେ ମାମାଲା ରୁଜୁ କରିଛନ୍ତି। ଝିଅକୁ ଆତ୍ମହତ୍ୟା ପାଇଁ ଉସକାଇଥିବାର ସେ ଅଭିଯୋଗ ଆଣିଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ମହଙ୍ଗା ହେଲା ଦିଲ୍ଲୀ ମେଟ୍ରୋ ଯାତ୍ରା

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଦିଲ୍ଲୀ ମେଟ୍ରୋର ଯାତ୍ର ସୋମବାରଠାରୁ ମହଙ୍ଗା ହୋଇଛି। ଦିଲ୍ଲୀ ମୋଟ୍ରୋ ରେଲ୍ କର୍ପୋରେସନ (ଡିଏମ୍‌ଆରସି) ଅଗଷ୍ଟ ୨୫ରୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ଟିକଟ ମୂଲ୍ୟରେ ବୃଦ୍ଧି କରିଛି। ସାଧାରଣ ରୁଟ୍‌ରେ ଭଡା ୧ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୩୨ କିମିରୁ ଊର୍ଦ୍ଧ୍ୱ ପଥ ଯାତ୍ରା ପାଇଁ ଭଡାରୁ ୬୦ରୁ ୬୪ ଟଙ୍କା କରାଯାଇଛି। ୮ ବର୍ଷ ପରେ ମେଟ୍ରୋ ରେଲ୍‌ରେ ଭଡା ବୃଦ୍ଧି କରାଯାଇଛି। ଦୂରତା ଅନୁସାରେ ଭଡା ବୃଦ୍ଧି ହୋଇଛି। ସବୁଠାରୁ ଦୀର୍ଘ ପଥ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୬୪ ଓ ୨ କିମି ପର୍ଯ୍ୟନ୍ତ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୧୧ ଟଙ୍କା ଦେବାକୁ ହେବ।

## ଲକ୍ଷ୍ନୌରେ ଶୁଭାଂଶୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲକ୍ଷ୍ନୌ, ୨୫।୮ (ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତରୀକ୍ଷରୁ ଫେରିବା ପରେ ୪୧ ଦିନ ପରେ ଲକ୍ଷ୍ନୌରେ ପହଞ୍ଚିଛନ୍ତି। ତାଙ୍କ ସହ ପତ୍ନୀ କାମନା ଓ ୬ ବର୍ଷର ପୁଅ କିଆଂଶ ମଧ୍ୟ ସାଥିରେ ଥିଲେ। ବିମାନ ବନ୍ଦରରେ ମହକାଶଚାରୀ ପୋଷାକ ପିନ୍ଧି ପିଲାମାନେ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଉପ- ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ। ହଜାର ହଜାର ଲୋକ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ। ଢୋଲ ଓ ବାଜା ବଜାଇବା ସହ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ 'ଭାରତ ମାତାକି ଜୟ' ଧ୍ୱନୀରେ ବିମାନ ବନ୍ଦରରେ ପ୍ରକମ୍ପିତ ହୋଇଥିଲା।

## ଏକଜଷ୍ଟ ପଙ୍ଖା କଣାରୁ ଭିଡିଓ ରେକର୍ଡିଂ କରାଯାଇଥିଲା

**କୋଲକାତା ଲ' କଲେଜ ଦୁଷ୍କର୍ମ ମାମଲା**
**୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

କୋଲକାତା, ୨୫।୮ (ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଲ' କଲେଜ ଛାତ୍ରୀ ଦୁଷ୍କର୍ମ ମାମଲାରେ ୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ ଦୁଷ୍କର୍ମ ଏକାଧିକ ଭିଡିଓ ଉତ୍ତୋଳନ କରି ଛାତ୍ରୀଙ୍କୁ ବ୍ଲାକମେଲ କରାଯାଉଥିଲା ବୋଲି ଉଲ୍ଲେଖ କରାଯାଇଛି। ଛାତ୍ରୀଙ୍କର ମେଡିକାଲ ପରୀକ୍ଷାରେ ଦୁଷ୍କର୍ମ କରାଯାଇଥିବା ନିଶ୍ଚିତ ହୋଇଛି। ଅଭିଯୁକ୍ତର ଡିଏନ୍‌ଏ ଫରେନସିକ ସାମ୍ପଲ ସହ ମେଳ ଖାଉଛି ବୋଲି ପୁଲିସକୁ ପ୍ରମାଣ ମିଳିଛି। ଗତ ଜୁନ୍ ୨୫ରେ ଦକ୍ଷିଣ କୋଲକାତା ଲ କଲେଜ କ୍ୟାମ୍ପସରେ ମନୋଜିତ ମିଶ୍ରା ନାମକ ଜଣେ ବ୍ୟକ୍ତି ଓ ତା'ର ୨ ଜଣ ସାଥି ଜେବ ଅହମ୍ମଦ, ପ୍ରମିତ ମୁଖାର୍ଜୀ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ। ଏହି ମାମଲାରେ ପିନାକି ବାନାର୍ଜୀ ନାମକ ଜଣେ ସିକ୍ୟୁରିଟି ଗାର୍ଡ ମଧ୍ୟ ସାମିଲ ରହିଥିଲା। ଚାର୍ଜସିଟ୍‌ରେ ଏହି ୪ ଜଣଙ୍କୁ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତମାନେ ପୀଡିତାଙ୍କୁ ଘୋସାଡି ବନ୍ଧକ ରଖୁଥିବାର ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ମୋବାଇଲ୍‌ରେ ପୀଡିତାଙ୍କ ବହୁ ଆପତ୍ତିଜନକ ଭିଡିଓ ଉଦ୍ଧାର କରାଯାଇଛି। କାନ୍ଥରେ ଲାଗିଥିବା ଏକ୍‌ଜଷ୍ଟ ପଙ୍ଖାର ଗାତରେ କ୍ୟାମେରା ଲଗାଇ ଅଭିଯୁକ୍ତମାନେ ଭଡିଓ ଉତ୍ତୋଳନ କରିଥିଲେ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି। ଭିଡିଓରେ ଥିବା ଅଭିଯୁକ୍ତିମାନଙ୍କ ସ୍ୱର ସହ ନମୁନା ମେଳଖାଉଛି। ଘଟଣାସ୍ଥଳରେ ହିଁ ଅଭିଯୁକ୍ତର ମୋବାଇଲ ଫୋନ ଲୋକେଶନ ରହିଥିଲା। ସିକ୍ୟୁରିଟି ଗାର୍ଡଜଣକ ଏହି ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେବା ବଦଳରେ ଗାର୍ଡ ରୁମ୍‌ରେ ଚାବି ପକାଇଥିଲେ। ତେଣୁ ଚାର୍ଜସିଟ୍‌ରେ ତାଙ୍କ ନାମ ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉ କି, ଏହି ଘଟଣା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରା ବିଭିନ୍ନ ମାମଲାରେ ୮ଥର ଗିରଫ ହୋଇଥିଲେ ମଧ୍ୟ ତାକୁ ବନ୍ଧୁମାନେ ଜାମିନରେ ବାହର କରିଥିଲେ। ମନୋଜିତ ଏହି ଲ କଲେଜର ପୂର୍ବତନ ଛାତ୍ର ଓ ସେ ଚୁକ୍ତିଭିତ୍ତିରେ କଲେଜରେ କାମ କରୁଥିଲା। ସେ ୨୦୧୨ରେ ଲ କଲେଜ ଛାତ୍ରସଂଘର ସାଧାରଣ ସମ୍ପାଦକ ରହିଥିଲେ। ସେ ମଧ୍ୟ ତୃଣମୂଳ କଂଗ୍ରେସର ଦକ୍ଷିଣ କୋଲକାତା ସଂଘର ସମ୍ପାଦକ ଥିଲେ।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ

ପୁରୀ,୨୫।୮ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇ ଜଗମୋହନରେ ବିଜେ ହୋଇଥିଲେ। ସେଠାରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା। ହରଚଣ୍ଡୀ ସାହିବାସୀ ଏହି ଲୀଳା ପ୍ରସ୍ତାବ ଆଗତ କରିଥିଲେ। ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାପ୍ରଭୁ କୃଷ୍ଣ ଅବତାରରେ ଗୋପୀମାନଙ୍କ ସହିତ ଲୀଳା କରୁଥିଲେ। ସେତେବେଳେ ଗୋପୀମାନେ ନିକୁଞ୍ଜ ବା ଲତାକୁଞ୍ଜରେ ରାଧାକୃଷ୍ଣଙ୍କୁ ବସାଇ ବିଭିନ୍ନ ପ୍ରକାର ଫୁଲରେ ସଜାଇ ତାଙ୍କ ସହିତ ଲୀଳା କରୁଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି।

## ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ

ପୁରୀ,୨୫।୮ (ସମିସ): ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଗତ ଶୁକ୍ରବାରଠାରୁ ଭଙ୍ଗା ଆରମ୍ଭ ହୋଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଥିଲା। ରବିବାର ଦେବଦଳନ ରଥ ଭଙ୍ଗା ସମ୍ପୂର୍ଣ୍ଣ ହେବା ପରେ ସୋମବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୯ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି। ଉପରଆଡୁ ରଥ ଭଙ୍ଗା ଯାଉଛି। ସୋମବାର ସୁଦ୍ଧା ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଦୁଆରବେଢ଼ା ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀ ଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ତାଳଧ୍ୱଜ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ତାଳଧ୍ୱଜ ରଥ ଭଙ୍ଗାଯିବା ପରେ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ଼, ଗୁଜ ଓ ଚକକୁ ଷ୍ଟୋର୍ ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ।

### ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀ ସମ୍ମିଳନୀ

# ପୁରୀ ବିମାନବନ୍ଦର ହେବ ବିଶ୍ୱର ଆଧ୍ୟାତ୍ମିକ ଦ୍ୱାରପଥ

ଭୁବନେଶ୍ୱର,୨୫।୮ (ସମିସ): ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି। ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି



ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରକ୍ଷଣାବେକ୍ଷଣ ଉତ୍କର୍ଷ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ ବୋଲି କହିଛନ୍ତି। ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ 'ପ୍ରୋଗ୍ରେସିଭ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି' ଆଣିବାପାଇଁ ଯାଉଛନ୍ତି। ଏହି ନୀତି ଅନୁସାରେ ରାଜ୍ୟ ବିମାନ ବନ୍ଦରମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟରେ ଅବ୍ୟବହୃତ ଅବସ୍ଥାରେ ଥିବା ବିମାନପଥଗୁଡ଼ିକୁ ବିମାନବନ୍ଦର ରୂପେ ବିକଶିତ କରାଯିବ। ଏହି ଆଧାରରେ ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ କ୍ୟାଡେଟ୍ ପାଇଲଟ ପ୍ରୋଗ୍ରାମ ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରୋଗ୍ରାମ ଅଧିନରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ। ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍ଆରଓ ସେବାଦାତା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ବଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆରଓ ସୁବିଧା ସ୍ଥାପିତ ହେବ। ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ

**ଓଡ଼ିଆ ଆଦିବାସୀ ଝିଅଙ୍କୁ ପାଇଲଟ୍ ହେବାକୁ ଦିଆଯିବ ତାଲିମ୍**

ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କ୍ସ ସହିତ ମଧ୍ୟ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖିଥିଲେ।

**କୂଳ ଲଙ୍ଘିଲା ବୈତରଣୀ**

# ୪ ପଞ୍ଚାୟତରେ ବନ୍ୟା ସ୍ଥିତି ଗମ୍ଭୀର

ଭଦ୍ରକ/ଆରଡି, ୨୫।୮ (ସମିସ): ଭଦ୍ରକ ଆଖୁଆପଦା ଆନିକଟରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇବା ପରେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଧାମନଗର ଓ ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ଗାଁରେ ବନ୍ୟାପାଣି ପ୍ରବେଶ କରିଛି। ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ଲୋକଙ୍କ ଘରେ ଓ ଚାଷ ଜମିରେ ବନ୍ୟାପାଣି ପଶିଥିବା ବେଳେ ବୋଡ଼କ ନିକଟରେ ବୈତରଣୀ କୂଳ ଲଙ୍ଘିଛି। ଆଖଣ୍ଡଳମଣି-





- ନଦୀକୁ ଧସିଲା ୮୦ ଫୁଟ ସୁରକ୍ଷାବନ୍ଧ
- ରାଜପଥ ଉପରେ ୪ ଫୁଟ୍‌ର ପାଣି
- ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ
- ଶହଶହ ଏକର ଚାଷଜମି ଜଳମଗ୍ନ

କୁଆଖିଆ ୨୦ନଂ. ଜାତୀୟ ରାଜପଥର ପାଖାପାଖି ଦେଢ଼ କିମି ରାସ୍ତାରେ ୩/୪ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ଯୋଗୁଁ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଦୋହରା ପାଟଣାଠାରେ ନଦୀକୁ ୮୦ ଫୁଟ୍‌ର ସୁରକ୍ଷା ବନ୍ଧ ଧସି ଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତାହାର ମରାମତି କରାଯାଉଛି। ସେହିପରି, ବୋଡକ ତଳିଆ ଅଞ୍ଚଳ ସହ ମୁଆଁ, ସନ୍ତରା ଆଦି ୧୪ଟି ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି। ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଥିବା ବେଳେ ଗୃହପାଳିତ ପଶୁ ଗାଁ ଦାଣ୍ଡ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ବନ୍ୟାଞ୍ଚଳ ବୁଲି ଦେଖିବା ସହ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର ସହାୟତା ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ, ଆରଡି-ଚାନ୍ଦବାଲି ରାସ୍ତାର ମୁଖ ଘୋଷରାରେ ୩/୪ଫୁଟ୍ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଆରଡି-ଧାନଖଣିଆ ରାସ୍ତାର ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

### ବାରିପଦାରେ ନିଆରା ପୂଜା

# ୨୦ ହଜାର ନାଲି ଟିକିଲିରେ ଗଣେଶ ମୂର୍ତ୍ତି

ବାରିପଦା, ୨୫।୮ (ସମିସ): ୨୦ହଜାର ନାଲି ଟିକିଲିରେ ତିଆରି ଚାଲିଛି ଗଜାନନଙ୍କ ମୂର୍ତ୍ତି। ମେଢ଼ରେ ରାଫେଲ୍, ଏସ-୪୦୦ ଓ ବ୍ରହ୍ମୋସ୍ ଭଳି ଅସ୍ତ୍ରଶସ୍ତ୍ରର ନକଲ। ବାରିପଦାର 'ଫ୍ରେଣ୍ଡସ ୟୁନିୟନ୍' ପକ୍ଷରୁ ତୁଳସୀଚଉରାଠାରେ ଏପରି ନିଆରା ଗଣେଶ ପୂଜା ପାଇଁ ସଜବାଜ ଚାଲିଛି। କ୍ଲବର ମୁଖ୍ୟ ପ୍ରତିଷ୍ଠାତା ସୌମ୍ୟରଞ୍ଜନ

**ମେଢ଼ରେ ଅପରେସନ୍ 'ସିନ୍ଦୂର'ର ଅସ୍ତ୍ରଶସ୍ତ୍ର**

ମିଶ୍ରଙ୍କ ଅଧ୍ୟକ୍ଷତାରେ ଦୀର୍ଘ ୧୮ ବର୍ଷ ଧରି ହୋଇଆସୁଥିବା ପୂଜା ଏଥର ୧୯ବର୍ଷରେ ପଦାର୍ପଣ କରବି। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ ପ୍ରଚ୍ଛଦପଟ ଗାୟକ ହ୍ୟୁମାନ ସାଗର ଓ ତାଙ୍କ ଟିମ୍ ମନୋରଂଜନର ଭରପୂର୍ ଖୋରାକ୍ ଯୋଗାଇବେ। ସେହିପରି ୩ଦିନ ଧରି ମୁମ୍ବଇ, ନୂଆଦିଲ୍ଲୀ ଆଦି ମହାନଗରୀର ଜାତୀୟ ନୃତ୍ୟଶିଳ୍ପୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହେବ। ସୋନି ଟିଭିର ଇଣ୍ଡିଆ ବେଷ୍ଟ ଡ୍ୟାନ୍ସର୍ ଅଙ୍କିତ ଚୌହାନ ମଧ୍ୟ ବିଚାରକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଭାପତି ଶ୍ରୀ ମିଶ୍ରଙ୍କ ସମେତ ସମ୍ପାଦକ ଦେବାଶିଷ ଦାଶ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ଓ ପୂଜାର କର୍ମକର୍ତ୍ତା ବୀରେନ୍ଦ୍ର ନାଥ,



ବିଦ୍ୟାଧର ନାୟକ, ମନୋଜ ବାରିକ, ରମାକାନ୍ତ ଥାଟେଇ, ପବିତ୍ର ଗିରି, ନିହାର ରଞ୍ଜନ ନାୟକ, ଚାନ୍ଦ ମୁଲ୍ଲା, ସେକ ଆୟୁବ, ଶୁଭ୍ରାଂଶୁ ଶେଖର ସାହୁ, ଶିବଶଙ୍କର ବେହେରା, ସନୋଜ ମହାପାତ୍ର, ରାହୁଲ ସିଂ, ରବି ସିଂ, ଭଗବାନ ବେହେରା, ସଞ୍ଜୟ ସିଂ ପ୍ରମୁଖ ସହଯୋଗ କରୁଛନ୍ତି।

## ସୋମବାର ସୁଦ୍ଧା ୧୮ .୫ ଲକ୍ଷ ଚାଷୀ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୨୫।୮ (ସମିସ): ଆସନ୍ତା ଖରିଫ ଋତୁ ପାଇଁ ସୋମବାର ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀ ପଞ୍ଜୀକରଣରେ ରାଜ୍ୟରେ ଏହା ସର୍ବକାଳୀନ ରେକର୍ଡ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଛି। ଏହାକୁ ବିଚାରକୁ ନେଲେ ଆଜି ଆହୁରି ଲକ୍ଷେରୁ ଦେଢ଼ଲକ୍ଷ ଚାଷୀ ପଞ୍ଜୀକରଣ ସମ୍ଭାବନା ରହିଛି। ଗତବର୍ଷ ରାଜ୍ୟରେ ମୋଟ ୧୭ଲକ୍ଷ ୫୦ହଜାର ୪୬୨ଚାଷୀ ପଞ୍ଜୀକରଣ କରିଥିଲେ ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି। ଧାନବିକ୍ରିରେ ମିଡଲ୍‌ମ୍ୟାନ୍ ଫାଇଦା ନନେବାକୁ ଏବର୍ଷ ଇ-କେୱାଇସି ବ୍ୟବସ୍ଥା କରାଯାଇଥିଲା। ତେବେ ପଞ୍ଜୀକରଣ ବେଳେ ସମସ୍ୟା ଉପୁଜିବାରୁ ଆମେ ସେଲଫ୍ ଡିକ୍ଲାରେସନ୍ ବ୍ୟବସ୍ଥା କଲୁ। ଯେଉଁଥିପାଇଁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଖରିଫ୍ ପଞ୍ଜୀକରଣ ପାଇଁ ସରକାର ଚଳିତଥର ଆପଣାଇଥିବା ବ୍ୟବସ୍ଥାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଚାଷୀମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବାକୁ ବାଧ ହୋଇଥିଲେ।

## ବଜ୍ରପାତରେ ବାପ ମୃତ; ଅଳ୍ପକେ ବର୍ତ୍ତିଲେ ପୁଅ

ବଡ଼ଚଣା, ୨୫।୮ (ସମିସ): ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ଗ୍ରାମର କୈଳାସ ଚନ୍ଦ୍ର ନାୟକ (୭୨) ଓ ତାଙ୍କ ପୁଅ ପ୍ରଶାନ୍ତ କୁମାର ନାୟକ(୪୨) ଆଜି ଦିନ ପ୍ରାୟ ୨ଟାରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଆଘାତ ପାଇ କୈଳାସ ତଳେ ପଡ଼ି ଛଟପଟ ହେଉଥିବା ବେଳେ ପ୍ରଶାନ୍ତ ଲୋକମାନଙ୍କୁ ଡାକ ପକାଇଥିଲେ। ଗୁରୁତର କୈଳାଶଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ବଡ଼ଚଣା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ କୈଳାଶଙ୍କ ଶବ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଝିଆରୀକୁ ବଞ୍ଚାଇବାକୁ ଯାଇ ବଡ଼ବାପା ମୃତ

ତୁରୁମୁଙ୍ଗା,୨୫।୮ (ସମିସ): ଲୁଗା ଶୁଖାଇବା ବେଳେ ଅଘଟଣ। ଝିଆରୀକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ବଡ଼ବାପାଙ୍କ ମୃତ୍ୟୁ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚିନାମାଳିପଶି ଗ୍ରାମର ତଣ୍ଡିଆ ସାହିରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଦୁର୍ଯ୍ୟୋଧନ ବେହେରା। ଆଜି ସକାଳେ ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ଘର ବାହାରେ ଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ତାରଟି କୌଣସି କାରଣରୁ ଘରକୁ ଆସିଥିବା ମେନ୍-ଲାଇନ୍ ସଂସ୍ପର୍ଶରେ ଆସିଥିଲା। ଅଞ୍ଜଳି ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ଦେଖି ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଦୁଃଶାସନ ତାକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିବା ବେଳେ ଅଞ୍ଜଳି ଓ ଦୁଃଶାସନ ଗୁରୁତର ଆହତ ହୋଇଥିଲେ।

## ସରକାରଙ୍କ ବିଫଳତା ଲୁଚାଇବାକୁ ବିଜେପି ବିଧାୟକଙ୍କ ଅବାଞ୍ଛିତ ମନ୍ତବ୍ୟ: ବିଜେଡି

ଭୁବନେଶ୍ୱର,୨୫।୮ (ସମିସ): ବିଜେପି ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଦେଇଥିବା ଅରୁଚିକର ଓ ଅଶାଳୀନ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ସରକାରଙ୍କ ବିଫଳତା ଲୁଚାଇବାକୁ ସେ ଅବାଞ୍ଛିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଡ. ଲେନିନ୍ ମହାନ୍ତି କହିଛନ୍ତି। ବିଜେପିର ଏଭଳି କୁତ୍ସିତ ଉଦ୍ୟମକୁ ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ୨୦୨୭ ମସିହାରେ



ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଓ ୨୦୨୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ସଫଳତା ହାସଲ କରିବ ବୋଲି ଉଭୟେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟେ ଆସ୍କା ବିଧାୟକ ସରୋଜ ପାଢ଼ୀ ଓ ବିଜେପି ଉପରେ ବର୍ଷିଥିଲେ।

ଶ୍ରୀ ପଣ୍ଡା କହିଥିଲେ ଯେ ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆଖେଳ ଭଳି ଘୃଣ୍ୟ କାମରେ ଲିପ୍ତ ଥିବା ରେକର୍ଡ ରହିଛି। ୨୦୨୨ ମସିହାରେ ଶ୍ରୀ ପାଢ଼ୀ ଜୁଆଖେଳରେ ସମ୍ପୃକ୍ତି ପରେ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ତାଙ୍କ ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଥିଲେ। କିଛି ଦିନ ପରେ ସେ ରାମେଶ୍ୱରରୁ ଉଦ୍ଧାର ହୋଇଥିଲେ। ସେତେବେଳେ ନିଜର ମାନସିକ ସ୍ଥିତି ଠିକ୍ ନଥିବା ସେ ଗଣମାଧ୍ୟମକୁ କହିଥିଲେ। ବିଧାୟକ ହେବା ପରେ ବାଲି ମାଫିଆଙ୍କଠାରୁ ଜୋରଜବରଦସ୍ତି ଚାନ୍ଦା ମାଗୁଥିବାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଆସିକା ନିର୍ବାଚନମଣ୍ଡଳୀରେ ବିଟ୍ ରାସ୍ତାରେ ବି ସେ ପିସି ମାଗିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି, ଯେଉଁଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ହେଉଥିବା ଦୁର୍ନୀତିରେ ସେ ସିଧାସଳଖ ସମ୍ପୃକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡି ଓ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ବିଜେପି ଏଭଳି ଜଣେ ବ୍ୟକ୍ତିଙ୍କୁ ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ।

ଡ. ମହାନ୍ତି କହିଥିଲେ, ଗତ ୧୪ ମାସରେ ରାଜ୍ୟରେ ବିଜେପି ଶାସନରେ ସମସ୍ତ କ୍ଷେତ୍ରରେ ବିଫଳତା ଶିଖର ଛୁଇଁଛି। ବିଜେପି ଶାସନ ସମୟରେ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ ୧୮.୧୯ ପ୍ରତିଶତ କମିଛି। ନାରୀ

- ୨୦୨୭ ପଞ୍ଚାୟତ ଓ ୨୦୨୯ ସାଧାରଣ ନିର୍ବାଚନରେ ସଫଳତା ନେଇ ବିଜେଡିର ଦୃଢ଼ୋକ୍ତି
- ଡବଲ ଇଞ୍ଜିନ ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି

ନିର୍ଯ୍ୟାତନାକୁ ନେଇ ଓଡ଼ିଶା ସମଗ୍ର ଦେଶ ଓ ବିଶ୍ୱରେ ନିନ୍ଦିତ ହୋଇଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ। ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ବିଜେପି ନେତାଙ୍କ ସମ୍ପୃକ୍ତି ଲାଗି ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି। ବିଜେପିର ଆଭ୍ୟନ୍ତରୀଣ କନ୍ଦଳ ଓ ସରକାର ଚଳାଇବାରେ ଅପାରଗତା ଜଳଜଳ ହୋଇ ଦିଶୁଛି। ରାଜ୍ୟର ଶାସନ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ। ଦୀର୍ଘ ୧୫ ଦିନ ହେଲା ଅମଲା ଆନ୍ଦୋଳନ ଯୋଗୁଁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ରାଜସ୍ୱ ମନ୍ତ୍ରୀ ଏଥିରେ ବିଜେଡିର ସମ୍ପୃକ୍ତି ଅଭିଯୋଗ କରିଛନ୍ତି, ଯାହା ତାଙ୍କ ହତାଶାଭାବର ପରିଚୟ ଦେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ପକ୍ଷରୁ ବାରମ୍ବାର ଭି.କେ ପାଣ୍ଡିଆନଙ୍କୁ ନେଇ ବିଭିନ୍ନ ବିଭ୍ରାନ୍ତିକର ଓ କଟୁ ମନ୍ତବ୍ୟ ଦିଆଯାଉଛି। ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି ଯେ ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନୁହଁ। ତେଣୁ ତାଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ବୋଲି ସେ କହିଛନ୍ତି।

**ଧରପଗଡ଼ କି ସଚେତନତା ନାହିଁ**

# ବିକ୍ରି ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ଜୀବ

ପୁରୀ,୨୫।୮ (ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। ହେଲେ ଏ କ୍ଷେତ୍ରରେ ସଚେତନତାର ଅଭାବ ରହିଛି। ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣିନଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି, ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମି ହେଉଛି ସେଥିମଧ୍ୟରୁ ଅନ୍ୟତମ। ଏଠାରେ ଏକାଧିକ ବ୍ୟବସାୟୀ କୋରାଲ ବିକ୍ରି କରୁଛନ୍ତି। ବନ ବିଭାଗର ନିଷ୍କ୍ରିୟତା ଯୋଗୁ ପୁରୀରେ କୋରାଲ ବ୍ୟବସାୟ ବୃଦ୍ଧି ପାଉଛି।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ, ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛି ବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ର ତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର, ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି



ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନକାନୁନ ରହିଛି, ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉନଥିବାରୁ ଶଙ୍ଖ, ଶାମୁକା ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେଧୀରେ ହଜିଯିବାକୁ ବସିଲେଣି।

ବିଶେଷକରି ଘର ସଜାଇବା ପାଇଁ ଅନେକ ପର୍ଯ୍ୟଟକ କୋରାଲ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ କିଛି ବ୍ୟବସାୟୀ ଅଧିକ ଲାଭ ଆଶାରେ ବେଆଇନ ଭାବେ ଏହି ସିଡ୍ୟୁଲ-୧ ସାମୁଦ୍ରିକ ଜୀବଙ୍କୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମିରେ ଅନେକ ଶଙ୍ଖ ଏବଂ ଶାମୁକା ବିକ୍ରି ଦୋକାନ ରହିଛି। ଏହି ବ୍ୟବସାୟୀମାନେ କୋରାଲ ବିକ୍ରି କରୁଛନ୍ତି। ଏହାର ଆକାର ଅନୁସାରେ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି ବ୍ୟବସାୟୀ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କୋରାଲ ପୁରୀକୁ ଆସୁଛି କେମିତି ? ଏହାକୁ ସମ୍ପୃକ୍ତ ବ୍ୟବସାୟୀମାନେ ପାଉଛନ୍ତି କିପରି?

ବିଶେଷଜ୍ଞଙ୍କ ମତରେ ସମୁଦ୍ର ଗର୍ଭରେ କୋରାଲ ରିପ୍ ରହିଛି। ସେଥିରେ ବିଭିନ୍ନ ପ୍ରକାର କୋରାଲ ରହିଥା'ନ୍ତି। ଏହାକୁ ଲାଇଭ୍ ଷ୍ଟୋନ କୁହାଯାଏ। ଏହାର ବିକ୍ରି ପଛରେ ଏକ ରାକେଟ୍ କାମ କରୁଛି। ଯେହେତୁ ଘର ସଜାଇବା ପାଇଁ ଅନେକ ଏହାକୁ ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେଣୁ କିଛି ମୁନାଫାଖୋର୍ ଏହି ବେଆଇନ କାରବାର ଚଳାଇଛନ୍ତି। ଓଡ଼ିଶାକୁ କୋଲକାତାରୁ ଚୋରାରେ ଏହା ଅଣାଯାଉଛି। ଏହି ବେଆଇନ କାରବାର ଯୋଗୁ ସମୁଦ୍ରରେ କୋରାଲ ରିପ୍ ପରିସୀମା କମି କମି ଯାଉଛି। କୋରାଲ ରିପ୍ ସମୁଦ୍ର ପାଇଁ ବଡ଼ ଉପଯୋଗୀ। ଏହା ଅଙ୍ଗାରକ୍ଳାମ ଶୋଷି ନେଇଥାଏ। ଫଳରେ ସମୁଦ୍ରରେ ସନ୍ତୁଳନ ରକ୍ଷାରେ ବଡ଼ ସାହାଯ୍ୟ କରେ। ଯେଉଁ ସମୁଦ୍ରରେ କୋରାଲ ରିପ୍ ରହିଛି, ତାହାର ଜୈବ ବିବିଧତା ସନ୍ତୁଳିତ ରହିଥାଏ। କିନ୍ତୁ ସଚେତନତା ଅଭାବରୁ ଏହାକୁ ଧରି ବିକ୍ରି କରାଯାଉଛି।

## ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ

# ପରିବହନ ମନ୍ତ୍ରୀଙ୍କ ପାଖକୁ ଚିଠି ପଠାଇଲା ସଂଗ୍ରାମ ସମିତି

ଯାଜପୁର,୨୫ା୮ (ସମିସ)

ରାଜ୍ୟ ପରିବହନ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଯାଜପୁର ରୋଡ୍-ଧାମରା ରେଳପଥ ସଂକ୍ରାନ୍ତୀୟ ସ୍ମାରକପତ୍ର ପ୍ରେରଣ ପାଇଁ ବାର୍ତ୍ତା ଆସିବା ପରେ ଆଜି ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ତାଙ୍କ ନିକଟକୁ ସ୍ମାରକପତ୍ର ପ୍ରେରଣ କରାଯାଇଛି। ଏହି ସ୍ମାରକପତ୍ରରେ ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ ସୃଷ୍ଟି କରିଥିବା ପ୍ରତିବନ୍ଧକ ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ରାଜ୍ୟ ସରକାର ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିପାରିବେ ସେହି ଦାବି ଉପସ୍ଥାପନ କରାଯାଇଛି ବୋଲି ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଜଣାଇଛନ୍ତି।

ପ୍ରସ୍ତାବିତ ପ୍ରକଳ୍ପର ଡିପିଆର୍‌ର ରେଳବାଇ ବୋର୍ଡର ମଞ୍ଜୁରୀ ଲାଭ କରିବା ପରେ ପରବର୍ତ୍ତୀ ପଦକ୍ଷେପ ପାଇଁ ରେଳବାଇ ବୋର୍ଡ ନିର୍ଦ୍ଦେଶାଳୟର ପ୍ରକଳ୍ପ ମୂଲ୍ୟାୟନ କମିଟି ଏହାକୁ ଅନ୍ତଃ-ମନ୍ତ୍ରଣାଳୟସ୍ତରୀୟ ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍ ପାଖକୁ ପ୍ରେରଣ କରିଥିଲା। ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାରେ ଯେଉଁ ଅନ୍ତରାୟ ସୃଷ୍ଟି କରିଛି, ସେ ସଂପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ବି କୌଣସି ପ୍ରତିକାରମୂଳକ ପଦକ୍ଷେପ ନିଆନଯିବା ଉଦ୍‌ବେଗଜନକ ବୋଲି ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ପ୍ରକଳ୍ପ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ନୈତିକ ଚାପ ସୃଷ୍ଟି ନିମନ୍ତେ ଜମି ଅଧିଗ୍ରହଣର ପୂର୍ଣ୍ଣ ବ୍ୟୟଭାର ସମେତ ରେଳପଥ ନିର୍ମାଣର ଆଂଶିକ ବ୍ୟୟ ବହନ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଏହା ପୂର୍ବରୁ ବର୍ଷ ବର୍ଷ ଧରି ଖୋର୍ଦ୍ଧା-ବଲାଙ୍ଗିର, ଜୟପୁର-ମାଲକାନଗିରି, ଜୟପୁର - ନବରଙ୍ଗପୁର ଓ ପୁରୀ-କୋଣାର୍କ ରେଳପଥ ପାଇଁ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇଛନ୍ତି। ୨୦୨୪-୨୫ର ରାଜ୍ୟ ବଜେଟରେ ଓଡ଼ିଶାରେ ରେଳପଥ ସଂଯୋଗୀକରଣ ପାଇଁ ୬୦୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା ବେଳେ ୨୦୨୫-୨୬ରେ ତାହାକୁ ୩୦୦ କୋଟି ଟଙ୍କାରୁ ହ୍ରାସ କରାଯାଇଛି। ଓଡ଼ିଶାର ସପ୍ଲିମେଣ୍ଟାରୀ ବଜେଟରେ ଅଧିକ ୩୦୦ କୋଟି ଟଙ୍କାର ବ୍ୟୟବରାଦ କରି ତାହା ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ଉତ୍ସର୍ଗ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଗତ ଅଗଷ୍ଟ ୧୬ ତାରିଖରେ ଶାନ୍ତି ମଣ୍ଡପ ଯାଜପୁରରେ ଅନୁଷ୍ଠିତ ସଂଗ୍ରାମ ସମିତିର ବୈଠକରେ ଯେଉଁ ପ୍ରସ୍ତାବ ନିଆଯାଇଥିଲା, ତାହାର ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ସ୍ତରରେ ସାଧାରଣରେ ପ୍ରସ୍ତାବ ଗ୍ରହଣ କରି ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ଏବଂ ସେପ୍ଟେମ୍ବର ମାସର ପ୍ରଥମାର୍ଦ୍ଧରୁ ସର୍ବତ୍ର ଗଣଜାଗରଣ ନିମନ୍ତେ ସାଧାରଣ ସଭାମାନ ଆରମ୍ଭ କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଘୋଷଣା କରାଯାଇଛି।

## ଏଆଇୟୁଟିୟୁସି ପକ୍ଷରୁ ଶ୍ରମିକ ବିକ୍ଷୋଭ




ଯାଜପୁର,୨୫ା୮ (ସମିସ): କେନ୍ଦ୍ରିୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ଡାକରାରେ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ଦିଲ୍ଲୀସ୍ଥିତ ଯନ୍ତରମନ୍ତର ଠାରେ ଦେଶର ଶ୍ରମଜୀବୀ ଜନଗଣଙ୍କ ବିଭିନ୍ନ ନ୍ୟାୟ ସଂଗତ ଦାବିରେ ସର୍ବଭାରତୀୟ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହେବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ଦେଶବ୍ୟାପୀ ଅଭିଯାନରେ ଶ୍ରମିକମାନେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଏଆଇୟୁଟିୟୁସି ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୫ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ବିରୋଧି ଶ୍ରମକୋର୍ଡ ବାତିଲ କରିବା, ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ସହାୟତା, ୨୮ ହଜାର ଟଙ୍କା ମଜୁରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡିକର ଘରୋଇକରଣ ବନ୍ଦ କରିବା, ସାରୁଆ ବିଲ ଓ କମର୍ଦ୍ଧା ଖଣିରେ ଖଣି ପ୍ରଭାବିତ ମାନଙ୍କୁ କାମ ଦେବା, ଆଶା, ଅଙ୍ଗନବାଡ଼ି କର୍ମୀ ଓ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଆଦି ଦାବି କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ଜିଲ୍ଲାପାଳ ଅଫିସକୁ ଆସିଥିଲା। ଶ୍ରମିକ ନେତା ବୀରକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାରେ ସଂଗଠନର ଜିଲ୍ଲା ସଂପାଦକ ସୁରେଶ ପ୍ରଧାନ, ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜକିଶୋର ମହାନ୍ତ, ରାଧାବଲ୍ଲଭ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ମା’, ପୁଅ ଗୁରୁତର

ସୁକିନ୍ଦା,୨୫ା୮ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଦୁଅବନ୍ଦୀ ଗ୍ରାମ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ମା’ ପୁଅ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ କାଙ୍କଡପାଳ ପଞ୍ଚାୟତ ଅଧୀନସ୍ଥ ଚଟକିପଶି ଗ୍ରାମର ନରେନ୍ଦ୍ର ମହାନ୍ତ ସୋମବାର ଦିନ ସ୍ତ୍ରୀ ପ୍ରଭାତୀ ମହାନ୍ତ ଓ ଶିଶୁ ପୁତ୍ରକୁ ବାଇକରେ ନେଇ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦମ୍ପତି ଓ ଶିଶୁ ପୁତ୍ରକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମା’ ଓ ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବନ୍ଦ ବିଦ୍ୟାଳୟ ପୁଣି ଖୋଲିଲା



ମଙ୍ଗଳା,୨୫ା୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ଗ୍ରାମପଞ୍ଚାୟତ ଅଧୀନ ବଡ଼ପାଳ ପ୍ରାଥମିକ ବିଦ୍ୟାଳୟ ପୁଣିଥରେ ଉଦ୍‌ଘାଟନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଯେଉଁ ବିଦ୍ୟାଳୟରେ ପିଲା ସଂଖ୍ୟା ୩୦ରୁ କମ୍ ଥିବ ସେ ବିଦ୍ୟାଳୟ ବନ୍ଦ କରାଯାଇଥିଲା। କିନ୍ତୁ ପିଲାମାନେ ଅନ୍ୟ ଏକ ବିଦ୍ୟାଳୟ ଯିବାର ଦୂରତା ଅଧିକ ହେବାରୁ ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀ ଅଭିଯୋଗ କରିବାପରେ ସରକାର ପୁନର୍ବାର ସ୍କୁଲ ଖୋଲିବାରେ ନିଷ୍ପତ୍ତି ନେଇଛନ୍ତି। ଆଜି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଅନୁଯାୟୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରୀୟ ଦର୍ଶନୀ ପରିଡ଼ା। ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ଆଶାଲତା ଶତପଥୀ। ସମାଜସେବୀ ଅକ୍ଷୟ କୁମାର ଯେନା, ଚକ୍ରଧର ପାତ୍ର ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ବଡ଼ଚଣା,୨୫ା୮ (ସମିସ): ପାର୍ବଣ ଋତୁ ଆରମ୍ଭ ହେବା ମାତ୍ରେ ପୂଜା କମିଟି ଗୁଡିକ ଚଳଚଞ୍ଚଳ ହୋଇପଡିଛନ୍ତି। ଆଗାମୀ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ଯାକଜମକରେ ପାଳନ କରିବା ପାଇଁ ବିଭିନ୍ନ ପୂଜା କମିଟି ନିଜ ନିଜର ପ୍ରସ୍ତୁତି ବୈଠକ କରି ଯୋଜନା ପ୍ରସ୍ତୁତ ଆରମ୍ଭ କରିଦେଲେଣି। ଏହି ଅବସରରେ ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ତ୍ରିଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଦୁର୍ଗାମଣ୍ଡପ ଠାରେ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳା ଓ ଯାକଜମକରେ ପାଳନ କରିବା ପାଇଁ ଏକ ନୂତନ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ଚିନ୍ମୟ ମହାନ୍ତି, ଉପସଭାପତି ଧନେଶ୍ୱର ଦାସ, ସମ୍ପାଦକ ମହେଶ୍ୱର ମହାନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ପ୍ରବୀର ଦାସ ଓ ହିସାବ ରକ୍ଷକ ଭାବେ ସୁଶାନ୍ତ ଦାସଙ୍କୁ ମନୋନୀତ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଦାସ, ତପନ ତରାଇ, ସନ୍ଦୀପ କାନୁନଗୋ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଦୁର୍ଗା ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର, ପାରମ୍ପରିକ ପୂଜା ବିଧି ସମେତ ସାମୂହିକ ପ୍ରସାଦ ସେବନ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ନୂତନ କମିଟିର କର୍ମକର୍ତ୍ତାମାନେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ।

## ପାଣିକୋଇଲିର ବିଭିନ୍ନ ସମସ୍ୟାର ସମାଧାନ ଦାବି

ପାଣିକୋଇଲି, ୨୫ ା୮ (ସମିସ): ପାଣିକୋଇଲି ଅଞ୍ଚଳରେ ବିଭିନ୍ନ ସମସ୍ୟା ଥିଲେ ବି ପ୍ରଶାସନିକ ଅବହେଳାରୁ ଏହା ଆଣ୍ଠେଇଛି। ଯାହାକୁ ନେଇ ଆଜି କୋରେଇ ବ୍ଲକରେ ମିଳିତ ଜନଶୁଣାଣିରେ ଯୁବନେତା ରାକେଶ ସାହୁ ଅଭିଯୋଗ କରିଛନ୍ତି। ପଡ଼ିରହିଥିବା କୋରେଇ ଭବନ ନିର୍ମାଣ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୋରେଇ ପଞ୍ଚାୟତ ସମିତି ଓ ଗ୍ରାମ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହୋଇପାରୁନଥିବା ଅଭିଯୋଗପରେ ଉପଜିଲ୍ଲାପାଳ ଏହାର ତଦନ୍ତ ନିଜେ କରିବେ ବୋଲି କହିଛନ୍ତି। ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାର ଶହେ ଶଯ୍ୟା ବିଶିଷ୍ଟ ବାବୁ ଜଗତଜୀବନ ରାମ ଛାତ୍ରନିବାସ ନିର୍ମାଣ ପାଇଁ ବିଭାଗୀୟ ଚିଠି ହୋଇଥିଲେ ବି ତାହା କହିଁକି କାର୍ଯ୍ୟକାରୀ ହେଉନାହିଁ। ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ କ୍ୱାର୍ଟର ପାଇଁ ଚିଠି କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇନାହିଁ ବୋଲି ଶ୍ରୀ ସାହୁ ଅଭିଯୋଗ କରିଥିଲେ।

## ଗଣେଶ ପୂଜାରେ ଅମାନିଆଙ୍କୁ ଲାଗିବ ଛାଟ

ବିଞ୍ଝାରପୁର,୨୫ା୮ (ସମିସ): ସାରା ରାଜ୍ୟରେ ମାତ୍ର ଆଉ ଦିନ କେଇଟା ପରେ ଆରମ୍ଭ ହେବ ପାର୍ବଣ ଋତୁ। ସେଥିପାଇଁ ଗ୍ରାମ ଠାରୁ ସହର ଚଳଚଞ୍ଚଳ ହୋଇଉଠିଛି। ବିଞ୍ଝାରପୁର ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବିଞ୍ଝାରପୁର ଥାନା ପୁଲିସ ପକ୍ଷରୁ ବ୍ଲକର ବିଭିନ୍ନ ପୂଜା କମିଟି ସଦସ୍ୟ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ରଞ୍ଜନ କୁମାର ଙ୍କ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ଗଣେଶ ପୂଜାକୁ ଶୃଙ୍ଖଳିତ ଓ ନିଶାମୁକ୍ତ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଭସାଣି ଉତ୍ସବରେ ଡିଜେକୁ ପୂର୍ବ ପରି କଟକଣା କରା ଯାଇଛି। ୬୦ ଡେସିବିଲ ଉପରେ ଶବ୍ଦ ବ୍ୟବହାର କରାଗଲେ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ପୁଲିସ ପ୍ରକାଶ କରିଛି। କୌଣସି ପୂଜା ମଣ୍ଡପରେ ଯେପରି କୌଣସି ଅଘଟଣ ଅଥବା ଇଲେକ୍ଟ୍ରିକ ସର୍ଟସର୍କିଟ ଜନିତ ତ୍ରୁଟି ପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ପୂଜା ଆୟୋଜନ ପୂର୍ବରୁ କର୍ମକର୍ତ୍ତା ମାନେ ଅନୁମତି ନେବେ ଏବଂ ଶୃଙ୍ଖଳିତ ଭାବେ ପୂଜା ଓ ଭସାଣ ରାତି ୧୦ଟା ମଧ୍ୟରେ ସାରିବାକୁ କୁହାଯାଇଛି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ ସ୍ଥାନରେ ମେଢ ହେଉଥିବା ବେଳେ ଅନେକ କମିଟି ବିନା ଅନୁମତିରେ ମେଲୋଡି, ପ୍ରସେସନ ଆଦି କରିବାକୁ ମସୁଧା ରଖିଛନ୍ତି। ଯଦି ଏଭଳି ଘଟଣା ନଜରକୁ ଆସେ ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

## ଶିକ୍ଷକ ଓ କର୍ମଚାରୀ ଅଭାବ ନେଇ ଗଣଧାରଣା




ବିଞ୍ଝାରପୁର/ପ୍ରୀତିପୁର ୨୫ ା୮ (ସମିସ): ବିଞ୍ଝାରପୁର ବ୍ଲକ ପ୍ରୀତିପୁରସ୍ଥିତ ଅନ୍ୟତମ ବହୁ ପୁରାତନ ଶିକ୍ଷାନୁଷ୍ଠାନ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସୋମବାର ପୁରାତନ ଛାତ୍ରସମୂହ ଗଣଧାରଣା ଦେଇଛନ୍ତି। ଦୀର୍ଘ ଦିନ ଧରି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ରହିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ବି କର୍ଣ୍ଣପାତ କରୁନାହାନ୍ତି ଜିଲ୍ଲା ଶିକ୍ଷାଅଧିକାରୀ। ଯାହା ଶିକ୍ଷକ ଓ କିରାଣି ରହିଥିଲେ ସେମାନଙ୍କୁ ମଧ ରାତି ଅଧିଆ ବଦଳି କରାଯାଇଛି। ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଥିବା ବେଳେ କେବଳ ଭରସା ୪ ଜଣ ଶିକ୍ଷକ। ଯାହାକୁ ନେଇ ବିଦ୍ୟାଳୟରେ ପାଠ ପଢାରେ ଅନେକ ସମସ୍ୟା ଦେଖଦେଇଥିବା ଅଭିଯୋଗ କରିଛନ୍ତି ଧାରଣାକାରୀ ଛାତ୍ର। ଜିଲ୍ଲାଶିକ୍ଷା ଅଧିକାରୀଙ୍କର ଏହି ବିଦ୍ୟାଳୟ ପ୍ରତି ବୈମାତୃକ ଭାବ ରହିଥିବା ଅନୁଭବ କରି ସୋମବାର ବିଦ୍ୟାଳୟ ଆଗରେ ପୁରାତନ ଛାତ୍ର ସମୂହ ଧାରଣା ଦେଇଛନ୍ତି। ଏହି ଗଣଧାରଣାରେ ବିଦ୍ୟାଳୟର ପୁରାତନ ଛାତ୍ରସମୂହମାନଙ୍କ ସହ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଅଳକୁଣ୍ଡ ଗ୍ରାପର ସରପଞ୍ଚ ସୁଶାନ୍ତ ଦାସ, ପ୍ରୀତିପୁର ସରପଞ୍ଚ ପ୍ରିତିକୃଷ୍ଣା ଜେନାଙ୍କ ସମେତ ଅଳଗୁଣ୍ଡ, ପ୍ରୀତିପୁର, ବିତନା ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହି ଗଣଧାରଣାର ଖବରପାଇ ଧାରଣାସ୍ଥଳକୁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି ଓ ପରେ ବ୍ଲକ ଶିକ୍ଷାଧିକାରୀ ସୁବାସ ବିଶ୍ୱାଳ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା ପରେ ଭରସା ନପାଇବାରୁ ତାଙ୍କୁ ଅଟକ ରଖିଥିଲେ। ଏହି ଘଟଣାର ଖବରପାଇ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଗାଣଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଦାବି ମୁତାବକ ଖୁବଶିଘ୍ର ଆବଶ୍ୟକିୟ ପଦକ୍ଷେପ ନେବାକୁ ନେଇ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲ।

● ଋଣ ଅର୍ଥ ଫାଙ୍କିବା ଅଭିଯୋଗ

## ଜରିମାନା ଓ ଜେଲଦଣ୍ଡ ଶୁଣାଇଲେ ଅଦାଲତ

ବ୍ୟାସନଗର,୨୫ା୮ (ସମିସ): ଯାଜପୁରରୋଡ୍‌ଜେଏଫ୍‌ଏମ୍‌ସି ଏକ ଅର୍ଥ ଫାଙ୍କିବା ଅଭିଯୋଗର ଶୁଣାଣି କରି ଅଭିଯୁକ୍ତକୁ ୩ ଲକ୍ଷ ୫୦ହଜାର ଅର୍ଥ ରାଶି ଜରିମାନା ଏବଂ ୩ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ ଚୋଳାମଣ୍ଡଳ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସିଆଲ୍ କମ୍ପାନୀ ଲିମିଟେଡ ଯାଜପୁର ରୋଡ, ଓଡ଼ିଶା ଶାଖାରୁ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ମଛାଲୋ ଗ୍ରାମର ପଦ୍ମଲୋଚନ ନାଥ ଏକ ଟ୍ରାକ୍ଟର ଗାଡି ଲୋନ୍ ନେଇ ଦୀର୍ଘ ବର୍ଷ ହେବ ବକେୟା ୨,୮୧,୪୦୦ ଟଙ୍କା ପୈଠ କରୁନଥିଲେ। ଫଳ ସ୍ୱରୂପ ଚୋଳା ଫାଇନାନ୍ସ କମ୍ପାନୀ ତରଫରୁ ଯାଜପୁର ରୋଡ ଜେଏଫ୍‌ଏମସି ପ୍ରିୟଦର୍ଶନୀ କୁମ୍ଭାରଙ୍କ କୋର୍ଟରେ ଏକ ଚେକ୍ ବାଉନ୍ସ ମାମଲା ଦାୟର କରାଯାଇଥିଲା। ମାମଲାର ଶୁଣାଣି କରି କୋର୍ଟ ପଦ୍ମଲୋଚନଙ୍କୁ ୩ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ସହ ୩ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୧୫ ଦିନ ଅଧିକ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲା ଚୋଳାମଣ୍ଡଳ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସିଆଲ୍ କମ୍ପାନୀ ଲିମିଟେଡ, ଯାଜପୁର ରୋଡ ତରଫରୁ ସୁବାସ ଚନ୍ଦ୍ର ନନ୍ଦ ଓ ଆସୋସିଏଟର ଆଡଭୋକେଟ୍ ଚନ୍ଦ୍ରକାନ୍ତ ଖଣ୍ଡାଇ, ଦେବାଶିଷ ପଣ୍ଡା, ସନ୍ତୋଷ ଆଚାର୍ଯ୍ୟ ପରିଚାଳନା କରୁଥିଲେ।

## କଲମ ଓ କଇଁଚିର କୁଶଳୀ କାରିଗର ପଦ୍ମଶ୍ରୀ ବିନୋଦ ପଶାୟତ



ବାଲିଚନ୍ଦ୍ରପୁର, ୨୫ ା୮ (ସମିସ): ନିଖିଳ ଉତ୍କଳ ବାରିକ ସମିତି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଆବର୍ତ୍ତନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବାଲିଚନ୍ଦ୍ରପୁର ରବିନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଉପସଭାପତି କୁଳମଣି ବାରିକ ଯୋଗଦେଇ ତାଙ୍କ ଜୀବନଶୈଳୀ ଉପରେ ଆଲୋକପାତ କରି କହିଥିଲେ ଯେ ପେଷାରେ କୌଳିକ ବୃତ୍ତି କାର୍ଯ୍ୟକୁ ପାଥେୟ କରିଥିବା ବିନୋଦ ପଶାୟତ କଲମ ଓ କଇଁଚିର କୁଶଳୀ କାରିଗର ରୂପେ ସୁନାମ ଅର୍ଜନ କରିଥିଲେ। ସମ୍ବଲପୁରୀ ଲୋକଗୀତ ଓ ନାଟକକୁ ସରଳ ଭାଷାରେ ରଚନା ସହ ଜନପ୍ରିୟ କରାଇବାରେ ତାଙ୍କର ବିଶେଷ ଅବଦାନ ରହିଥିଲା। ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ୨୦୨୪ରେ ଭାରତ ସରକାର ସମ୍ମାନ ଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ ସାହିତ୍ୟ ସାଧନା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନେକ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଜିଲ୍ଲା ସମ୍ପାଦକ ହୃଷିକେଶ ବାରିକ, ପ୍ରମୋଦ କୁମାର ବାରିକ, ରମେଶଚନ୍ଦ୍ର ବାରିକ, ସୁଶାନ୍ତକୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ପରିଶେଷରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ; ଜଣେ ଗିରଫ

ପାଣିକୋଇଲି, ୨୫ ା୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ନିକଟରେ ଗତ ୧୬ ତାରିଖ ରାତି ୨ଟାରେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲ। ଜାତୀୟ ରାଜପଥ ପାଶ୍ୱର୍ ବରୁଣାଇପଦାଠାରେ ଥିବା ବାବା ଚନ୍ଦ୍ରଶେଖର ରାଇସ୍ ମିଲର ସିକ୍ୟୁରିଟ ଭାବେ କାର୍ଯ୍ୟ କରୁଥିବା ଯାଜପୁର ଥାନା ଅନ୍ତର୍ଗତ ତରତୋଟା ଗ୍ରାମର ଭଜହରି ଦାଶଙ୍କ ପୁଅ ପ୍ରଶାନ୍ତ ଦାଶ (୪୫) ଶୁକ୍ରବାର ରାତି ୨ଟା ବେଳେ କାର୍ଯ୍ୟ ସାରି ଏକ ସ୍କୁଟି (ଓଡି୨୨ବି ୧୩୧୯୫) ଯୋଗେ ଘରକୁ ଫେରୁଥିବା ବେଳେ ଷଠିପୁର ନିକଟରେ ଏକ ପଲସର ବାଇକ୍ (ଓଡି୦୫ସିଏ୪୬୬୪) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଶାନ୍ତ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବଡ଼ଭାଇ ପ୍ରଶ୍ନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୭୩/୨୫ ରୁଜୁ କରି ପରିବାରକୁ ଶବ ହସ୍ତାନ୍ତର କରିଥିଲା। ଏହାର ତଦନ୍ତ ଚାଲୁ ରହିଥିବା ବେଳେ ପଲସର ଆରୋହୀ ବଡଚଣା ଥାନା ଅନ୍ତର୍ଗତ ବଡ଼ଘୁମୁରୀ ଗ୍ରାମର ଈଶ୍ୱର ମହାନ୍ତିଙ୍କ ପୁଅ ଦୀପକ କୁମାର ମହାନ୍ତି (୩୫)କୁ ଗିରଫ ପୁଲିସ ଆଜି ଅଦାଲତ ଚାଲାଣ କରିଛି।

## ପୂର୍ବତନ ପ୍ରାଧ୍ୟାପକଙ୍କ ପରଲୋକ



ବ୍ୟାସନଗର,୨୫ ା୮ (ସମିସ): ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ରବିନାରାୟଣ ପଣ୍ଡାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ବିଗତ ୨ ମାସ ହେବ ସେଠାରେ ଚିକିତ୍ସାଧୀନ ରହିଥିଲେ। ସେ ଜଣେ ଛାତ୍ରବତ୍ସଳ ତଥା ଉଚ୍ଚକୋଟିର ପ୍ରାଧ୍ୟାପକ, ଜଣେ ପରୋପକାରୀ, ମେଳାପି, ଆଧ୍ୟାତ୍ମିକବାଦି ବ୍ୟକ୍ତିତ୍ୱ ଥିଲେ। ବ୍ୟାସନଗରର ବିଭିନ୍ନ ସଙ୍ଗଠନ ସହିତ ଓତଃପ୍ରୋତଃ ଭାବେ ଜଡିତ ଥିଲେ। ସେ ବରିଷ୍ଠ ନାଗରିକ ମଞ୍ଚ, ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋଗକାକ୍ଷାର ଜଣେ ନିୟମିତ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ନିତ୍ୟ ଯୋଗକାକ୍ଷ ମହାବିଦ୍ୟାଳୟରେ ଶୋକ ସଭାର ଆୟୋଜନ ହୋଇଥିଲା। ତାଙ୍କର ମରଶରୀରକୁ ତାଙ୍କ ବାସଭବନକୁ ଅଣାଯିବା ପରେ ବରିଷ୍ଠ ଓକିଲ ସୁଧନୁ ଦାସ, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ, ବିବେକାନନ୍ଦ ମହାନ୍ତି, ବିଜୟ କୁମାର ମହାନ୍ତି, ପତାଞ୍ଜଳି ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା, ସହ ପ୍ରଭାରୀ ବିଭୀଷଣ ନାୟକ, ରାଜେଶ୍ କୁମାର ପତି, ସି ଚ ଶ୍ରିନୁ, ପୂର୍ବତନ ପ୍ରାଧ୍ୟାପକ ପୁନପୁନ ଦାସ, ଦିଲୀପ କୁମାର ଦଳେଇ, ପୂର୍ବତନ ଅଧ୍ୟକ୍ଷ ସେଖ ଅବୁତାହର ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପରେ ତାଙ୍କର କର୍ମସ୍ଥଳି ବ୍ୟାସନଗର ମହାବିଦ୍ୟାଳୟକୁ ନିଆଯିବା ସହିତ ସେଠାରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶେଷରେ ତାଙ୍କ ମରଶରୀର ଢେଙ୍କାନାଳ ଯୋରନ୍ଦା ସ୍ଥିତ ଜନ୍ମଭୂମିକୁ ସଂସ୍କାର ପାଇଁ ନିଆଯାଇଥିଲା।

## ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା; ଭାଗ ନେବେ ଯାଜପୁରର ୫ ପ୍ରତିଯୋଗୀ



ଯାଜପୁର,୨୫ା୮ (ସମିସ): ଚେନ୍ନାଇରେ ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ୫ ପ୍ରତିଯୋଗୀ ଓ ୨ ଅଧିକାରୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ମଧୁସ୍ମିତା ପୃଷ୍ଟି, ହିତେଶ କୁମାର ପାତ୍ର, ସାଇ ଅଦ୍ୟାଂଶୁ ମିଶ୍ର, କିଶାନ କୁମାର ସାହୁ ଓ ନିଶିକାନ୍ତ ସାହୁ ଭାଗ ନେବେ। ଏମାନେ ଅନୁଗୁଳରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗୀତା ଓ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ଚୟନ ହୋଇଛନ୍ତି। ପ୍ରଶିକ୍ଷକ ଭାବେ ରତେନ୍ଦ୍ର ବିଶ୍ୱାଳ ଓ ଜିତେନ୍ଦ୍ର ମହାନ୍ତି ଓଡ଼ିଶା ଦଳର ପ୍ରବନ୍ଧକ ଭାବେ ଚେନ୍ନାଇ ଯାତ୍ରା କରୁଛନ୍ତି। ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଦଳର ସଦସ୍ୟମାନଙ୍କୁ ଯାଜପୁର ସ୍ପୋର୍ଟସ କିକ୍‌ବକ୍ସିଂ ସଂଘର ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ, ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳର ସଫଳତା ପାଇଁ ସମ୍ପାଦକ ଜ୍ୟୋର୍ତିମୟ ନାଥଶର୍ମା, ରଞ୍ଜନ ସୁତାର, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ଅମୃତାଙ୍କ ଦାସ, ମଦନ ମୋହନ ପତି, ସସ୍ମିତା ରଣା, ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

**କୋରେଇରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

## ୨୫ଟି ଅଭିଯୋଗର ତ୍ୱରିତ ସମାଧାନ




କୋରେଇ,୨୫ା୮ (ସମିସ)

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ତହସିଲଦାର କୋରେଇ ଦେବାଶିଷ ରାଉତ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁଶୀଲ କୁମାର ଦାସ**

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୁ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।

## ଦଶରଥପୁରରେ ବନ୍ୟା ସ୍ଥିତି ଭୟାନକ

# ୧୦୦ ଗାଁରେ ପଶିଲା ବନ୍ୟା ପାଣି





## ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ




**ଯାଜପୁର/ଦଶରଥପୁର/ମଙ୍ଗଳପୁର/କୁଆଁଗୋଲା, ୨୫।୮ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀ ଏବଂ ଏହାର ଶାଖା କାଣି ନଦୀରେ ପ୍ରଳୟଙ୍କାରୀ ବନ୍ୟା ଆସିଛି। ବନ୍ୟା ଯୋଗୁଁ ଦଶରଥପୁର ବ୍ଲକ କସପା ପଞ୍ଚାୟତ ଅହିୟାସ ସନ୍ନିକଟ ଦରଘା ନିକଟରେ ୧୦୦ ଫୁଟ ଆକାରର ଗୋଟିଏ ଘାଇ ହୋଇଛି। ଘାଇରୁ ବନ୍ୟା ଜଳ ପ୍ରବାହିତ ହୋଇ ବ୍ଲକର ୨୦ଟି ପଞ୍ଚାୟତର ଶହେରୁ ଅଧିକ ଗାଁରେ ବନ୍ୟାପାଣି ମାଡିଯାଇଥିବା ବେଳେ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ୨୦୦୦ ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ ହୋଇଯାଇଛି। ବ୍ଲକର ୧୦ରୁ ଅଧିକ ମୁଖ୍ୟ ସଡ଼କ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଲାଗିଛନ୍ତି। ପ୍ରଶାସନ ସୂଚନା ମୁତାବକ ବନ୍ୟାଜଳ ଘେରରେ ରହିଯାଇଥିବା ୬୧୯୧ ଜଣ ବିପନ୍ନଙ୍କୁ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରିଥିବା ବେଳେ ଏବେବି ବହୁ ଲୋକ ପାଣି ଘେରରେ ଅଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି।

ଆଜି ଅପରାହ୍ନ ସୁଦ୍ଧା ବନ୍ୟା ପ୍ରଭାବିତଙ୍କୁ ୧୫୦ କ୍ୱିଣ୍ଟାଲ ଚୂଡ଼ା ଏବଂ ୧୫ କ୍ୱିଣ୍ଟାଲ ଗୁଡ଼, ପାନୀୟଜଳ, ଔଷଧ, ଓଆର୍‌ଏସ ପ୍ୟାକେଟ ଆଦି ବଣ୍ଟନ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁରରେ ପହଞ୍ଚି ବନ୍ୟା ସ୍ଥିତି ସମୀକ୍ଷା କରିବା ସହିତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦଶରଥପୁର ଠାରେ ବୈତରଣୀ ନଦୀ ବିପଦ ସଂକେତର ବହୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଶନିବାର ବଡ଼ି ଭୋରୁ କସପା ପଞ୍ଚାୟତ ଦରଘା ନିକଟରେ କାଣି ନଦୀରେ ପ୍ରାୟ ୫୦ ଫୁଟ ଆକାରର ଘାଇ ସୃଷ୍ଟି ହୋଇଥିଲା। ଏହା କ୍ରମଶଃ ବୃଦ୍ଧି ପାଇ ସୋମବାର ଅପରାହ୍ନ ସୁଦ୍ଧା ୧୦୦ ଫୁଟ ଅତିକ୍ରମ କରିଛି। ଘାଇ ଦେଇ ପ୍ରଚୁର ପରିମାଣରେ ବନ୍ୟା ଜଳ ଗ୍ରାମାଞ୍ଚଳକୁ ପ୍ରବେଶ କରୁଥିବାରୁ ବ୍ଲକର କସପା, ମଲ୍ଲିକାପୁର, ତରପଦା, କଟିକଟା (ଆଂଶିକ), ଜୟନ୍ତରା, ଛଞ୍ଚଣା, ତରପଦା, ଦୁଦୁରାଅନ୍ତା, ନିଜାମପୁର, ଦଉପୁର,





କୁଁୟା, କମାରଢିହି, ଖାନନଗର, ଶୁଶୁଆ, କନିକାପଡ଼ା, ମଙ୍ଗଳପୁର, ଥାଲୁକୁଡି, ଜାଫରପୁର, ପାଲଟପୁର, ବିରିପଟା ଆଦି ପଞ୍ଚାୟତର ୧୦୦ରୁ ଅଧିକ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ବିଶେଷକରି କସପା, ମଲ୍ଲିକାପୁର, ନିଜାମପୁର, ଦୁଦୁରାଅନ୍ତା, କୁଁୟା, କମାରଢିହି, ଖାନନଗର, ଦଉପୁର, ତରପଦା, ଜୟନ୍ତରା ପଞ୍ଚାୟତରେ ଭୟଙ୍କର ପରିସ୍ଥିତି ଉପୁଜିଛି। ଅହିୟାସ ବଜାର ରାସ୍ତା ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଅହିୟାସ ହାଟ ଛକ-ଅହିୟାସ ହାଇସ୍କୁଲ ରାସ୍ତାରେ ୬ ଫୁଟ ଉଚ୍ଚତାରେ ବନ୍ୟା ପାଣି ତଳମୁଣ୍ଡ ଅଞ୍ଚଳକୁ ମାଡିଚାଲିଛି। ମଲ୍ଲିକାପୁର-ପଲ୍ଲାସାହି, ମଲ୍ଲିକାପୁର-କଣ୍ଟପଡ଼ା, ଅହିୟାସ-ମଲ୍ଲିକାପୁର, କୁଁୟାଗୋଲା -ଧରମପୁର, କୁଁୟାଗୋଲା- ଗହିରାପାଳ, ମଙ୍ଗଳପୁର -କନିକାପଡ଼ା, ମଲ୍ଲିକାପୁର -କନିକାପଡ଼ା, ମଲ୍ଲିକାପୁର -ମହାନ୍ତିପାଟଣା, ଅହିୟାସ -କମାଳପୁର ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡ଼ା ମୁକୁଳା ଘାଇର ସ୍ଥିତି ସୁଧୁରି ନଥିବା ବେଳେ ଆଜି କସପା ପଞ୍ଚାୟତ ଦରଘା ନିକଟରେ ବଡ଼ ଘାଇ ହେବା ଯୋଗୁଁ ସ୍ଥିତି ଅଧିକ ସଂଗୀନ ହୋଇପଡ଼ିଛି। ଉଭୟ ଘାଇ ଦେଇ ବନ୍ୟାଜଳ ତଳମୁଣ୍ଡକୁ ପ୍ରବଳ ମାତ୍ରାରେ ବନ୍ୟା ଜଳ ମାଡିବାରେ ଲାଗିଛି।



## ବନ୍ୟା ପୀଡ଼ିତାଙ୍କ ପାଖରେ ରାଜନେତା





**ଯାଜପୁର:** ଗତକାଲି ବିଳମ୍ବିତ ରାତ୍ରିରେ କାଣି ନଦୀର ଅହିୟାସ ଠାରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ଖବର ପାଇ ବଡ଼ି ଭୋରୁ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ତାଙ୍କ ସହିତ ଥିବା ଟିମ୍ ଲାଗି ଥିବା ବେଳେ ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିସହିତ ବନ୍ୟା ବିପନ୍ନ ମାନଙ୍କୁ ଉପଯୁକ୍ତ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଥିଲେ। ଏପରିକି ସେ ବିଭିନ୍ନ ପଞ୍ଚାୟତ ଗସ୍ତ କରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ୟା ବିପନ୍ନ ସହିତ ରହିଥିବା ଦେଖିବାକୁ ମିଳିଛି।

**ମଙ୍ଗଳପୁର:** ବନ୍ୟା ପ୍ରଭାବରେ ବହୁ ଲୋକ ଜଳବନ୍ଦୀ ହୋଇଥିବା ବେଳେ ବିପନ୍ନଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସୁଦୀପ କୁମାର କରଙ୍କ ନେତୃତ୍ୱରେ କଂଗ୍ରେସର ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଲୋକଙ୍କୁ ଭେଟି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ପ୍ରଶାସନ ନିକଟରେ ବିପନ୍ନମାନଙ୍କୁ ୧୦ଦିନ ପାଇଁ ଉଭୟ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ସେହିପରି ଗୋଖାଦ୍ୟ ସହିତ ପାନୀୟ ଜଳ ଓ ଔଷଧ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାବି କରିଛନ୍ତି।

**ମଙ୍ଗଳପୁର:** ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଘାଇ ସ୍ଥାନକୁ ଯାଇ ବୁଲି ଦେଖିବା ସହ ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ବର୍ଷିଥିଲେ। ଏଥିସହ ବନ୍ୟା ପୂର୍ବରୁ ସରକାର ଦୁର୍ବଳ ଥିବା ନଦୀବନ୍ଧର ସ୍ଥାନ ଗୁଡିକୁ ଚିହ୍ନଟ କରି ସେହି ସ୍ଥାନ ଗୁଡିକୁ ସଠିକ ସମୟରେ ମରାମତି ନକରିବାରୁ ଆଜି ଏପରି ଘାଇ ସୃଷ୍ଟି ହେଲା ବୋଲି ପ୍ରମିଳା ସରକାରଙ୍କ ଉପରେ ବର୍ଷିଥିଲେ। ବନ୍ୟା ସମୟରେ ଜଳବନ୍ଦି ହୋଇ ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଆଣି ରଖିବା ଦାୟିତ୍ୱ ପ୍ରଶାସନର। କିଛି ନକରି ସରକାରୀ ଦଳର ନେତାମାନେ କେବଳ ବନ୍ୟାଞ୍ଚଳ ବୁଲି ଦେଖିଲେ କିଛି ହେବ ନାହିଁ ବୋଲି ଆଜି ରୋକ୍‌ଠୋକ ଭାବେ କହିଛନ୍ତି ପ୍ରମିଳା। ବନ୍ୟାରେ ଗୋରୁଗାଇ ଖାଦ୍ୟ ଅଭାବରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଲୋକେ ଜଳବନ୍ଦୀ ହୋଇ ରହିଥିବା ବେଳେ ଘରର ଛାତ ଉପରେ ଆଶ୍ରୟ ନେଇଥିବା ଦେଖିବା ପାଇଁ ମିଳିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ବିଧାୟିକା ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ତୁରନ୍ତ ଜଳବନ୍ଦୀ ଲୋକମାନଙ୍କୁ ଉଦ୍ଧାର କରିବା ସହ ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗେଇ ଦେବା ପାଇଁ ଦାବି କରିଥିଲେ। ଏହାପରେ ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରି ଦାସ ଯାଇ ଘାଇ ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଳେଇ ଯିବାକୁ ପରାମର୍ଶ ଦେଇଥିଲେ।

**କୁଆଁଗୋଲା:** ବିଜେପି ନେତା ଗୌତମ ରାୟ ଦଳୀୟ କର୍ମୀଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ବୁଲି ବିପନ୍ନଙ୍କ ଭଲ ମନ୍ଦ ପଚାରି ବୁଝିବା ସହ ବିସ୍କୁଟ, ପାଉଁରୁଟି, ଦିଆସିଲି, ମହମବତି, ଚୁଡ଼ା ଗୁଡ଼ ପ୍ରଦାନ କରିଛନ୍ତି। ବ୍ଲକ ପ୍ରଶାସନ ଓ ଜିଲାପାଳଙ୍କ ସହ ସେ ବରାବର ଯୋଗାଯୋଗରେ ଅଛନ୍ତି ବୋଲି ଶ୍ରୀ ରାୟ କହିବା ସହ ବିପନ୍ନଙ୍କ ପାଖରେ ସମସ୍ତ ପ୍ରକାରର ସରକାରୀ ସହାୟତା ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଘର ସମ୍ମୁଖରୁ ବାଇକ୍ ଚୋରି

**ବାଲିଚନ୍ଦ୍ରପୁର, ୨୫।୮ (ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ସେଠୀଙ୍କର ଏକ ବାଇକ୍ (ଓ ଡି୦୪ଡି-୭୩୦୩) ତାଙ୍କ ଘର ସମ୍ମୁଖରେ ରଖାଯାଇଥିବା ବେଳେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଏନେଇ କାର୍ତ୍ତିକ ଚନ୍ଦ୍ର ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାଯାଇଛି।

## ୟୁକୋ ବ୍ୟାଙ୍କ ଗ୍ରାହକଙ୍କ ଟଙ୍କା ହଡ଼ପ ଘଟଣା
## ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ଧାରଣା




**ଧର୍ମଶାଳା, ୨୫।୮ (ସମିସ):** ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖାର କର୍ମଚାରୀ ଓ ତାଙ୍କ ପୁଅ ମିଶି ଗ୍ରାହକଙ୍କ ଲକ୍ଷ୍ୟାଧିକ ଟଙ୍କା ହଡ଼ପ କରି ଫେରାର ହୋଇଯାଇଛନ୍ତି। ଗ୍ରାହକମାନେ ଏହାର ପ୍ରତିବାଦରେ ଆଜି ସକାଳେ ବ୍ୟାଙ୍କ ସମ୍ମୁଖରେ ଧାରଣା ବସିଥିଲେ। ସୂଚନା ଅନୁଯାୟୀ, ଏହି ବ୍ୟାଙ୍କ ଶାଖାର ଏକାଧିକ ଗ୍ରାହକଙ୍କ ଜମା ଖାତାରୁ ତଞ୍ଚକତା ପୂର୍ବକ ପ୍ରାୟ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଛି। ହଡ଼ପର ଶିକାର ହୋଇଥିବା ଗ୍ରାହକ ମାନେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ନ୍ୟାୟ ଭିକ୍ଷା କରି ନିରାଶ ହେବା ପରେ ଆଜି ଗ୍ରାହକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଏପରିକି ନ୍ୟାୟ ନମିଳିଲେ ବ୍ୟାଙ୍କ ସମ୍ମୁଖରେ ଆତ୍ମାହୁତି ଦେବା ଲାଗି ଚେତାବନୀ ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ବ୍ୟାଙ୍କର ଜୋନାଲ ହେଡ ସୁଦିପ ଡାକୁଆ ଓ ଶାଖା ପରିଚାଳକ ଜୟଦେବ ତ୍ରିପାଠୀ ପହଞ୍ଚି ଗ୍ରାହକମାନଙ୍କୁ ବୁଝାସୁଝା କରିଥିଲେ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ହଡ଼ପ ଟଙ୍କାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜମା ଖାତାକୁ ଫେରସ୍ତ ନକଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଗ୍ରାହକ ଶିବ ପ୍ରଧାନ, ସୁମିତ୍ରା ପ୍ରଧାନ, ବର୍ଷା ପ୍ରଧାନ, ଚନ୍ଦ୍ରମଣି ଖଟୁଆ, ରବୀନ୍ଦ୍ର ସାହୁ, ବାଳକୃଷ୍ଣ ବେହେରା, ଅନୁପମା ସାହାଣୀ, କଳ୍ପତରୁ ପ୍ରଧାନ, ସୀତାଂଶୁ ବରାଳ, ଶ୍ରବଣ ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିପଦ ସଙ୍କେତ ତଳେ ବନ୍ୟାଜଳ

**ପାଣିକୋଇଲି:** ବୈତରଣୀ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଫଳରେ କୋରେଇ ବ୍ଲକରେ ବନ୍ୟା ଆଶଙ୍କା ଟଳିଯାଇଛି। ଆନନ୍ଦପୁର ଡ୍ୟାମ ଫାଟକ ସମ୍ପୂର୍ଣ୍ଣ ଖୋଲା ଯାଇଥିବାରୁ ପ୍ରବଳ ପାଣି ଆସି ବୈତରଣୀ ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ି ଆଖୁଆପଦା ଠାରେ ବିପଦ ସଂକେତର ଢେର ଉପରେ ପ୍ରବାହିତ ହୋଇଥିଲା। ଫଳରେ ନଦୀରୁ ପାଣି ଉପରକୁ ଉଠିବାକୁ ଆରମ୍ଭ କରିଥିଲା। ଯାହା ଫଳରେ ନଦୀକୂଳବାସୀ ବନ୍ୟା ଆଶଙ୍କାରେ ଥିଲେ। ଜଳସେଚନ ବିଭାଗ ସୂତ୍ରରୁ ମିଳିଥିବା ସୁଚନା ମୁତାବକ ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ଆଜି ଭୋର ୬ଟାରେ ସର୍ବାଧିକ ୧୮.୮୬ରେ ପହଞ୍ଚିଥିଲା। ପରେ ପରେ କମିବା ଆରମ୍ଭ କରିଥିଲା। ଆଜି ଦିନ ୧୦ ରୁ ମଧ୍ୟାହ୍ନ ୧୨ଟାରୁ ଦୀର୍ଘ ୨ ଘଣ୍ଟା ଜଳସ୍ତର ୧୮.୮୧ରେ ସ୍ଥିର ରହିଥିଲା। ଆଜି ଅପରାହ୍ନରେ ଜଳସ୍ତର କମି ୧୮.୪୩, ସନ୍ଧ୍ୟା ୬ଟାରେ ୧୮.୨୪ରେ ପ୍ରବାହିତ ହୋଇ ବିପଦ ସଙ୍କେତ ତଳେ ପହଞ୍ଚିଛି। ଲଘୁଚାପର ପ୍ରକୋପ କମିଥିବାରୁ ଆଜି କେନ୍ଦୁଝର ଜିଲ୍ଲାରେ ବର୍ଷା କମି ଯାଇଛି। ସେହି ପାଣି ବୈତରଣୀ ନଦୀରେ ପ୍ରବାହିତ ହେବା ପରେ ଜଳ ସ୍ତର ଆଉ ବୃଦ୍ଧି ହେବାର ସମ୍ଭାବନା ନାହିଁ ବୋଲି ଆଖୁଆପଦା ବ୍ୟାରେଜର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଦାସ ସୁଚନା ଦେଇଛନ୍ତି।

**ଧର୍ମଶାଳା:** ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକରେ ତୃତୀୟ ବନ୍ୟାଜଳ ଆସିବା ଫଳରେ ନଦୀ କୁଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଉପର ମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ରେଙ୍ଗାଲିର ୩ ଗୋଟି ଗେଟ ଖୋଲାଯାଇଛି। ପୂର୍ବରୁ ରେଙ୍ଗାଲିର ୨ ଗୋଟି ଗେଟ ଖୋଲାଯାଇଥିବା ବେଳେ ଆଜି ଭୋରରୁ ଗୋଟିଏ ଗେଟ୍ ଖୋଲାଯାଇଛି। ସେହିପରି ସମଲ ବ୍ୟାରେଜର ୧୦ ଗୋଟି ଗେଟ ଖୋଲାଯାଇଛି। ଫଳରେ ଆଜି ସନ୍ଧ୍ୟା ୭ଟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୩.୭୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଆଜି ଭୋର ସମୟରେ ରେଙ୍ଗାଲି ଡ୍ୟାମର ଖୋଲାଯାଇଥିବା ଗୋଟିଏ ଗେଟର ପାଣି କାଲି ସକାଳ ସୁଦ୍ଧା ଜେନାପୁର ନିକଟରେ ପହଞ୍ଚିବ। ଫଳରେ ବନ୍ୟା ଜଳ ବୃଦ୍ଧି ପାଇ ଜେନାପୁର ଠାରେ ବିପଦ ସଙ୍କେତ ଥିବା ୬୭ ଫୁଟ୍ ପାଖାପାଖି ଯିବାର ଆଶଙ୍କା କରାଯାଉଛି। ତେବେ ଉପରମୁଣ୍ଡରେ ବର୍ଷା ପରିମାଣ ନକମିଲେ ରେଙ୍ଗାଲି ଡ୍ୟାମର ଆଉ ଏକ ଗେଟ ଖୋଲାଗଲେ ବନ୍ୟା ହେବାର ଆଶଙ୍କା କରାଯାଉଛି। ଏହି ବନ୍ୟାରେ ବିଶେଷ କରି ତଳିଆ ଅଞ୍ଚଳ ଗୁଡିକ ବିଶେଷ ଭାବରେ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି। ତେବେ ନଦୀକୂଳିଆ ଲୋକମାନେ ସଜାଗ ରହିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି



**ଯାଜପୁର:** ଯାଜପୁର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହାର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଅପରାହ୍ନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଅଞ୍ଚଳରେ ୧୫୦ କ୍ୱିଣ୍ଟାଲ୍ ଚୁଡ଼ା ଓ ୧୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ଆମ୍ବୁଲାନ୍ସ ସହିତ ୨ଟି ମେଡିକାଲ ଟିମ୍ ଓ ୯ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ ଓ ୧ଟି ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ଦଶରଥପୁର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ବିଞ୍ଝାରପୁର ଓ ଦଶରଥପୁର ବ୍ଲକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକଙ୍କୁ ବଡ଼ଚଣା ଓ ଧର୍ମଶାଳା ବ୍ଲକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦଙ୍କ ଦାନଗଦି, ସୁକିନ୍ଦା ବ୍ଲକ ଓ ବ୍ୟାସନଗର ମ୍ୟୁନିସିପାଲଟି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କୁ କୋରେଇ ଓ ରସୁଲପୁର ବ୍ଲକ ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ବରୀ, ଯାଜପୁର ବ୍ଲକ ଓ ଯାଜପୁର ମ୍ୟୁନିସିପାଲଟି ଦାୟିତ୍ୱରେ ରଖାଯାଇଛି। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅଶୋକ କୁମାର ବେହେରା ଜିଲ୍ଲା କଣ୍ଟ୍ରୋଲ ରୁମ ପରିଚାଳନା କରୁଛନ୍ତି।

# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱାଲା

ସକାଳ THE SAKALA

## ନିଶା କବଳରେ ଓଡ଼ିଶା

ନିଶା ସେବନ ଯେ ମଣିଷକୁ ପଶୁରେ ପରିଣତ କରେ ତାହାର ଦୃଷ୍ଟାନ୍ତ ଅନେକ। ପାରିବାରିକ ଓ ସାମାଜିକ ଜୀବନରେ ଅପରାଧ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜଣେ ସାଧାରଣ ଲୋକ ସ୍ୱାଭାବିକ ଅବସ୍ଥାରେ ରହି ଯେଉଁ ଅପରାଧ କରିପାରିବ ନାହିଁ ନିଶାସକ୍ତ ଅବସ୍ଥାରେ ତାହା ନିର୍ବିଘ୍ନରେ ଭିଆଇ ପାରିବ। ଆମ ଜୀବନ ପ୍ରବାହରେ ସଂପର୍କ ଓ ସଂପ୍ରତି କ୍ରମେ ଦିଗହରା ହେଉଛି। ତେଣୁ ଅଚିନ୍ତନୀୟ ଓ ଅକଳ୍ପନୀୟ ଅପରାଧ ସମ୍ମୁଖକୁ ଆସୁଛି। ଦିନକୁ ଦିନ ଅପରାଧ ବୃଦ୍ଧି ପାଇବା ପଛରେ ଏହି ନିଶାର କରାମତି ଅଧିକ। ବର୍ତ୍ତମାନର ନିଶା ଆଉ ମଦ, ଗଞ୍ଜେଇ ଓ ଭାଙ୍ଗରେ ସୀମିତ ନାହିଁ ଡ୍ରଗ୍ସ ପ୍ରତି ନିର୍ଭରଶୀଳତା ବୃଦ୍ଧି ପାଉଛି। ତଥାକଥିକ ଡ୍ରଗ୍ସ ବ୍ରାଉନ ସୁଗର, ହେରୋଇନ, କୋକେନ ଓ ମାରିଜୁଆନାର ମୂଲ୍ୟ ଆକାଶଛୁଆଁ ହେଇଥିଲେ ମଧ୍ୟ ତାହାର ପ୍ରସାର ଆମ ରାଜ୍ୟରେ ବଢ଼ି ଚାଲିଛି। ଏହି ଅର୍ଥ ପାଇଁ ତଥାକଥିତ ନିଶାଡ଼ି ଯେକୌଣସି ଅପରାଧ ଭିଆଇ ପାରିବ। ନିଶା ମୁକ୍ତି ପାଇଁ ପ୍ରଚଳିତ ବ୍ୟବସ୍ଥାର ସକ୍ରିୟତା ସତ୍ତ୍ୱେ କବଳିତଙ୍କୁ ବାଟକୁ ଫେରାଇ ଆଣାଯାଇ ପାରିନି। ବିଳାସପୂର୍ଣ୍ଣ ଜୀବନଧାରାକୁ ଆପଣାଇ ନେଇଥିବା ପରିବାରରେ ଏପ୍ରକାର ଡ୍ରଗ୍ସ ପ୍ରଥମେ କାର୍ଯ୍ୟବିସ୍ତାର କରି ତାହା ଅନ୍ୟମାନଙ୍କୁ ସଂକ୍ରମିତ କରୁଛି। ଏକଥା ଉଲ୍ଲେଖ କରିବା ସକାଶେ ଆମ ରାଜ୍ୟରେ ଉପୁଜୁଥିବା କିଛି ଘଟଣାବଳୀ ବାଧବାଧକତା ସୃଷ୍ଟି କରିଛି। ନିର୍ବାଧାରେ ଗଞ୍ଜେଇ ଚାଷ ଓ ଚାଲାଣ ମାଧ୍ୟମରେ ବିପୁଳ ଉପାର୍ଜନରେ ସୁଯୋଗ ସୃଷ୍ଟି ହୋଇଛି। ମାଓବାଦୀଙ୍କ ପାଇଁ ଏହା ପାଣ୍ଠି ସଂଗ୍ରହ ସୁଯୋଗ ସୃଷ୍ଟି କରିଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ମାରିଜୁଆନା ଚାଲାଣର କେନ୍ଦ୍ରସ୍ଥଳରେ ପରିଣତ ହେବା ଚିନ୍ତା ଓ ଉଦ୍‌ବେଗର ବିଷୟ।

ଭୁବନେଶ୍ୱର ବିମାନ ବନ୍ଦର ଦେଇ ଦକ୍ଷିଣପୂର୍ବ ଏସିଆରୁ ମାରିଜୁଆନା ଚାଲାଣ ହେଉଥିବା ବେଳେ ଗୁଜୁରାଟର ମୁଦ୍ରା ବନ୍ଦରକୁ ଇରାନ ଓ ଆଫଗାନିସ୍ତାନରୁ ଆସୁଥିବା ବ୍ରାଉନସୁଗର ଓ ହେରୋଇନ ସମସ୍ତଙ୍କୁ ଚକିତ କରିଛି। ଭୁବନେଶ୍ୱରରେ ଅପେକ୍ଷାକୃତ କମ କଟକଣା ଓ ଯାଞ୍ଚର ସୁଯୋଗ ନେଇ ବ୍ୟାଙ୍କକ୍ ଓ ସିଙ୍ଗାପୁରରୁ ମାରିଜୁଆନା ଆସିବା ବୃଦ୍ଧି ପାଇଛି। ଏହି ଚାଲାଣରେ ସଂପୃକ୍ତ ଥିବା ଅପରାଧ ଯେ ଓଡ଼ିଶାର ଏକଥା ନୁହେଁ। ଅନ୍ୟ ରାଜ୍ୟର ନିଶା ବେପାରୀ ଦକ୍ଷିଣ-ପୂର୍ବ ଏସିଆରୁ ଆଣୁଥିବା ମାରିଜୁଆନା ଭୁବନେଶ୍ୱର ବିମାନ ବନ୍ଦରକୁ କାହିଁକି ପସନ୍ଦ କରନ୍ତି? ତା'ର କାରଣ ହେଲା ବିନା ପ୍ରତିବନ୍ଧକରେ ଚାଲାଣର ସୁଯୋଗକୁ ନିଶାବେପାରୀ ଆପଣାଇ ନେଇଛନ୍ତି। ତେବେ ଗତ କିଛିମାସ ହେଲା କଠୋର କଟକଣା ଲାଗୁ ହୋଇଥିବାରୁ ଜଣକ ପରେ ଜଣେ ନିଶା ବେପାରୀ ଧରାପଡୁଛନ୍ତି। ହସ୍ତଗତ ହୋଇଥିବା ତଥ୍ୟରୁ ପ୍ରକାଶ ଯେ ଗତ ୬ ମାସ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଦକ୍ଷିଣ ପୂର୍ବ ଏସିଆରେ ବ୍ରାଉନ ସୁଗାର କିମ୍ବା ହିରୋଇନ ଚାଲାଣ କ୍ୱଚିତ ପରିଲକ୍ଷିତ ହୋଇଥାଏ। କାରଣ ଏହି ଡ୍ରଗ୍ସର ପେଣ୍ଠସ୍ଥଳ ହେଉଛି ଆଫଗାନିସ୍ତାନ। ତେଣୁ ସେସବୁ ଜଳପଥରେ ଭାରତ ଆସିଥାଏ। ଗତ ଶନିବାର ଦୁଇ ପଞ୍ଜାବୀ. ପ୍ରେମୀଯୁଗଳ ବ୍ୟାଙ୍କକରୁ ୪କୋଟି ଟଙ୍କାର ମାରିଜୁଆନା ନେଇ ଆସୁଥିବା ବେଳେ ବହିଃଶୁଳ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ବେଳେ ଧରା ପଡ଼ିଛନ୍ତି। ଗତ ଜୁଲାଇ ୨୯ରେ ୨୫ କେଜି ମାରିଜୁଆନା ନେଇ ଆସୁଥିବା ୩ଜଣ ଯୁବକଙ୍କୁ ଏହି ବିମାନ ବନ୍ଦରରୁ ଏୟାରପୋର୍ଟ ପୁଲିସ ଜବତ କରିଥିଲା। ସେହି ଭଳି ଅଗଷ୍ଟ ୨ରେ ଦୁଇଟି ଧରପଗଡ଼ ହୋଇଥିଲା ଏବଂ ୮ କୋଟି ୧୦ କୋଟିଟଙ୍କାର ମାରିଜୁଆନା ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏଭଳି କ୍ରମାଗତ ଘଟଣାରୁ ସ୍ପଷ୍ଟ ହେଉଛି ଯେ କର୍ତ୍ତୃପକ୍ଷଙ୍କ ଅସାବଧାନତାର ସୁଯୋଗ ନେଇ କିଛି ଅପରାଧୀ ଖସିଯାଥିବାରୁ ତାହା ଏବେ ମଧ୍ୟ ଜାରି ରହିଛି।

ଏବେ ଆସିବା ଗୁଜୁରାଟର ମୁଦ୍ରା ବନ୍ଦର ପ୍ରସଙ୍ଗକୁ। ଦେଶର ପଶ୍ଚିମ ଉପକୂଳରେ ଏକାଧିକ ବନ୍ଦର ଥିବାବେଳେ ଡ୍ରଗ୍ସ ଚାଲାଣକାରୀ ମୁଦ୍ରା ବନ୍ଦରକୁ କାହିଁକି ପସନ୍ଦ କରନ୍ତି? କାରଣ ହେଲା, ସେହି ଏକା କଥା। ବିନା କଟକଣା ବା ଧରପଗଡ଼ରେ ଖସିଯିବାର ସୁଯୋଗ ରହୁଥିବାରୁ ଜାହାଜ କଣ୍ଟେନରରେ ଆସୁଛି ବିପୁଳ ପରିମାଣର ବ୍ରାଉନସୁଗାର ଓ ହେରୋଇନ। ଏପରିକି ଅଶୋଧିକ ଡ୍ରଗ୍ସ ମୁଦ୍ରା ବାଟ ଦେଇ ସ୍ଥଳପଥରେ ମୁମ୍ବାଇକୁ ଚାଲାଣ ହେଉଛି। ସେଠାରେ ଥିବା ବେଆଇନ କାରଖାନାରେ ଶୋଧନ କରାଯାଇ ଦେଶର ବିଭିନ୍ନ ଅଞ୍ଚଳକୁ ଚାହିଦା ଅନୁଯାୟୀ ପ୍ରେରଣ କରାଯାଉଛି। ଲୋକସଭାରେ ବିରୋଧୀଦଳ ନେତାଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ବନ୍ଦରରୁ ୧୯ଟି ମାମଲାରେ ୧୧,୩୧୧ କୋଟି ଟଙ୍କାର ଡ୍ରଗ୍ସ ଧରାପଡ଼ିଥିଲା। ଡ୍ରଗ୍ସ କରାବାରକୁ ନିୟନ୍ତ୍ରଣ କରିବା ସକାଶେ ରାଜ୍ୟ, କେନ୍ଦ୍ରୀୟ ଏଜେନ୍ସି ଓ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ଉପକୂଳ ବାହିନୀ ଓ ନୌସେନା ସହାୟତାରେ ନିୟମିତ ଚଢ଼ଉ ଜାରିରହିଛି। କିନ୍ତୁ ଲୋକସଭା ଉତ୍ତରରୁ ବାଦ ପଡିଥିବା ତଥ୍ୟ ହେଉଛି ୨୦୨୧ ରେ ମୁନ୍ଦ୍ରଅର ବନ୍ଦରରୁ ୨୯୮୮ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା, ଯାହାର କି ମୂଲ୍ୟ ହେବ ୨୧,୦୦୦ କୋଟି ଟଙ୍କାରୁ ଅଧିକ। ଆଫଗାନିସ୍ତାନରୁ ଏହି ହିରୋଇନ ଇରାନ ବନ୍ଦର ଦେଇ ଭାରତକୁ ପଠାଯାଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇଛି। ଏନ୍‌ଆଇଏ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ଡ୍ରଗ୍ସ ଅର୍ଥ ବେଆଇନ ଘୋଷିତ ଲସ୍କର-ଇ-ତୋଇବାର ଅଗ୍ରଣୀ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବାର ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ପରବର୍ତ୍ତୀ ସମୟରେ ପହଲଗାମ ଆତଙ୍କବାଦୀ କାର୍ଯ୍ୟ ପଛରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇଥିଲା ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ିଶାରେ ଗଞ୍ଜେଇ ଚାଲାଣ ବିରୋଧରେ ଜୋରଦାର ଧରପଗଡ଼ ଜାରି ରହିଛି। ଗଞ୍ଜେଇ ଚାଷକୁ ନିଷିଦ୍ଧ କରି ତୃଣମୂଳ ସ୍ତରରୁ ପଦକ୍ଷେପ ଗ୍ରହଣ କରାଗଲେ ଏହି ଧରପଗଡ଼ର କୌଣସି ଆବଶ୍ୟକତା ରହିବ ନାହିଁ। ଜଙ୍ଗଲ ଅବକାରୀ ଓ ପୁଲିସ ବିଭାଗର ସଲାସୁତୁରାରେ ଏହି ଗଞ୍ଜେଇ ଚାଷ ଏବଂ କୋଟି କୋଟି ଟଙ୍କାର କାରବାର ତଳୁ ଉପର ପର୍ଯ୍ୟନ୍ତ ଚାଲିଥିବାର ଅଭିଯୋଗ ହୁଏ। ଧରପଗଡ଼ କେବଳ ଧୂଆଁବାଣ। ଉପାନ୍ତ ଅଗମ୍ୟ ଅଞ୍ଚଳରେ ଅବଶ୍ୟ ମାଓବାଦୀଙ୍କ ପୁଞ୍ଜି ଆହରଣର ସୂତ୍ର ପାଲଟିଛି ଏହି ଗଞ୍ଜେଇଚାଷ। ଗଞ୍ଜେଇ ଉପରେ ଥିବା ନିଷେଧାଦେଶ ପ୍ରତ୍ୟାହାର ସକାଶେ ପାଶ୍ଚାତ୍ୟ ରାଷ୍ଟ୍ରରେ ଜନମତ ସୃଷ୍ଟି ହେଲାଣି। ତାହାର ଔଷଧୀୟ ଗୁଣ ଓ ଅନ୍ୟାନ୍ୟ ଉପକାରିତା ପ୍ରତି ଏପର୍ଯ୍ୟନ୍ତ ସଠିକ ଧ୍ୟାନ ଦିଆଯାଇ ନାହିଁ। ଯେତେଦୂର ମନେହୁଏ ନିଷେଦ୍ଧାଦେଶ ପୃଷ୍ଠଭାଗରେ ବିପୁଳ କଳା ଅର୍ଥର କାରସାଦୀ ରହିଛି। ଏହା ଉଭୟ ଶାସନ ଓ କ୍ଷମତା କେନ୍ଦ୍ରକୁ ପ୍ରଭାବିତ କରି ରଖିଛି।

## ବ୍ୟାବସାୟିକ ବିବାଦରୁ ବିକଳ୍ପ ଶକ୍ତି ସମ୍ଭାବନା

**ଡ. ସନ୍ତୋଷ କୁମାର ସାହୁ**

ଅଖଣ୍ଡ ଭାରତ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ଟାରିଫ ପ୍ରହାର ଏକ ବ୍ୟାବସାୟିକ ବିବାଦ ରୂପେ ଆପାତତଃ ଜଣାପଡୁଥିଲେ ହେଁ ଏହା ସିଧାସଳଖ ଦେଶର ଶକ୍ତି ଉତ୍ସ ଉପରେ ପ୍ରହାର ଷଡ଼ଯନ୍ତ୍ର ଭାବେ ଅଭିହିତ କରାଯାଇପାରେ। ତେବେ ଭାରତର କୂଟନୀତି, ଯୋଜନାବଦ୍ଧ ରଣନୀତି, ଆତ୍ମନିର୍ଭରଶୀଳତା, ବିବିଧ ବ୍ୟବସାୟ, ଅନ୍ତର୍ଜାତୀୟ ବଜାରରେ ଭାରତର ପ୍ରମୁଖ ଭୂମିକା, ବିପୁଳ ବଜାର ଓ ଭୌଗୋଳିକ ସ୍ଥିତିକୁ ଅବଲୋକନ କଲେ ଭାରତର ସୁରକ୍ଷା ପ୍ରାଚୀର ଭେଦିବାକୁ ଆମେରିକାର ପ୍ରୟାସ ଯେ ପଣ୍ଡ ହେବ ଏଥିରେ ସନ୍ଦେହ ନାହିଁ।

୨୦୨୫, ଅଗଷ୍ଟ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ୨୫% ଶୁଳ୍କ ଲାଗୁ କଲେ। ମାତ୍ର ଛ' ଦିନ ପରେ ଆଉ ୨୫% ବଢ଼ାଇ, ମୋଟ ୫୦% ଶୁଳ୍କ ଲାଗୁ କରାଗଲା। ବାରଣ ସତ୍ତ୍ୱେ ଭାରତ ରୁଷ୍‌ରୁ ବିପୁଳ ପରିମାଣର ଇନ୍ଧନ କିଣୁଥିବାରୁ ଭାରତ ଉପରେ ଜୋରିମାନା ଆକାରରେ ଏହି ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟୀକରଣରେ କୁହାଗଲା। କିନ୍ତୁ ଆମେରିକାର ଏହି ପଦକ୍ଷେପ ଭାରତ ଉପରେ କେବଳ ବ୍ୟାବସାୟିକ ଚାପ ନୁହେଁ, ଭାରତର ଶକ୍ତି ସୁରକ୍ଷାକୁ ଦୋହଲାଇ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ ପାଇଛି।

ସାମ୍ପ୍ରତିକ ସ୍ଥିତିରେ ଭାରତ ଏହାର ଅଶୋଧିତ ତୈଳ ଚାହିଦାର ୮୮.୨% ଏବଂ ପ୍ରାକୃତିକ ବାଷ୍ପର ୫୦.୮% ଆମଦାନୀ କରୁଛି। ରୁଷିଆର ଅଶୋଧିତ ତୈଳ ଉପରେ ଭାରତ ନିର୍ଭରଶୀଳତା ବୃଦ୍ଧିର ପଛରେ ତିନୋଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦୀ ଆରବ ତୁଳନାରେ ରୁଷ୍‌ର ଅଶୋଧିତ ତୈଳ ଭାରତ ପାଇଁ ଶସ୍ତା ରହୁଛି। ୨୦୨୫ ମେ'ରେ ସାଉଦୀ ଆରବ ତୁଳନାରେ ରୁଷ୍‌ରୁ ଉତ୍ପାଦିତ ଅଶୋଧିତ ତୈଳ ବ୍ୟାରେଲ ପିଛା ୪.୫୦ଡଲାର କମ୍ ଥିଲା। ଦ୍ୱିତୀୟତଃ, ପାରମ୍ପରିକ ମଧ୍ୟପ୍ରାଚ୍ୟ ଯୋଗାଣକାରୀଠାରୁ ଦୂରେଇ ଏହାକୁ ବିବିଧିକରଣ କରିବା ଦ୍ୱାରା ୟୁରୋପୀୟ ଚାହିଦା ବିଶ୍ୱ ତୈଳ ପ୍ରବାହକୁ ପୁନଃଗଠନ କରିଛି। ଭାରତ ଅଶୋଧିତ ତୈଳ ଆମଦାନୀ କରି ଏବେ ବିଶୋଧିତ ତୈଳ ରପ୍ତାନି କରିବା ଦ୍ୱାରା ଏହା ନିଜସ୍ୱ ଚାହିଦା ମେଣ୍ଟାଇ ଶକ୍ତି ସୁରକ୍ଷା ଦିଗରେ ଏକ ବଡ଼ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୪୪.୩ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଜି୭ ଦେଶମାନଙ୍କୁ ଭାରତ ରପ୍ତାନି କରିଥିଲା। ତୃତୀୟ, ଭାରତର ମତରେ, ରୁଷିଆରୁ ତୈଳ କ୍ରୟ ଦ୍ୱାରା ବିଶ୍ୱ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୨୦/୧୩୦ ଡଲାର ଭିତରେ ସୀମିତ ରଖିଛି। ଫଳରେ ଏହାର ଦର ବୃଦ୍ଧି ହେଉନି ଏବଂ ବିଶ୍ୱ ବଜାରରେ ସ୍ଥିରତା ଆଣିଛି। ଏହି ପରିପ୍ରେକ୍ଷୀରେ ଭାରତ ରୁଷିଆର ଅଶୋଧିତ ତୈଳରୁ ଦୂରେଇବାର ଅର୍ଥ, ପ୍ରତିବର୍ଷ ୯ରୁ ୧୧ ବିଲିୟନ ଡଲାର ମୂଲ୍ୟର ଅତିରିକ୍ତ ବୋଝ ମୁଣ୍ଡାଇବା। ଏହାର ସିଧାସଳଖ ପ୍ରଭାବ ଭାରତର ବିଶୋଧନ ଶିଳ୍ପ ଉପରେ ପଡ଼ିବ।

ଅପରପକ୍ଷରେ ଆମେରିକାର ଶୁଳ୍କ ବୃଦ୍ଧି ଏବଂ ବ୍ୟବସାୟିକ ବିବାଦ ଯୋଗୁଁ ଭାରତର ଶକ୍ତି ଶିଳ୍ପ ପୁନଃ ନବୀକରଣର ଏକ ବଡ଼ ସୁଯୋଗ ଆଣିଛି। ଯୁକ୍ତରାଷ୍ଟ୍ର ସ୍ୱଚ୍ଛ ଶକ୍ତି ପ୍ରୋତ୍ସାହନ କମାଇଲେ, ୮୦ ବିଲିୟନ ଡଲାରର ବିଶ୍ୱ ବଜାର ଖୋଲିବାର ସମ୍ଭାବନା ସୃଷ୍ଟି ହେବ। ଫଳରେ ଭାରତୀୟ କମ୍ପାନିଗୁଡ଼ିକ ଏହି ସୁଯୋଗକୁ ହାତେଇପାରିବେ। ଏହାସହିତ, ୨୦୪୭ ସୁଦ୍ଧା ଭାରତର ପରମାଣୁ କ୍ଷମତାକୁ ୮.୨ ଜିଡବ୍ଲୁରୁ ୧୦୦ ଜିଡବ୍ଲୁକୁ ବଢ଼ାଇବାର ଯୋଜନା ଜୀବାଶ୍ମ ଇନ୍ଧନ ବିପଦ ବିରୋଧରେ ଏକ ରଣନୈତିକ ସୁରକ୍ଷା, ଯାହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ଏବଂ କାର୍ବନମୁକ୍ତ ଯୋଜନାକୁ ସମର୍ଥନ ଦେବା। ସେହିପରି ଆମେରିକାର ତାରିଫ୍ ବିବାଦ ବ୍ରିକ୍ସ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ମଜଭୂତ କରିଛି। ଏହି ରାଷ୍ଟ୍ରମାନେ ଆମେରିକାର ତାରିଫକୁ ଡବ୍ଲୁଟିଓ ନିୟମ ଉଲ୍ଲଂଘନକାରୀ 'ଏକପାଖିଆ ଓ ବାଧ୍ୟତାମୂଳକ ପଦକ୍ଷେପ' ବୋଲି ବର୍ଣ୍ଣନା କରିଛନ୍ତି। ଏହା 'ବ୍ରିକ୍ସ ପେ' ଏବଂ ଚୀନର 'ସିଆଇପିଏସ' ପରି ବିକଳ୍ପ ଦେୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ସମ୍ଭାବନାକୁ ଉଜ୍ଜ୍ୱଳ କରିଛି।

ଏସବୁରୁ ସ୍ପଷ୍ଟ ଯେ, ସାମ୍ପ୍ରତିକ ସ୍ଥିତି ଭାରତକୁ ସ୍ୱଳ୍ପକାଳୀନ ଆର୍ଥିକ ବ୍ୟୟ ସହିତ ଦୀର୍ଘମିଆଦୀ କୌଶଳାତ୍ମକ ସ୍ୱାଧୀନତାର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ବିବିଧିକରଣ ଜରିଆରେ ଦେଶର ନିଜସ୍ୱ ଶକ୍ତି ଉତ୍ପାଦନରେ ବୃଦ୍ଧି ଘଟାଇବ ଏବ ପୁନଃନବୀକରଣ ଶକ୍ତିରେ ତ୍ୱରିତ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏହି ପଦକ୍ଷେପ ଭବିଷ୍ୟତରେ ଭାରତକୁ ଶକ୍ତି ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭିତ୍ତି ସାବ୍ୟସ୍ତ ହେବ।

୨୦୨୫-୨୬ର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କଲେ ଉପରୋକ୍ତ ଯୋଜନାଭିତ୍ତିକ ଲକ୍ଷ୍ୟ ହାସଲ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିବ। ଯାହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଟାରିଫ୍ ପ୍ରଣାଳିକୁ ସରଳ କରିବା ଓ ଶୁଳ୍କ ସନ୍ତୁଳନ ରକ୍ଷା କରିବା। ଏହି ପରିବର୍ତ୍ତନ ଦେଶୀୟ ଉତ୍ପାଦ ବୃଦ୍ଧି ଓ ମୂଲ୍ୟ ସୃଷ୍ଟିକୁ ଉନ୍ନତ କରିବ, ରପ୍ତାନି ପ୍ରତିଯୋଗିତାକୁ ଗତିବାନ କରିବ, ବ୍ୟାବସାୟକୁ ସହଜ କରିବ ଓ ସାଧାରଣ ନାଗରିକଙ୍କୁ ସିଧାସଳଖ ଲାଭ ଦେବ। ୨୦୨୩-୨୪ ବଜେଟର ପଦଚିହ୍ନକୁ ଅନୁସରଣ କରି, ଶିଳ୍ପ ପଦାର୍ଥ ପାଇଁ ୭ଟି ଅତିରିକ୍ତ ଶୁଳ୍କ ହାରକୁ ବିଲୋପ କରାଯାଇଛି। ୨୦୨୫-୨୬ ବଜେଟର ଶୁଳ୍କ ନୀତିକୁ କେବଳ ଆୟ ସଂଗ୍ରହ କିମ୍ବା ସାଧାରଣ ସୁରକ୍ଷା ରୂପେ ନୁହେଁ, ବରଂ ଶିଳ୍ପ ଉନ୍ନତିର ପ୍ରୟୋଜନରେ ଏକ ସୁଦୃଢ଼ ଉପକରଣ ଭାବେ ବ୍ୟବହାର କରାଯାଇଛି, ଯାହାକି ଦେଶ ପାଇଁ ଏକ ଶୁଭ ସଙ୍କେତ।

ସେହିପରି ବୈଦ୍ୟୁତିକ ଯାନ((ଇଭି) ଗତିଶୀଳତା ଆଡ଼କୁ ଭାରତର ପରିବର୍ତ୍ତନକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ପୁଞ୍ଜିଗତ ସାମଗ୍ରୀ ଛାଡ଼ ତାଲିକାରେ ଏବେ ଇଭି ବ୍ୟାଟେରୀ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ ୩୫ଟି ଏବଂ ମୋବାଇଲ୍ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଘରୋଇ ଲିଥିୟମ-ଆୟନ ବ୍ୟାଟେରୀ ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିବା, ଯାହା ଏହି ଦ୍ରୁତ ବିସ୍ତାରଶୀଳ ଶିଳ୍ପରେ ନିଯୁକ୍ତି ବୃଦ୍ଧିରେ ସହାୟକ ହେବ। କଞ୍ଚାମାଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର କୋବାଲ୍ଟ ପାଉଡର, ଲିଥିୟମ-ଆୟନ ବ୍ୟାଟେରୀ ଅପଚୟ ଏବଂ ସ୍କ୍ରାପ୍, ସୀସା, ଜିଙ୍କ୍ ଆଦି ୧୨ଟି ଅନ୍ୟାନ୍ୟ ପ୍ରମୁଖ ଖଣିଜ ପଦାର୍ଥ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି)କୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଏହା ଜୁଲାଇ ୨୦୨୪ରେ ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ପୂର୍ବରୁ ଦିଆଯାଇଥିବା ଛାଡ଼ ଉପରେ ଆଧାରିତ। ଏହି ପଦକ୍ଷେପ ଘରୋଇ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକୀୟ ସମ୍ବଳଗୁଡ଼ିକର ସ୍ଥିର ଯୋଗାଣକୁ ସୁନିଶ୍ଚିତ କରିବ। ଯ'ଦ୍ୱାରା ନିଯୁକ୍ତି ସୃଷ୍ଟି ସମ୍ଭାବନା ବୃଦ୍ଧି ପାଇବ।

୨୦୨୫-୨୬ କେନ୍ଦ୍ର ବଜେଟରେ ଆମଦାନୀ ଖର୍ଚ୍ଚ ଏବଂ ସରକାରୀ ରାଜସ୍ୱକୁ ବିସ୍ତାରିତ ଭାବରେ ପ୍ରଭାବିତ କରିବା ପାଇଁ ଏକ ଶୃଙ୍ଖଳିତ ଶୁଳ୍କ ସଂସ୍କାର ପ୍ରଚଳନ କରାଯାଇଛି। ଶିଳ୍ପ ଉତ୍ପାଦ, ଜୀବନ ରକ୍ଷାକାରୀ ଔଷଧ, ଇଭି ଓ ମୋବାଇଲ୍ ବ୍ୟାଟେରୀ ଉତ୍ପାଦନ ପାଇଁ ପୁଞ୍ଜି ସାମଗ୍ରୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବୟନ ଯନ୍ତ୍ରପାତି ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି) ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଛାଡ଼ କରି ଆମଦାନୀ ଖର୍ଚ୍ଚ ହ୍ରାସ କରିବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅତ୍ୟାବଶ୍ୟକୀୟ ଇନପୁଟ୍‌ଗୁଡ଼ିକୁ ଅଧିକ ସୁଲଭ କରି ଘରୋଇ ଶିଳ୍ପଗୁଡ଼ିକୁ ସମର୍ଥନ କରିବ ଏବଂ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ କମ କରିବା ପାଇଁ ଏହାକୁ ବ୍ୟବସ୍ଥିତ କରାଯାଇଛି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଉତ୍ପାଦ ପାଇଁ ଏହା ସହାୟକ ହେବ।

ବର୍ତ୍ତମାନର ବର୍ଦ୍ଧିତ ଆମେରିକା ଶୁଳ୍କ ଦୃଶ୍ୟପଟରେ ଭାରତ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଅନେକ ରଣନୈତିକ ପ୍ରାଥମିକତାକୁ ଗୁରୁତ୍ୱ ଦେଉଛି। ପ୍ରଥମତଃ, ଏକକ ବଜାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଦ୍ୱାରା ଏକ ସ୍ଥିର ବିଶ୍ୱ ଗଠନ କରିବା ପାଇଁ ବାଣିଜ୍ୟ ସହଭାଗିତାକୁ ବିବିଧ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ। ଦ୍ୱିତୀୟତଃ, ଏହା ବିଶ୍ୱ ପୁଞ୍ଜିକୁ ଆକର୍ଷିତ କରିବା ସହ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ସଂହତ କରିବା ପାଇଁ ଆଭ୍ୟନ୍ତରୀଣ ସଂସ୍କାର, ବିଶେଷକରି 'ଚୁକ୍ତି ପ୍ରବର୍ତ୍ତନ ଏବଂ ବିଦେଶୀ ନିବେଶ ଢାଞ୍ଚା'ର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି। 'ସ୍ୱଦେଶୀ' ଆତ୍ମନିର୍ଭରଶୀଳତା ପାଇଁ ଭାରତର ପ୍ରୟାସ, ନବସୃଜନ, ଗୁଣବତ୍ତା ଓ ପ୍ରତିଯୋଗିତା ଆଦି ଯୋଡ଼ି ହେଲେ ବାହ୍ୟ ଶୁଳ୍କ ଚାପକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ସ୍ପ୍ରିଙ୍ଗବୋର୍ଡରେ ପରିଣତ କରିପାରିବ। ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ବହୁପାକ୍ଷିକ ପ୍ରତିଷ୍ଠାନ ସହିତ ନିରନ୍ତର ସମ୍ପର୍କ, ଜାତୀୟ ସ୍ୱାର୍ଥକୁ ଦୃଢ଼ ଭାବରେ ରକ୍ଷା କରିବା ସହିତ ବାଣିଜ୍ୟ ବିବାଦ ପରିଚାଳନା ଏବଂ ଏକ ସ୍ଥିର ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାବଶ୍ୟକ ହେବ। ଶେଷରେ, ଦେଶର ଭୂରାଜନୈତିକ ବିଚାର ସମ୍ବଳ-ସମୃଦ୍ଧ ଅର୍ଥନୀତି, ଶକ୍ତି ଓ ସମ୍ପର୍କ, ବ୍ୟାପକ ଆର୍ଥିକ ଅଭିବୃଦ୍ଧିକୁ ବଳ ଦେବା ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜଟିଳ ବିଶ୍ୱ ପରିବେଶରେ ଅବିଭାଜିତ ବୈଦେଶିକ ବାଣିଜ୍ୟ ରଣନୀତି ଗଠନ କରିବାରେ ଭାରତର ଭୂମିକା ଏକ ପ୍ରମୁଖ କାରଣ ହେବ।

(ସହାୟକ ପ୍ରାଧ୍ୟାପକ, ଅର୍ଥନୀତି, ଆଇଆଇଟି ମାଦ୍ରାସ)
ଚେନ୍ନାଇ, ମୋ: ୯୭୯୧୧୭୦୪୩୧

## ବହି ଖୋଲା ପରୀକ୍ଷା, ମନ ଖୋଲା ଲେଖା

**ଡ. ସୀତାକାନ୍ତ ତ୍ରିପାଠୀ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆସନ୍ତା ବର୍ଷ ନବମ ଶ୍ରେଣୀ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ବହି ଖୋଲି ଉତ୍ତର ଲେଖିବେ ବୋଲି ନିଷ୍ପତ୍ତି ନେଇଛି। ଯାହାଫଳରେ ପିଲାମାନଙ୍କର ପରୀକ୍ଷା ପ୍ରତି ଥିବା ଭୟ ଦୂରେଇ ଯିବା ସହିତ ସେମାନଙ୍କର ବିଶ୍ଲେଷଣାତ୍ମକ, ପ୍ରୟୋଗାତ୍ମକ ତଥା ସୃଜନାତ୍ମକ ଗୁଣଗୁଡ଼ିକ ବିକଶିତ ହେବ ବୋଲି ବିଶ୍ୱାସ କରାଯାଉଛି। ସାଧାରଣତଃ ପିଲାମାନଙ୍କର ମନେ ରଖିବାର ଶକ୍ତି, ବ୍ୟାଖ୍ୟାକରଣ ସୃଜନାତ୍ମକ କଳା, କାର୍ଯ୍ୟକାରଣ ସମ୍ପର୍କର ପରିମାପ ଆଦିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ମାପଦଣ୍ଡରେ ଧାର୍ଯ୍ୟ କରିବା ହେଉଛି ପରୀକ୍ଷାର ମୂଳ ଲକ୍ଷ୍ୟ। ତେବେ ଜ୍ଞାନ ଆହରଣ କରିବାକୁ କେବଳ କାଗଜ କଲମରେ ସୀମିତ ନରଖି ତା'କୁ କେମିତି ଦୈନନ୍ଦିନ ଜୀବନ ତଥା ପରୀକ୍ଷାଗାରରେ ପ୍ରୟୋଗ କରାଯାଇ ପାରିବ ସେ ସମ୍ପର୍କିତ ଜ୍ଞାନ ଆହରଣ କରିବା ବିଶେଷ ଜରୁରୀ।

ଏସବୁକୁ ଲକ୍ଷ୍ୟ କରି ପିଲାମାନଙ୍କୁ ପରୀକ୍ଷା ସମୟରେ ବହି ଯୋଗାଇ ଦିଆଗଲେ ମଧ୍ୟ ସେଗୁଡ଼ିକରୁ ଉତ୍ତର ଖୋଜି ତା'କୁ ସଠିକ ଭାବେ ଲେଖିବା ମଧ୍ୟ ପରୀକ୍ଷାର ପ୍ରସଙ୍ଗ। ପୂର୍ବରୁ କେବଳ ଆଇନ ପରୀକ୍ଷାରେ ଏହିଭଳି ଢଙ୍ଗରେ ପରୀକ୍ଷା ହେବାର ବ୍ୟବସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ତାହା ନବମ ଶ୍ରେଣୀରେ ପ୍ରଚଳନ ହେବା ଏକ ଆହ୍ୱାନ ବୋଲି ମନେ ହୁଏ। ପ୍ରକୃତରେ କେବଳ ମନେ ରଖିବା ବଡ଼ ନା ତତ୍ତ୍ୱ ଓ ତଥ୍ୟକୁ ବୁଝି ତା'କୁ ଠିକ୍ ସମୟରେ କାର୍ଯ୍ୟରେ ଲଗାଇବା ବଡ଼, ସେକଥା ନିର୍ଣ୍ଣୟ କରିବା କାଠିକର ପାଠ।

ଖୋଲାବହି ପରୀକ୍ଷାରେ ଅନେକ ସମସ୍ୟା ଥିବା ଭଳି ମନେହୁଏ। ପିଲାମାନେ ବହି ଦେଖିବାର ସୁଯୋଗ ଥିବାରୁ ସେମାନେ ଖାମଖିଆଲି ଭାବେ ପାଠ ପଢ଼ିବାର ଆଶଙ୍କା ରହିଛି। ବହି ଉପରେ ଭରସା କରିବା ଦ୍ୱାରା ନିଜର ମୂଲ୍ୟବାନ ସମୟ ଅପଚୟ ହେବା ସହିତ ସୃଜନଶୀଳତାକୁ ହରାଇ ବସିବାର ମଧ୍ୟ ଆଶଙ୍କା ରହିଛି। ଏହି ବ୍ୟବସ୍ଥାରେ ପିଲାମାନେ ସଠିକ ସମୟରେ ଉତ୍ତର ଲେଖି ସାରିବାର କଳା କୌଶଳକୁ ଠିକ୍ ଭାବେ ଜାଣି ନପାରନ୍ତି। ଗଣିତ, ଚିକିତ୍ସା ବିଜ୍ଞାନ, ଭାଷା, ସାହିତ୍ୟ ଆଦି ଅନେକ କ୍ଷେତ୍ରରେ ଖୋଲା ବହିର ଉପଯୋଗିତା ପ୍ରାୟତଃ ନଥାଏ। ସର୍ବୋପରି ପରୀକ୍ଷାର୍ଥୀ ଜଣକ ନିଜ ଭିତରେ ଥିବା ଧୀଶକ୍ତି ବା ମନେ ରଖିବାର କଳାକୁ ହରାଇ ଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କେବଳ କଳା ଓ ସାହିତ୍ୟକୁ ଛାଡ଼ିଦେଲେ ଅନ୍ୟକୌଣସି ବିଷୟରେ ମନଖୋଲା ଲେଖିବାର ସୁବିଧା ସୁଯୋଗ ନଥାଏ। କେବଳ ପୁସ୍ତକ ବିଦ୍ୟାକୁ କଣ୍ଠସ୍ଥ, କାଗଜ କଲମ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ଉତ୍ତର ଲେଖିବା ଦ୍ୱାରା ପରୀକ୍ଷାର୍ଥୀ ମନରେ ଥିବା ଅନେକ ଉତ୍ତର, ଚିନ୍ତାଧାରା, ବିଶ୍ଲେଷଣ ଆଦି ଅବ୍ୟକ୍ତ ହୋଇ ରହିଯାଇଥାଏ।

ପ୍ରତ୍ୟେକ ମଣିଷ ମନରେ ପାଠପଢ଼ା ବ୍ୟତୀତ ଅସୁମାରୀ ଚିନ୍ତା, ଚେତନା ଓ ଭାବଧାରା ଥାଏ, ଯାହାକୁ ଆଧାର କରି ନୂତନତ୍ୱର ସନ୍ଧାନ ମିଳିପାରେ। ଚାପମୁକ୍ତ ନହୋଇ ମନ ଖୋଲା ରହିଲେ ଭୟ କମିଯାଏ ଏବଂ ପାଠ ଓ ପରୀକ୍ଷାକୁ ନିଜ ଜୀବନର ଅଙ୍ଗ ଭାବେ ଗଣନା କରିବାର ସୁଯୋଗ ମିଳିଥାଏ। ଅନ୍ୟ ପରୀକ୍ଷାର୍ଥୀମାନଙ୍କ ତୁଳନାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପିଲାଟି ବିଚାର କରିଥାଏ। ବିଦ୍ୟା କେବଳ ପରୀକ୍ଷା ଏବଂ ବହି ମଧ୍ୟରେ ସୀମିତ ନୁହେଁ ବୋଲି ପ୍ରମାଣ ମିଳିଥାଏ। ଏ ପ୍ରକାର ମାନସିକତାରୁ ନୂତନ ଚିନ୍ତା ଚେତନା ଜାଗ୍ରତ ହେବାର ଅବସର ମିଳିଥାଏ।

ସମସ୍ତେ ଜାଣନ୍ତି ସନ୍ଧ୍ୟା ହେଲେ ସୂର୍ଯ୍ୟ ଅସ୍ତ ହୁଅନ୍ତି। କିନ୍ତୁ ପୂର୍ବର ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇ ଯଦି କେହି ଜଣେ ସୂର୍ଯ୍ୟ ସ୍ଥିର, ପୃଥିବୀ ଘୁରୁଛି ବୋଲି ଚିନ୍ତା କରି କହି ନଥା'ନ୍ତେ କିମ୍ବା ଲେଖି ନଥା'ନ୍ତେ ତା'ହେଲେ ହୁଏତ ଆଜିପର୍ଯ୍ୟନ୍ତ ପୃଥିବୀ ସ୍ଥିର, ସୂର୍ଯ୍ୟ ଏହାର ଚାରିପଟେ ଘୁରୁଛି ବୋଲି ଆମେ ମାନି ନେଇଥା'ନ୍ତେ। ଚିରାଚରିତ ବିଧି, ବ୍ୟବସ୍ଥା, ଚିନ୍ତାଧାରା ଉପରେ ସମୀକ୍ଷା ଏବଂ ଏଥିରୁ ବାହାରିଯାଇ ଏକ ନୂଆ ଚେତନାର ଦିଗ୍‌ବଳୟରେ ପହଞ୍ଚିବାର ସୁବିଧା ସୁଯୋଗ ମନଖୋଲା ଲେଖାରୁ ଆରମ୍ଭ ହୁଏ। ରାଜନୀତି, ଅର୍ଥନୀତି, କଳା, ବିଜ୍ଞାନ, ଦର୍ଶନ, ତର୍କ, ଜ୍ୟୋତିଷ, ଆୟୁର୍ବେଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ମନଖୋଲା ଅନୁଭୂତିସମ୍ପନ୍ନ ଲେଖାର ଆବଶ୍ୟକତା ରହିଛି, ଯାହାକୁ ଭିତ୍ତି କରି ମଣିଷକୁ ଆଗକୁ ଯିବା ପାଇଁ ରାହା ମିଳିଥାଏ। ଆବିଷ୍କାର ଓ ଉଦ୍ଭାବନକୁ ଆହୁରି ଅଧିକ ମାତ୍ରାରେ କରିବା ପାଇଁ ମଣିଷକୁ ଏହା ଖୋରାକ ଯୋଗାଇଥାଏ।

ତେଣୁ କେତେବେଳେ ବହିଖୋଲା ପରୀକ୍ଷା ଆଉ କେତେବେଳେ ମନ ଖୋଲା ଲେଖା କରାଯାଇ ପରୀକ୍ଷାର୍ଥୀମାନଙ୍କର ମାନସିକ ଫଳାଫଳ ନିର୍ଦ୍ଧାରଣ କରାଯିବା ଦରକାର ସେ ବିଷୟରେ ବିତର୍କ ହେବାର ସମୟ ଉପଗତ। ଉଦାହରଣ ସ୍ୱରୂପ କୌଣସି ମନ୍ଦିର ସମ୍ପର୍କରେ ବର୍ଣ୍ଣନା ସମୟରେ ତା'କୁ କିଏ, କେବେ, କାହିଁକି ନିର୍ମାଣ କରିଥିଲେ ସେ ବିଷୟରେ ଆମେ ପଢ଼ିଥାଉ। କିନ୍ତୁ ଗଢ଼ିଥିବା କାରିଗର ସେସମୟର ସାମାଜିକ ସ୍ଥିତି, ରାଜନୈତିକ ପୃଷ୍ଠଭୂମି, ଆର୍ଥିକ ଅବସ୍ଥା ସମ୍ପର୍କିତ ଆଲୋଚନା ପ୍ରାୟତଃ ହୋଇ ନ ଥାଏ। ମନଖୋଲା ଲେଖା ଜିଜ୍ଞାସୁକୁ ପ୍ରଶ୍ନୀଳ କରିବାରେ ସାହାଯ୍ୟ କରିଥାଏ, ଯାହା ନୂତନ ତତ୍ତ୍ୱ ଓ ତଥ୍ୟ ପାଇଁ ପଥ ପ୍ରଦର୍ଶକ ହୋଇଥାଏ।

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ରଙ୍ଗ ଓ ମନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବିଭିନ୍ନ ରଙ୍ଗର ଆଲୋକ ଅଲଗା ଅଲଗା ତୀକ୍ଷ୍ଣଲମ୍ବଯୁକ୍ତ ରଶ୍ମି। ସୂର୍ଯ୍ୟକିରଣ ଆମକୁ ଗୋଟିଏ ରଙ୍ଗ ଭଳି ମନେ ହେଲେ ହେଁ ଏହା ପ୍ରକୃତରେ ସାତୋଟି ରଙ୍ଗର ସମାହାର। ଏହାର ବର୍ଣ୍ଣାଳୀରେ କ୍ଷୁଦ୍ରତମ ତରଙ୍ଗ ଲମ୍ବଯୁକ୍ତ ରଶ୍ମି ହେଲା ବାଇଗଣୀ ବା ଭାଓଲେଟ୍ ଏବଂ ବୃହତ୍ତମଟି ହେଲା ଲୋହିତ ବା ଲାଲ୍। ଭାଓଲେଟ୍‌ଠାରୁ କ୍ଷୁଦ୍ରତମ ତରଙ୍ଗ ଲମ୍ବ ବିଶିଷ୍ଟ ରଶ୍ମିକୁ ଆମେ ଅଲଟ୍ରାଭାଓଲେଟ୍ ବା ଅତିଘନ ବାଇଗଣୀ ଏବଂ ଲୋହିତ ବା ରେଡ୍‌ଠାରୁ ଅଧିକ ତରଙ୍ଗ ଲମ୍ବଯୁକ୍ତ ରଶ୍ମିକୁ ଇନଫ୍ରାରେଡ ବା ପାରଲୋହିତ ବୋଲି କହୁ। ଆମ ଆଖି ଏ ଦୁଇଟିକୁ ଦେଖି ପାରେ ନାହିଁ।

କୌଣସି ବସ୍ତୁ ଉପରେ ଆଲୋକ ପଡ଼ିଲେ ତାହା ସେଥିରୁ ପ୍ରତିଫଳିତ ହୁଏ। ଏଣୁ ଆମ ଆଖି ତାହା ଦେଖିପାରୁ। ବସ୍ତୁ ସୂର୍ଯ୍ୟକିରଣ ବା ଆଲୋକର ଯେଉଁ ରଙ୍ଗଟି ଶୋଷଣ କରି ନ ପାରେ ତାହା ଆମକୁ ସେ ରଙ୍ଗର ଦେଖାଯାଏ। ବିବିଧ ଗବେଷଣାରୁ ଜଣାପଡ଼ିଛି ଯେ ରଙ୍ଗମାନଙ୍କର ଆମ ମସ୍ତିଷ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବମାନ ରହିଛି। ତହିଁରୁ ଗୋଟିଏ ହେଲା ଯେ ଏହା ତାହାର 'ଫ୍ୟୁଜିଫର୍ମ ଗାଇରସ୍' କେନ୍ଦ୍ରକୁ ଉତ୍ତେଜିତ କରେ। ଅତଏବ ତହିଁରେ ସେରୋଟୋନିନ ନାମକ ରସାୟନରେ କ୍ଷରଣ ଘଟେ, ଯାହାକି ମାନସିକ ଅବସ୍ଥାକୁ ଉଦ୍ବେଳିତ କରିବା, କୌଣସି ବିଷୟ ପ୍ରତି ଧ୍ୟାନ ଦେବା ଏବଂ ବିବିଧ ଚୟାପଚୟ ପ୍ରକ୍ରିୟା ବୃଦ୍ଧି କରିବାରେ ସାହାଯ୍ୟ କରେ।

ବିଭିନ୍ନ ରଙ୍ଗର ପ୍ରଭାବ ଭିନ୍ନ ଭିନ୍ନ। ତାହା ଉପରେ ନିର୍ଭର କରି ସେଗୁଡ଼ିକୁ ବିବିଧ ଶ୍ରେଣୀଭୁକ୍ତ କରାଯାଛି। ଉଦାହରଣସ୍ୱରୂପ, ଲାଲ୍, ଗୋଲାପୀ, ହଳଦିଆ ଓ ନାରଙ୍ଗୀକୁ - 'ଉଷ୍ଣ'; ନୀଳ, ସବୁଜ, ବାଇଗଣୀ ଓ ନୀଳ ଲୋହିତକୁ - 'ଶୀତଳ'; ଧୂସର, ଧଳା ଓ କଳାକୁ - 'କ୍ଲୀବ' ରୂପେ ନାମିତ କରାଯାଇଛି। ସେସବୁ ନିମ୍ନୋକ୍ତ ମତେ ଆମକୁ ପ୍ରଭାବିତ କରିଥା'ନ୍ତି।

ଉଷ୍ଣ ରଙ୍ଗ: ଏଗୁଡ଼ିକ ଉଦ୍ଦୀପନା, ଶକ୍ତି ଓ ହୃତ୍‌ସ୍ପନ୍ଦନ ହାର ବୃଦ୍ଧି କରନ୍ତି ଏବଂ ସ୍ମରଣଶକ୍ତି ବୃଦ୍ଧି କରିଥା'ନ୍ତି। କିନ୍ତୁ ତାହା ଅଧିକ ତୀବ୍ର ହେଲେ ଦୁର୍ଦ୍ଦମ୍ୟ ଓ ବିରକ୍ତିକର ବୋଧ ହୋଇପାରେ।

ଶୀତଳ ରଙ୍ଗ: ଏହି ରଙ୍ଗ ସାଧାରଣତଃ ମନକୁ ହାଲୁକା କରି ତା'କୁ ପ୍ରଶାନ୍ତି ପ୍ରଦାନ କରେ ଏବଂ ମାନସିକ ଚାପ ହ୍ରାସ କରେ। ଏସବୁ କୌଣସି କାର୍ଯ୍ୟ ପ୍ରତି ଆମର ମନୋନିବେଶ କରିବା ଏବଂ ସେଥିପ୍ରତି ଧ୍ୟାନ ଦେବାରେ ସାହାଯ୍ୟ କରୁଥିବାରୁ ତାହା ଅଧ୍ୟୟନ କିମ୍ବା ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଲାଗି ପରିବେଶକୁ ଉତ୍ତମ କରେ। ତେବେ ତାହା ଅତ୍ୟଧିକ ହୋଇଗଲେ ଦୁଃଖଭାବ ଓ ଆଳସ୍ୟର କାରଣ ହୁଏ।

କ୍ଲୀବ ରଙ୍ଗ: ପରିସ୍ଥିତି ଉପରେ ନିର୍ଭର କରି ଏଗୁଡ଼ିକ ମନକୁ ଅଶାନ୍ତ କରିବା କିମ୍ବା ଦୁଶ୍ଚିନ୍ତାର ହ୍ରାସ ନତୁବା ରୁଚି ସଂପନ୍ନ କାର୍ଯ୍ୟରେ ନିବେଶ କରିବାକୁ ଦିଏ ଏବଂ ସନ୍ତୁଳିତ ପରିବେଶ ସୃଷ୍ଟି କରେ। କିନ୍ତୁ ତାହା ଅତ୍ୟଧିକ ହୋଇଗଲେ ନୀରସ ଭାବ ଉତ୍ପନ୍ନ ହୋଇପାରେ।

ବିଭିନ୍ନ ରଙ୍ଗ ପାଇଁ ଆମର ଆଗ୍ରହ ଆମ ସଂସ୍କୃତିକ ପୃଷ୍ଠଭୂମି ବ୍ୟକ୍ତିଗତ ଅନୁଭୂତି ଏବଂ ବ୍ୟକ୍ତିବିଶେଷଙ୍କ ସହିତ ସଂପୃକ୍ତି ଉପରେ ନିର୍ଭର କରେ। ନାନାଦି ପରିବେଶ ମଧ୍ୟରେ ନାନାଦି ରଙ୍ଗ ଆମକୁ ଭଲ ଲାଗିପାରେ। ଏହା ଆମ ମାନସିକ ଅବସ୍ଥା ଓ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରେ। ରଙ୍ଗକୁ ଏବେ ଭାବପ୍ରବଣତା ତଥା ବିବିଧ ମାନସିକ କିମ୍ବା ଶାରୀରିକ ରୋଗ ବ୍ୟାଧିର ଚିକିତ୍ସା କ୍ଷେତ୍ରରେ ନିୟୋଜିତ କରାଗଲାଣି। ବଜାରରେ କୌଣସି ଦ୍ରବ୍ୟ ଆଦୃତ ହେବାରେ ମଧ୍ୟ ରଙ୍ଗର ବିଶେଷ ଭୂମିକା ଥିବାର ଦେଖାଯାଉଛି। ଏଣୁ ଏହାକୁ ବିଜ୍ଞାପନ ପାଇଁ ବ୍ୟବହାର କରାଯାଉଛି।

ଏସବୁରୁ ରଙ୍ଗର ଆମ ମନସ୍ତତ୍ତ୍ୱ ସହିତ ଗଭୀର ସମ୍ପର୍କ ଥିବାର ସ୍ପଷ୍ଟ ପ୍ରମାଣିତ ହେଉଛି। ସେଥିପାଇଁ ଆଜିକାଲି କାର୍ଯ୍ୟାଳୟ, ବାସଗୃହ, ବିଦ୍ୟାଳୟ ଆଦିକୁ ଉପଯୁକ୍ତ ମନେ ହେଉଥିବା ବିଭିନ୍ନ ରଙ୍ଗରେ ରଞ୍ଜିତ କରାଯାଉଛି। ଏପରିକି କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗର ପୋଷକମାନ ପିନ୍ଧିବାକୁ ପ୍ରୋତ୍ସାହନ କରାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ବଡ଼ମ୍ବା ଏବଂ ବଲାଙ୍ଗିର ଚିନିକଳ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର,୨୫।୮ (ସମିସ): ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଉ। ବଡ଼ମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା ସହ ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସମବାୟ (ରାଷ୍ଟ୍ର) ମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଲୋକସେବା ଭବନରେ ଶ୍ରୀ ମୋହୋଲ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପକ୍ଷରୁ ଏକାଧିକ ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି।



ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ସଂପର୍କରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ।

ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମବାୟ କ୍ଷେତ୍ରରେ ହାସଲ ସଫଳତାଗୁଡ଼ିକ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ୍ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ, କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଦୁଷ୍କର୍ମକାରୀଙ୍କୁ ଆଜୀବନ ଜେଲ୍

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ପେଶାଲ ପୋକସୋ କୋର୍ଟରେ ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହି ମାମଲାରା ବିଚାର କରି ୨ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୬୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ଅଢ଼େଇ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାକୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲେ, ଉଦଳା ଥାନା ଚଡଦା ଅଞ୍ଚଳର ସାମାୟ ମୁର୍ମୁ (୩୩) ଓ ମୋଟୁ ମୁର୍ମୁ (୩୩)।

ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୬ ତାରିଖରେ ଜଣେ ନାବାଳିକା ନିକଟସ୍ଥ ଖେଳ ପଡ଼ିଆକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ତାକୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପୀଡିତାଜଣଙ୍କ ସମ୍ପର୍କୀୟ ଖୁଡ଼ୀଙ୍କୁ ଏ ସଂପର୍କରେ ଜଣାଇବା ପରେ ଗ୍ରାମରେ ବୈଠକ ଡକାଯାଇଥିଲା। ମାତ୍ର ସେଥିରେ କୌଣସି ସମାଧାନ ନ ହେବାରୁ ପରିବାରଲୋକେ ୧୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପରେ ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ୨୨ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ରାଜ୍ୟରେ ସାର ସଙ୍କଟ, କଳାବଜାରୀ ସକ୍ରିୟ

# ଚଢ଼ାଦରରେ ଚାଷୀ କିଣୁଛନ୍ତି ନକଲି ସାର

ଭୁବନେଶ୍ୱର,୨୫।୮ (ସମିସ): ସାର ପାଇଁ ସାରା ରାଜ୍ୟରେ ଭୟାବହ ସ୍ଥିତି ଉପୁଜଛି। ଅଧିକାଂଶ ଜିଲ୍ଲାରେ ଚାଷୀଙ୍କୁ ସାର ମିଳୁନି। ଏଣୁ ସୋସାଇଟି ସମ୍ମୁଖରେ ଚାଷୀ ଧାରଣା ଦେଲା ଭଳି ଦିନ ରାତି ବସୁଛନ୍ତି। ସୋସାଇଟି କର୍ମଚାରୀ ସାର ଦେବେ କଣ ଓଲଟା କବାଟ ବନ୍ଦ କରି ଦେଉଛନ୍ତି। ଅନୁଗୋଳ, ସମ୍ବଲପୁର, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଛି। ମାଲକାନଗିରିରେ ଚାଷୀମାନେ ହରତାଳକୁ ଓହ୍ଲାଇଛନ୍ତି । ଏହି ସମୟରେ ଫାଇଦା ଉଠାଉଛନ୍ତି କଳାବଜାରୀ। ଚୋରାରେ ଦୁଇଗୁଣା ଟଙ୍କାରେ ସାର ବିକ୍ରି କରୁଥିଲା ବେଳେ ଏହାମଧ୍ୟରୁ ଅଧିକାଂଶ ସାର ନକଲି ବୋଲି ଅଭିଯୋଗ ହୋଇଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିଥିଲା। ପ୍ରକୃତି ଚାଷୀଙ୍କ ପାଇଁ ମନ ଖୋଲା ବର୍ଷା କରାଉଥିଲା ବେଳେ ସରକାର ସାର ଯୋଗାଇବାରେ ହାତକୁ ଚାପି ଦେଲେ। ଏହାକୁ ନେଇ ଚାଷୀ ସଂଗଠନ ଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ବିଭିନ୍ନ ସୋସାଇଟି ପକ୍ଷରୁ ସାର ନେବା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଛି। ଟୋକନ ପାଇ ଚାଷୀ ଦିନ ଦିନ ଧରି ଧାଡିରେ ଛିଡା ହେଉଛନ୍ତି। ରାତି ଅନିଦ୍ରା ହୋଇ ୪ ଦିନ ଧାଡ଼ିରେ ଛିଡା ହେବା ପରେ ବି ସାର ମିଳୁନି। ଯେଉଁଥିପାଇଁ ମାଲକାନଗିରି ମାଥିଲିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ। ଆଗକୁ ପରିଣାମ ଆହୁରି ଭୟାବହ ହେବ ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ସଂଗଠନ ଚେତାବନୀ ଦେଇଛି।

ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଥିଲା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି। କଳାବଜାରୀ ବ୍ୟବସାୟୀ ମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି। ସମସ୍ତ ଜିଲ୍ଲାରେ ବ୍ୟବସାୟୀ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି। ୟୁରିଆ ମୂଲ୍ୟ ୨୩୩ଟଙ୍କା ଥିବା ବେଳେ ୫୬୦ଟଙ୍କାରୁ ୭ଶହ ମଧ୍ୟରେ ବିକ୍ରି କରାଯାଉଛି। ରାଜ୍ୟ ସାରା ଏଭଳି କାରବାର ଚାଲିଥିଲା ବେଳେ ସରକାର ମାତ୍ର ୫୬ଜଣଙ୍କ ଡିଲରସିପ୍‌କୁ ରଦ୍ଦ କରିଛନ୍ତି ।

ଅନ୍ୟପକ୍ଷରେ ସାର ଅଭାବୀ ସମୟରେ ବଜାରରେ ନକଲି ସାରକୁ ନେଇ ଚାଷୀମାନେ ଭୟଭୀତ ଅଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହରରେ ନକଲି ପଟାସ ସାର ମିଳୁଛି। ବାଲିରେ ରଙ୍ଗ ମିଶାଇ ଏଭଳି ନକଲି ପଟାସ ପ୍ରସ୍ତୁତ କରାଯାଉଛି। ଏହି ସାରକୁ ବିଲରେ ପକାଇଲା ବେଳକୁ ରଙ୍ଗ ପାଣିରେ ଭାସୁଛି କେବଳ ବାଲି ରହିଯାଉଛି ବୋଲି ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# ଖୁଦ ବୋଝେଇ ଟ୍ରକ୍‌ରେ ୧ କୋଟିର ଗଞ୍ଜେଇ

ବଲାଙ୍ଗିର/ତୁଷୁରା, ୨୫।୮ (ସମିସ): ତୁଷୁରା-ଗୁଡଭେଲା ରାସ୍ତା ତେନ୍ତୁଳିଖୁଣ୍ଟି କଲେଜ ନିକଟରୁ ତୁଷୁରା ଥାନା ପୁଲିସ୍ ଆଜି ଏକ ଖୁଦ ବୋଝେଇ ଗାଡ଼ିରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏହି ଗଞ୍ଜେଇ ବୌଦ୍ଧରୁ ଛତିଶଗଡ଼ ଚାଲାଣ ହେଉଥିଲା ବୋଲି ପୁଲିସ୍ କହିଛି। ଉକ୍ତ ଗାଡ଼ିରୁ ଶହେ ବସ୍ତା ଖୁଦ ଚାଉଳ ମଧ୍ୟ ଜବତ ହୋଇଛି।

ସୂଚନାନୁସାରେ, ଏକ ମିନିଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ତୁଷୁରା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ତେଣୁ ଗାଡ଼ିକୁ ଧରିବା ପାଇଁ ପୁଲିସର ଏକ ଟିମ୍ ତୁଷୁରା-ଗୁଡଭେଲା ରାସ୍ତାର ତେନ୍ତୁଳିଖୁଣ୍ଟି କଲେଜ ନିକଟରେ ଛକି ବସିଥିଲେ। ସେହି ସମୟରେ ଏକ ମିନିଟ୍ରକ୍‌କୁ ଦେଖି ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇଥିଲା। ଯାଞ୍ଚ କରିବାରୁ ପ୍ରଥମେ ପୁଲିସ୍‌କୁ ସେମିତି କିଛି ମିଳିନଥିଲା। ଆଗରେ ଖୁଦ ବୋଝେଇ ବସ୍ତା ଥିବାରୁ ପୁଲିସ୍ ନିରାଶ ହୋଇଥିଲା। କିନ୍ତୁ କିଛି ବସ୍ତା ଖୁଦ ବାହାର କରିବା ପରେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରୁ ତାହା ୧୧ କ୍ୱିଣ୍ଟାଲ ବୋଲି ଜଣାପଡ଼ିଥିଲା। ଏହାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ମନୋଜ ପଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ଲୋଇସିଂହା ପୁଲିସ ରାଜପଥରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା।

**ବୌଦ୍ଧରୁ ଛତିଶଗଡ଼ ହେଉଥିଲା ଚାଲାଣ**



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ବନ୍ୟା...

ବର୍ତ୍ତମାନ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଗେଟ୍ ଓ ରାଜଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାସହିତ ବୈତରଣୀ ମଧ୍ୟ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତର ଓଡ଼ିଶାର ଅଧିକ ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯାଜପୁରଠାରୁ ଆରମ୍ଭ କରି ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଆଖୁଆପଦାରେ ବୈତରଣୀ ଓ ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ଅଛି। ଆସନ୍ତାକାଲି ବିପଦ ସଂକେତ ତଳକୁ ଖସିବାର ଆଶା କରାଯାଉଛି। ହେଲେ ଜାମସୋଲା ଘାଟରେ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢିବ। ଯାଜପୁର ଦଶରଥପୁର ନିକଟରେ କାଣୀ ନଦୀରେ ଘାଇ ହୋଇଛି। ପାଣି କମିଲେ ମରାମତି କାମ ଆରମ୍ଭ ହେବ। ହୀରାକୁଦର ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରୁ ୨.୧୧ ଲକ୍ଷ କ୍ୟୁସକ ଜଳ ପ୍ରବେଶ କରୁଥିବା ବେଳେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରେଙ୍ଗାଲିରେ ୯୩ ପ୍ରତିଶତ ପାଣି ଭରିବାରୁ ଡ୍ୟାମ ଉପରେ ନଜର ରହିଛି। ସେଠାରେ ଦୁଇଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ ରେଙ୍ଗାଲିର ଆଉ ଏକ ଗେଟ ଖୋଲା ହେବ। ମୁଣ୍ଡଲୀରେ ୧.୮୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି। ବୈତରଣୀ ଯୋଗୁଁ ଯାଜପୁର, ଦଶରଥପୁର ଓ ଭଦ୍ରକ ଜିଲ୍ଲାର ଧାମନଗର ପ୍ରଭାବିତ ହୋଇଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଅଗଷ୍ଟ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବ। ଏଥିପାଇଁ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ରାୟଗଡା, କନ୍ଧମାଳ,ଗଜପତି ଓ ନୟାଗଡ଼ ଜିଲ୍ଲାରେ ବର୍ଷା ପବନ ପ୍ରଭାବରେ ଫସଲକୁ କ୍ଷତି ପହଞ୍ଚାଇପାରେ। ମାଟିକାନ୍ଥ କ୍ଷତିଗ୍ରସ୍ତ ହୋଇପାରେ। ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନର ସାମାନ୍ୟ କ୍ଷତି, କଚ୍ଚା ରାସ୍ତା କ୍ଷତି ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

### କାଣୀ ନଦୀରେ...

ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ବୈତରଣୀ ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୩ଟି ଓ ଯାଜପୁର ବ୍ଲକର ୧ଟି ରିଲିଫ ସେଣ୍ଟର୍ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ସହିତ ୨ଟି ମେଡିକାଲ ଟିମ୍ ଓ ୯ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ୍ ଓ ଗୋଟିଏ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ବିଜେପି ନେତା ଗୌତମ ରାୟ ପ୍ରମୁଖ ପହଞ୍ଚି ବନ୍ୟା ବିପନ୍ନମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

### ନବୀନଙ୍କୁ ଭେଟିଲେ...

ଅବଗତ କରାଇଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିଲା ବୋଲି ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

### ଓଡ଼ିଶା ହେବ ଦେଶର...

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁସାରେ ଓଡ଼ିଶା ଆଇଟି ନୀତି ୨୦୨୫ ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ। ଏଥିରେ ଆଇଟି/ଆଇଟିଇଏସ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା ହୋଇଛି। ନିବେଶ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବସିଡି, ଜମି ଏବଂ ଭଡା ସହାୟତା ଏବଂ ଏସଜିଏସଟି ପୁନଃପୈଠ ଭଳି ବ୍ୟବସାୟ ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ସେହିପରି ଅତିରିକ୍ତ ସୁବିଧା ଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଉତ୍କର୍ଷ କେନ୍ଦ୍ର, କ୍ଳୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ପ୍ରୋତ୍ସାହନ ଆଦି ରହିଛି। ଏହି ନୀତିର କାର୍ଯ୍ୟକାରିତା ପାଇଁ ଏକ ପଲିସି ଆଡଭାଇଜରୀ ଏବଂ ଭିଜନ ଗ୍ରୁପ କାର୍ଯ୍ୟ କରିବ ।

ସେହିପରି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍) ଏହାର ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରିବ ଏବଂ ଇ ଆଣ୍ଡ ଆଇଟି ବିଭାଗ ଏହାର ନିୟମିତ ସମୀକ୍ଷା କରିବ। ଅନ୍ୟପକ୍ଷରେ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ରେ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା (ଇସିଏମଏସ) ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ଏହାର ପ୍ରମୁଖ ଲକ୍ଷ୍ୟ । ନିବେଶକମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ପୁଞ୍ଜି ସବସିଡି କିମ୍ବା ଟର୍ଣ୍ଣଓଭର ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡି ଦ୍ୱାରା ପରିପୂରକ ସବସିଡି ମଧ୍ୟରୁ ଗୋଟିଏ ଚୟନ କରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡା ସହାୟତା, ବିଦ୍ୟୁତ୍ ଶୁଳ୍କରେ ୧୦ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯିବ, ଯାହା ପ୍ରକଳ୍ପ ନିବେଶର ୭୫ ପ୍ରତିଶତ ମଧ୍ୟରେ ସୀମିତ ରହିବ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଧ୍ୟ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଅପରପକ୍ଷରେ ରାଜ୍ୟ ଲୋକସେବା ଆୟୋଗରେ ୩ ଜଣ ସଦସ୍ୟ ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଓ ମନୋଜ କୁମାର ମହାନ୍ତିଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ କରିଛି।

## ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ

# ରାଜରାସ୍ତାରେ ଚାଷୀଙ୍କ ପ୍ରତିବାଦ

ମାଲକାନଗିରି, ୨୫।୮ (ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଚାଷୀଙ୍କ ମୁଣ୍ଡରେ ସାର ପାଇଁ ଚଡ଼କ ପଡିଛି। ଚାଷ କାର୍ଯ୍ୟ ଚାଲୁଥିବା ବେଳେ ୟୁରିୟା ସାର ପାଇଁ ଚାଷୀ ବ୍ୟାକୁଳ ହୋଇପଡିଛି। ସାର ଯୋଗାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କର ହୋଇଥିବା ବେଳେ ଚାଷୀଙ୍କୁ ସଠିକ ପରିମାଣର ସାର ମିଳୁନି। ତେଣୁ ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହେବା ଆଶଙ୍କା କରୁଛି ଚାଷୀ। ବାରମ୍ବାର ଅନୁରୋଧ



ସତ୍ତ୍ୱେ ସାର ମିଳୁ ନଥିବାରୁ ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଚାଷୀ। ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ମାଲକାନଗିରି ଜିଲ୍ଲାରେ ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଚାଷୀ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଜି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଶିଖପାଲି ଛକରେ ରାସ୍ତାରୋକ କରଯାଇଥିଲା। ଶତାଧିକ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ହୋଇ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ କରିବାରୁ ମାଲକାନଗିରି ଠାରୁ ମୋଟୁକୁ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟତ ଠପ୍ ହୋଇଯାଇଥିଲା। ନବ ନିର୍ମାଣ କୃଷକ ସଂଗଠନର ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ଶିଖପାଲୀ, ଗୋରାଖୁଣ୍ଟା, ତଣ୍ଡାପାଲି, ମାଟାପେକା, ବଦଲି, ମାଦାପାଲୀ, ଚାଲାଣଗୁଡା, ତଣ୍ଡିକି ଭଳି ମୋଟ ୮ଟି ପଞ୍ଚାୟତର ୧ ହଜାରରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଏହି ବିକ୍ଷୋଭ କରିଥିଲେ। ଚାଷୀଙ୍କୁ ରିହାତି ମୂଲ୍ୟରେ ତୁରନ୍ତ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବା ପାଇଁ ଦାବି କରି ସକାଳ ୧୦ଟା ଠାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଷୀ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ, ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ଅନ୍ୟାନ ଅଧିକାରୀ ପହଞ୍ଚି ଚାଷୀ ମାନଙ୍କୁ ବୁଝାଇ ଆସନ୍ତା ୧୦ ଦିନ ମଧ୍ୟରେ ସାର ସମସ୍ୟାକୁ ଦୂର କରାଯିବ ଓ ସମସ୍ତ ଚାଷୀଙ୍କୁ ସାର ମିଳିବ ବୋଲି ପ୍ରତିଶୃତି ଦେଇଥିଲେ। ଏଭଳି ଚିତ୍ର ଜିଲ୍ଲାରେ ନୀତିଦିନିଆ ହୋଇଥିବା ବେଳେ ପୂର୍ବରୁ କାଲିମେଳା, ପଡିଆ, ମାଥିଲି, କୋରକୁଣ୍ଡା, ଖଇରପୁଟ ଭଳି ବିଭିନ୍ନ ସ୍ଥାନରେ ୟୁରିଆ ସାରର ଘୋର ଅଭାବ ଯୋଗୁଁ ଚାଷୀ ହତାଶ ହୋଇ ପଡିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଲ୍ୟାମ୍ପ୍ସ ଓ ସାର ଦୋକାନ ସମ୍ମୁଖରେ ଶହ ଶହ ଚାଷୀ ସାର ପାଇଁ ଖରା ବର୍ଷାରେ ଲମ୍ବା ଲାଇନ୍‌ରେ ଛିଡା ହୋଇଥିବାର ଦେଖିବାକୁ ମିଳୁଛି। ତେବେ ସରକାର ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହୋଇପଡ଼ିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।


GOVT. OF ODISHA O-653
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
e-mail ID :- eerwrairangpur@yahoo.com
" e " procurement notice for Building works
Bid Identification No- RWDRRP-07 of 2025-26

1. Name of the work : Maintenance of building & periodical maintenance for the year 2025-26
2. Estimate Cost : Rs.1.68 lakhs 8.40 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-07/2025-26 | 27.08.2025 at 11.00 A.M. | 08.09.2025 Up to 5.00 P.M. | 06.09.2025 Up to 5.00 P.M. | 09.09.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR-25107/11/0027/2526



**Notice**
**(Above 18 years of age)**
By Virtue of an Affidavite sworn before the Notary Public, Udala, Mayurbhnaj, dated 25-08-2025 I, Samita Behera, Address At-Murali, Po- Kamali, Ps- Khunta, Dist- Mayurbhanj, Pin- 757075 declare that I have changed my name Sasmita Behera to Samita Behera. Henceforth I shall be known as Samita Behera for all purposes.
**Samita Behera**

**AFFIDAVIT**
By virtue of an affidavit sworn before Smt. Suchitra Majhi, O.R.S., Executive Magistrate, Puri, dated 11.8.20 25 I AKSHAYA KUMAR NAYAK, of Vill. Khandiabandha, P.O. Gopinathpur P.S.Puri sadar, Dist. Puri, Odisha-75 200 2 declare that, I have changed my name from AKHAYA NAYAK to AKSHAYA KUMAR NAYAK. Henceforth, I shall be known as **AKSHAYA KUMAR NAYAK** for all purposes.

**AFFIDAVIT**
I, Akshaya Kumar Behera S/o Late Kanhu Charan Behera, Resident of At-Manalapur, PO-Dehudianandapur, Via / PS - Dhamnagar, Dist- Bhadrak, PIN-755006, Odisha declare by this affidavit No.8223 dtd 22.08.2025 that now onwards I shall be known as **AKSHAYA BEHERA** for all future purposes.

**AFFIDAVIT**
By virtue of an affidavit before Executive Magistrate, Khordha I Rukuni Pattanaik W/o- Amiya Kumar Pattanaik At/Po-Bankoi, PS-Bolagarh, Dist- Khordha instead of Rukmini Pattanaik vide Affidavit No. 2205/ Dt.25.08.2025. Henceforth I shall be known as **Rukuni Pattanaik** for all purposes.

**AFFIDAVIT**
I, SHUSHILA BEHERA, resident of Vill. At-Rambha Bangala Road, PO /PS.- Rambha, Dist-Ganjam, State- Odisha, Pin- 761028 declare by this affidavit No- A/5, Dated 07/08/2025, that now onwards I shall be known as SUSILA BEHERA for all future purposes.

**AFFIDAVIT**
I, Sujit Kumar Prashad S/o Late Shiv Kumar Prasad, Resident of At-New Colony, Weigh Bridge Road, PO/PS-Barbil, Dist-Keonjhar, PIN-758035, Odisha declare by this affidavit No.4666 dtd 22.08.2025 that now onwards I shall be known as **SUJIT KUMAR PRASAD** for all future purposes

**AFFIDAVIT**
I, Rahul Behera, aged about 22 years, S/o.: Shri Sagar Kumar Behera, PAN-GEAPB3558C and AADHAR- 242145571804, Resident of Flat No.: B-203, Satyam Tower, Bomikhal, Bhubaneswar, Dist.: Khurda, PIN-751010 declare by this affidavit No.: 21677, dated: 02.08.2025 that now onwards I shall be known as Rahul Behera instead of **Rahul Sagar Behera** for all future purposes.

**AFFIDAVIT**
By virtue of an affidavit sworn before Smt.Suchitra Majhi 0.A.S., Executive Magistrate, Puri, dated 20.08.20 25 I, BHIMA BHARIA, At: Uttaresarapada, 2.0. Birahare krushnapur, P.S.Puri Sadar, Dist. Puri, Odisha-752002, declare that I have changed my name from INDRAMANI BHARIA to BHIMA BHARIA. Henceforth, I shall be known as **BHIMA BHARIA** for all purposes.

**AFFIDAVIT**
By virtue of an Affidavit Sworn Before THE EXECUTIVE MAGISTRATE, Brahmagiri DIST,Puri , Dated 21/08/2025 I Sarat Jena, Address Vill-Po - Chapamanik, Ps.: Brahmagiri, Dist.: Puri, Odisha, Pin-752011 declare that I have changed my son's name from Sabyasachi Jena (old name) to Aryan Jena, (new name). Henceforth, he shall be known as ARYAN JENA (new name) for all purposes.
**Sarat Jena**

**AFFIDAVIT**
I, Gajendra Pentohi, aged about 55 years, S/o- Parshuram Penthoi, resident of At-Narasinghpur, Dist-Nayagarh, Odisha, Pin-752026 declared by this affidavit No. 1738, dtd-25/08/2025 that now onwards I shall be known as **GAJENDRA PENTHOI** for all future purposes.

## ବୈତରଣୀରେ ବନ୍ୟା; ଭଦ୍ରକ ଜିଲ୍ଲାରେ ସ୍ଥିତି ଗମ୍ଭୀର

# ୫ ପଞ୍ଚାୟତ ଜଳମଗ୍ନ; ୨ ଦିନ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି







ଧାମନଗର,୨୫।୮ (ସମିସ):

ଧାମନଗର ବ୍ଲକ ଅଞ୍ଚଳରେ ତୃତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବ୍ଲକର ୫ଟି ପଞ୍ଚାୟତ ଜଳମଗ୍ନ ହେବା ସହିତ ଦୁଇଦିନ ପାଇଁ ଅଙ୍ଗବାଡି କେନ୍ଦ୍ର ଏବଂ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ବୈତରଣୀ ନଦୀରେ ବନ୍ୟା ଜଳ ରବିବାର କମିଥିବା ବେଳେ ପୁଣି ବିଳମ୍ବିତ ରାତିରେ ବଢିବା ସହ କେନ୍ଦୁଝର ଓ ଆନନ୍ଦପୁରରେ ଲଗାଣ ବର୍ଷା ତୃତୀୟ ଥର ପାଇଁ ଧାମନଗରରେ ବନ୍ୟା ସ୍ଥିତି ସୃଷ୍ଟି କରିଛି। ତେବେ ଦଶରଥପୁରଠାରେ ନଦୀବନ୍ଧରେ ଘାଇ ହେତୁ ଆଖୁଆପଦାଠାରେ ଜଳସ୍ତର କିଛି ସମୟ ସ୍ଥିର ପରେ ଏବେ ହ୍ରାସପାଇବାରେ ଲାଗିଛି। ତେବେ ଗୌରାଙ୍ଗପୁର ଓ ମଲ୍ଲି ମାହାରା ବାଟେ ବନ୍ୟାଜଳ ପଶିବା ଦ୍ୱାରା ହସନାବାଦ, ପଧାନୀ, ସୋହୋଡ଼ା, ଅର୍ଜ୍ଜୁନପୁର ଓ ଖଡିପଦା ଆଦି ପଞ୍ଚାୟତରେ ବ୍ୟାପକ କ୍ଷତି ଘଟିଛି। ଅର୍ଜ୍ଜୁନପୁର ବାତ୍ୟା ଆଶ୍ରୟସ୍ଥଳ ତଳ ମହଲା ପାଣିରେ ବୁଡ଼ି ଥିବାରୁ ବିପନ୍ନ ଲୋକମାନେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ପାଣି ଘେରରେ ଫସିଥିବା ପଧାନୀ ପଞ୍ଚାୟତ ଶଇଲୋ ଗ୍ରାମର ଦୁଃଶାସନ ପାତ୍ର ଓ ତାଙ୍କ ପତ୍ନୀଙ୍କୁ ବ୍ଲକ ପ୍ରଶାସନ ଏବଂ ସ୍ଥାନୀୟ ନେତୃମଣ୍ଡଳୀଙ୍କ ଦ୍ୱାରା ଉଦ୍ଧାର କରି ଟେମ୍ପୋ ସାହାଯ୍ୟରେ ସେମାନଙ୍କ ବନ୍ଧୁ ଘରକୁ ପଠାଇଥିବା ଜଣାଯାଇଛି। ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ ନିଜେ ପାଣିରେ ପଶି ସହାୟତାର ଲୋକଙ୍କୁ ସହାୟତା କରୁଛନ୍ତି। ସୋସିଆଲ ମିଡ଼ିଆ ମାଧ୍ୟମରେ ନିଜ ଲୋକଙ୍କ ପାଇଁ ସରକାରୀ ସାହାଯ୍ୟ ପଠାଇବା ପାଇଁ ଅନୁରୋଧ କରିଛନ୍ତି। ତେବେ ବନ୍ୟା ସ୍ଥିତି ସମ୍ପର୍କରେ ପୂର୍ବାହ୍ନ ୧୨.୩୦ରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଓ ୫.୩୦ରେ ଉଚ୍ଚଶିକ୍ଷା ମନ୍ତ୍ରୀ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଅଭାସୀ ମାଧ୍ୟମରେ ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ଓଡ୍ରାଫ୍ଟ ଟିମ ଆସି ପହଞ୍ଚିବେ ବୋଲି ବିଡ଼ିଓ ବନବିହାରୀ ଦିନ୍ଦା ସୂଚନା ଦେଇଛନ୍ତି।

# ଖଡ଼ିପଦା-କାଞ୍ଜିଆପାଳ ଯୋଗାଯୋଗ ବିଚ୍ଛିନ୍ନ





ଦୋବଲ,୨୫।୮ (ସମିସ): ଧାମନଗରରେ ବନ୍ୟା ବିଭୀଷିକା ଜାରି ରହିଛି। ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି, କୋଚିଲାରେ ବନ୍ୟା ଯୋଗୁଁ ବ୍ଲକର ୧୨ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ଦଳାଙ୍ଗ, ପଧାନି, ଅର୍ଜ୍ଜୁନପୁର, ଭଟ୍ଟସାହି, ନଦୀଗାଁ, ଧୁଷୁରୀ, ହସନାବାଦ ଓ ପାଳସାହି ପଞ୍ଚାୟତର ବିଭିନ୍ନ ଗାଁ ଜଳମଗ୍ନ ହୋଇଛି। ତେବେ ବିଶେଷ ପ୍ରଭାବିତ ହୋଇଛି ଅର୍ଜ୍ଜୁନପୁର ଓ ହସନାବାଦ ପଞ୍ଚାୟତ। ଏହି ଦୁଇ ପଞ୍ଚାୟତର ଅର୍ଦ୍ଧାଧିକ ଗାଁରେ ଘର ଭିତରେ ପାଣି ପଶିଯାଇଛି। ଅନଳଡିହ ବାଟେ ବୈତରଣୀ ଓ କୋଚିଲାର ବନ୍ୟାଜଳ ଆସିବା ଯୋଗୁଁ ହସନାବାଦ, ଗୋପବନ୍ଧୁନଗର, ଅସ୍ତକ, ପଙ୍ଗଟା ଆଦି ଗାଁରେ ଘର ଭିତରେ ପାଣି ପଶିଛି। ଗୋପବନ୍ଧୁନଗର ଗାଁର ସମସ୍ତଙ୍କ ଘରେ ଆଣ୍ଠୁଏ ପେଟେ ଉଚ୍ଚର ପାଣି ରହିଛି। ଫଳରେ ଲୋକମାନେ ରୋଷେଇ କରି ପାରିନାହାନ୍ତି। ଗରିବ ଲୋକମାନେ ପାଖ ପଡ଼ୋଶୀଙ୍କ ଛାତ ଉପରେ, ସ୍କୁଲ ଘରେ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଯାଇ ରହିଛନ୍ତି। ଯେଉଁମାନଙ୍କର ଦୁଇ ମହଲା ଘର ସେମାନେ ଉପର ମହଲାରେ ରହିଥିବା ଦେଖିବାକୁ ମିଳିଛି। ଗୃହ ପାଳିତ ପଶୁଙ୍କ ନଦୀ ବନ୍ଧ ଓ ଉଚ୍ଚା ସ୍ଥାନକୁ ନେଇ ବାନ୍ଧିଛନ୍ତି। ଘର ଓ ବାଡ଼ି ବଗିଚା ବୁଡ଼ି ଯାଇଥିବାରୁ ଲୋକମାନେ ପିଇବା ପାଣି ପାଉନାହାନ୍ତି। ମହିଳାମାନେ ଶୌଚ ଯିବାକୁ ସମସ୍ୟା ଭୋଗୁଛନ୍ତି। ଏହାକୁ ନଜରରେ ରଖି ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଓ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ପାୱାର ବୋଟ୍ ନେଇ ବନ୍ୟାଚଞ୍ଚ ବୁଲି ଅନୁଧ୍ୟାନ କରିଛନ୍ତି। ନିଜେ ବିଡିଓ ରନ୍ଧା ଖାଦ୍ୟ ନେଇ ଲୋକଙ୍କ ପାଖରେ ପହଂଚାଇଛନ୍ତି। ଏହାସହ ବିସ୍କୁଟ, ଚୁଡ଼ା, ଚିନି, ଗୁଡ଼ି, ମହମବତୀ ଓ ଦିଆସିଲି ପ୍ୟାକେଟ ଲୋକଙ୍କୁ ଦିଆଯାଇଛି। ସୋହଡ଼ା ଫଂଚାୟତର ଗୌରାଙ୍ଗପୁର ଓ ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରା ଏସକେପରେ ସୁରକ୍ଷା ପାଚେରି ହୋଇଥିବାରୁ ଜନବସତି ଭିତରକୁ କମ୍ ପାଣି ପଶିଛି। ତଥାପି ଏହି ପାଣିରେ ଖଡ଼ିପଦା, ଆନନ୍ଦପୁର ଓ ସୋହଡ଼ା ଅଞ୍ଚଳ ଜଳ ପ୍ଳାବିତ ହୋଇଛି। ସେପଟେ ବୈତରଣୀର ଶାଖା ନଦୀ ଗେଙ୍ଗୁଟିର ବନ୍ୟା ଜଳ କାଞ୍ଜିଆପାଳ ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପ୍ ଯୋଗେ ଗାଁ ଭିତରେ ପଶିଛି। ଏହା ଫଳରେ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଓ କମଳପୁର ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଦୁଇ ଗାଁର ପ୍ରାୟ ୧୫୦ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଖଡ଼ିପଦା ଓ ଆନନ୍ଦପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖଡ଼ିପଦା ଫଂଚାୟତ ଅଫିସ ନିକଟରୁ କାଞ୍ଜିଆପାଳ ମୋଡ଼ ଯାଏ ଗ୍ରାମ୍ୟ ଉନ୍ନୟନ ରାସ୍ତା ବୁଡ଼ିଯିବାରୁ ଲୋକେ ଯାଆସ କରିପାରୁନାହାନ୍ତି।

# ବ୍ୟାପକ ଅଞ୍ଚଳ ଜଳମଗ୍ନ; ଚାଷ ପ୍ରଭାବିତ



ଭଣ୍ଡାରିପୋଖରୀ/ବାରିକପୁର,୨୫।୮ (ସମିସ): ବୈତରଣୀ ନଦୀର ଜଳସ୍ତର ଆଖୁଆପଦାରେ ବିପଦସଙ୍କେତ ତଳକୁ ଆସିଛି। ସୋମବାର ଅପରାହ୍ନ ୫ଟାରେ ଆଖୁଆପଦାଠାରେ ନଦୀର ଜଳସ୍ତର ବିପଦସଙ୍କେତ ସ୍ତର ୧୮.୩୩ ମିଟର ନିମ୍ନକୁ ଆସି ୧୮.୨୮ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୬ମି.ମି. ବେଗରେ ହ୍ରାସ ପାଉଛି। ସୋମବାର ପ୍ରତ୍ୟୁଷ ୫ଟା ସମୟରେ ନଦୀର ଜଳସ୍ତର ସର୍ବାଧିକ



୧୮.୮୬ ମିଟରରେ ପହଞ୍ଚି ସ୍ଥିର ହୋଇଥିଲା। ସକାଳ ୮ଟାରେ ଜଳସ୍ତର ହ୍ରାସ ପାଇବା ଆରମ୍ଭ କରିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପର ମୁଣ୍ଡରେ ବଡଧରଣର ବର୍ଷା ହୋଇ ନ ଥିବାରୁ ଜଳସ୍ତର ସ୍ୱାଭାବିକ ସ୍ତରକୁ ଆସିବ ବୋଲି ଜଳସମ୍ପଦ ବିଭାଗ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ହେଁ କଣ୍ଟିଘାଇରେ ୬ ଫୁଟ ଉଚ୍ଚତାର ବନ୍ୟାଜଳ ଦ୍ରୁତବେଗରେ ପ୍ରବେଶ କରି ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିପକାଇଛି। ଏହିସବୁ ପଞ୍ଚାୟତର ହଜାର ହଜାର ଚାଷଜମି ବନ୍ୟାଜଳରେ ବୁଡି ରହିଥିବାରୁ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି



ନଦୀର ଉପକୂଳବର୍ତ୍ତୀ ଅଂଚଳର ପନପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ଏକାଧିକ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗଯୋଗରେ ବାଧା ସୃଷ୍ଟି କରିଛି। ସେହିପରି ମାଳଦା-ଚତୁର୍ଭୁଜପୁର ରାସ୍ତା, ମାଳଦା-ସାରଣା ରାସ୍ତା, ମାଳଦା-ଜଳହରୀ ରାସ୍ତା, ବାହାଣିଆ ଗ୍ରାମ୍ୟ ରାସ୍ତା, ରହଣିଆ କଚେରୀ ସାହି ରାସ୍ତା, ମୁଢାପଦା-ଦାଣ୍ଡକୂଳ ରାସ୍ତା ଉପରେ ବନ୍ୟାଜଳ





ସ୍ରୋତ ପ୍ରବାହିତ ହେବା ଯୋଗୁଁ ଗ୍ରାମଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟାଜଳ ନିଷ୍କାସିତ ହେବା ପରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଅନୁଧ୍ୟାନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ବନ୍ୟାଞ୍ଚଳ ଅନୁଧ୍ୟାନ କରିଛନ୍ତି।







# ଗାଁଗଣ୍ଡାରେ ପଶିଲା ବନ୍ୟା ପାଣି; ଦୁର୍ଦ୍ଦଶାରେ ତଳିଆ ଅଞ୍ଚଳବାସୀ

ବାରିକପୁର,୨୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳରେ ବନ୍ୟାପାଣି ପଶିଥିବାରୁ କେତେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ଦାଳମଡିଆଳୀ ଓ ଝୁଟଣା ପଞ୍ଚାୟତ ଅଞ୍ଚଳକୁ ବନ୍ୟା ଜଳ ଦୁଇ ଦିନ ଘେରି ରହିଥିଲା। ଏହାଛଡା ନଦୀର ଚର୍ଚ୍ଚିତ କଣ୍ଟି ଏସକେପ ଦେଇ ନିଷ୍କାସନ ହୋଇଥିବା ବନ୍ୟା ଜଳ ବରାହନୂଆପଡା, ବିରୋଳି, ଜଳହରି, ଟିଖିଲିଆ, ଷୋଳମପୁର, ଚତୁର୍ଭୁଜପୁର, ଷଠଗାଁ, ମାଳଦା, ରହଣିଆ ପ୍ରମୁଖ ଗାଁରେ ପାଣି ପ୍ରବେଶ କରିଥିଲା। ଗାଁ ଗଣ୍ଡାରେ ଥିବା ଛୋଟ ମୋଟ ଦୋକାନ ଘର, ଅଙ୍ଗନବାଡ଼ି କେନ୍ଦ୍ର, ଗୋଷ୍ଠୀ କେନ୍ଦ୍ର ଗୁଡିକୁ ବନ୍ୟା ଜଳ ଘେରି ଯାଇଥିଲା। କିଛି ଘଣ୍ଟା ପାଇଁ ରାସ୍ତାରେ ଅତି ବିପଦ ସଙ୍କୁଳ ଭାବେ ଯାନବାହାନ ଚଳପ୍ରଚଳ କରୁଥିବା ଦେଖା ଯାଇଥିଲା। ଆଜି ସକାଳୁ ନଦୀରେ ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ଏବେବି ସୁଦ୍ଧା ଅନେକ ଖାଲୁଆ ସ୍ଥାନରେ ପାଣି ଜମି ରହିଛି।





ବୈତରଣୀ ବନ୍ୟାରେ ରାସ୍ତାଘାଟ ବୁଡ଼ିବା ସହିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ନିକଟରେ ବନ୍ୟାଜଳ

## ଜଳବନ୍ଦୀରେ ହସନାବାଦ ଓ ଅର୍ଜ୍ଜୁନପୁର

# ଭୋକ ଉପାସରେ ବିତୁଛି ବନ୍ୟା ବିପନ୍ନଙ୍କ ଦିନ





ଅସୁରାଳି,୨୫।୮ (ସମିସ): ବୈତରଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ଆସିଛି। ଏହାର ପ୍ରକୋପ ଅନ୍ୟ ୨ଥର ଆସିଥିବା ବନ୍ୟାଠାରୁ ବହୁ ତୀବ୍ର। ଯେଉଁ କାରଣରୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସମସ୍ତଙ୍କ ଘରେ ଅଣ୍ଟାଏ ଲେଖାଏଁ ପାଣି ପଶିଛି। ଯେଉଁଠି ଚାହିଁବ ସେଇଠି ପାଣି। ପଧାନୀ ପଞ୍ଚାୟତର ଉପର ସଇଲ, ହସନାବାଦର ପଞ୍ଚାୟତର ଅସ୍ତକ, ଅନଳ ଡିହ, ମଠସାହି, ବନବାଗ, ତଳ ଅସ୍ତକ ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଏବଂ ସଇଲ ଓ ମମଦୁଲା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଲୋକମାନେ ଦୁଇ ଓଳି ଗଣ୍ଡେ ଖାଇବା ପାଇଁ ଡହକବିକଳ ହେଉଛନ୍ତି। ଏପଟେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଅଞ୍ଚଳରେ ରହୁଥିବା ଲୋକଙ୍କୁ ଖାଲି ରନ୍ଧା ଖାଦ୍ୟ ଯୋଗାଇ ବାହା ବାହା ସାଉଁଟୁଛନ୍ତି ବୋଲି ଅଭିଯୋଗ ହେଉଛି। ମାତ୍ର ସେପଟେ ଜଳମଗ୍ନ ଅଞ୍ଚଳରେ ଥିବା ମୁନ୍ଦେ ଆହାର ଭାଗ୍ୟରେ ଯୁଟୁନି। ବିଶେଷ କରି ହସନାବାଦ ପଞ୍ଚାୟତର ଅଧିବାସୀ ବେଶୀ ପ୍ରଭାବିତ ହୋଇଛନ୍ତି। ଅଧିକ ବନ୍ୟାସ୍ତର ଥିବା ଯୋଗୁଁ ଏଯାଏଁ କୌଣସି ପ୍ରକାର ସରକାରୀ ସହାୟତା ପହଞ୍ଚି ପାରିନି। ପୁଣି କୋଚିଲା ନଦୀର ମାହାରା କୁଳଠାରେ ବିରାଟ ଘଳିଆ। କିଏ ଏଥିପାଇଁ ଦୋଷୀ କିଏ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହିସବୁ ପାଇଁ ଜନସାଧାରଣ ଜଳ ସମ୍ପଦ ବିଭାଗକୁ ଦାୟୀ କରିଛନ୍ତି। ମଲ୍ଲିମାହାରା ଓ ଗୌରଙ୍ଗପୁର ଏସ୍କେପ ବନ୍ଦ କରିଦେବାରୁ କିଛି ପଞ୍ଚାୟତ ଉପକୃତ ହୋଇଛନ୍ତି ସତ; କିନ୍ତୁ ହସନାବାଦ, ଅର୍ଜୁନପୁର, ପଧାନି ପ୍ରଭୃତି ପଞ୍ଚାୟତର ଦୁର୍ଦ୍ଦଶା ବଢ଼ିଛି। ଯେଉଁ କାରଣରୁ ଏଠାକାର ଅଞ୍ଚଳବାସୀ ଗୋଟିଏ ବର୍ଷରେ ୩ ଥର ବନ୍ୟାର ସାମ୍ନା କରି ସାରିଲେଣି। ତଥାପି ପ୍ରଶାସନର ଚେତା ପଶୁନି ବୋଲି ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖୁବ୍ ଶୀଘ୍ର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା ସହ ବନ୍ୟାର ସ୍ଥାୟୀ ସମାଧାନ ନ କରାଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବନ୍ୟା ଦୁର୍ଘଟଣା ମାନବିକ ଅଧିକାର ଓ ପ୍ରଶାସନିକ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଏହି ଅଞ୍ଚଳର ଜନତା ପାଇଁ ଏବେ ଅତି ଆବଶ୍ୟକ ହେଉଛି ତ୍ୱରିତ ଉଦ୍ଧାର, ଆହାର, ଔଷଧ ଓ ଜଳ ଯୋଗାଣ ବ୍ୟବସ୍ଥା। ଏହାକୁ ଅବହେଳା ନକରିବାସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

### ତୁରନ୍ତ ପଦକ୍ଷେପ ନେବାକୁ ଦାବି



### ପାନୀୟ ଜଳ ସମସ୍ୟା; ପାଣି ଘେରରେ ନଳକୂଅ



ବାରିକପୁର,୨୫।୮ (ସମିସ): ବୈତରଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୫ରୁ ୭ଟି ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ସମସ୍ୟା ସହ କେତେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା ଜଣାପଡିଛି। ବିଶେଷ କରି ବିରୋଳୀ, ଷଠଗାଁ, ମାଳଦା, ଜଳହରି, ବାହାଣିଆ, ଟିଖିଲିଆ, ଦାଣ୍ଡକୂଳ, ଶାସନ, ସାରଣା ପ୍ରମୁଖ ସ୍ଥାନରେ ଥିବା ନଳକୂପଗୁଡିକୁ ବନ୍ୟା ପାଣି ଘେରି ରହିଛି। କେତେକ ସରକାରୀ ସମେତ ଘରୋଇ ନଳକୂଅଗୁଡ଼ିକରେ ପରିତ୍ୟକ୍ତ ବନ୍ୟା ଜଳ ମଧ୍ୟ ପ୍ରବେଶ କରିଛି। ଏଥିଯୋଗୁଁ ଜଳ ପ୍ରଦୂଷିତ ହେବାର ଆଶଙ୍କା ଦେଖାଦେଇଛି। ଏହି ସବୁ ଗ୍ରାମଗୁଡ଼ିକରେ ଏବେ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବା ସୂଚନା ମିଳିଛି। ଏପରିକି କେତେକ ଦେବାଦେବୀ ପୀଠ, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ରରେଠାରେ ଥିବା ନଳକୂପଗୁଡିକ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ସ୍ୱଚ୍ଛ ପାନୀୟ ଜଳ ପାଇଁ ଏହି ସବୁ ସ୍ଥାନଗୁଡିକରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି; ୨ ଅଟକ

ତିହିଡି,୨୫।୮ (ସମିସ): ତିହିଡି ଥାନା ଅନ୍ତର୍ଗତ ଦୋଳସାହି ବଜାରରେ ଥିବା ଜାଗା କାଳିଆ ଜୁଏଲର୍ସରୁ ସୁନା, ରୂପା ସହ ନଗଦ ଟଙ୍କା ଚୋରି ହୋଇଛି। ସୂଚନାନୁଯାୟୀ, ଡ୍ରିଲ ମେସିନ ସାହାଯ୍ୟରେ ଦୋକାନ ର ପଛପଟୁ ଇଟା କାନ୍ଥ କାଟି ବିଳମ୍ବିତ ରାତିରେ ଏହି ଚୋରି ହୋଇଛି। ସିସିଟିଭିରେ ଚୋରମାନଙ୍କ ଭିଡିଓ କଏଦ ହୋଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ତନାଘନା ଆରମ୍ଭ କରିଛି। ଅନ୍ୟପକ୍ଷରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚାର ଉଚାର କରୁଛି। ସେପଟେ ଦୋକାନୀ ମାଲିକ କହିଛନ୍ତି ପାଖ ଦୋକାନି ଆଜି ସକାଳେ ଏହି ଚୋରି ନେଇ ଖବର ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ୫ ଲକ୍ଷ ଟଙ୍କାର ସୁନା ୨୯ ଗ୍ରାମ ରୁପା ୧ଶହ ୮୦୦ ଗ୍ରାମ ପାଖାପାଖି ସୁନା ରୁପା ଚୋରି ହୋଇଛି।

## ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ

ଭଣ୍ଡାରିପୋଖରୀ/ବାରିକପୁର,୨୫।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭିନ୍ନକ୍ଷମ ଉପକରଣ ବିତରଣ କରାଯାଇଛି। କାର୍ଯ୍ୟାଳୟର ଭିନ୍ନକ୍ଷମ ଅର୍ନ୍ତନିବେଶୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ପ୍ରଫୁଲ ସାହୁ ୪୯ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରାଇ ସାଇକଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡି, ଟିଏଲଏମ କିଟ ଆଦି ବିତରଣ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ମନୋହରପୁର ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ ରଥ, ସମ୍ବଳ ଶିକ୍ଷକ ରଶ୍ମିରଞ୍ଜନ ଦାସ, ସନାତନ ପଣ୍ଡା, ମନସ୍ୱିନୀ ଦାଶ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଖବର ପ୍ରକାଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ: ଆନ୍ଦୋଳନ ପାଇଁ ସଜବାଜ

ଧାମନଗର,୨୫।୮ (ସମିସ): ଧାମନଗର ବଜାରଠାରୁ ଧାମନଗର ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମା ହେବା ସହିତ ମରଣଯନ୍ତା ପାଲଟିଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏପରିକି ଧାମନଗରରୁ ଭଦ୍ରକ ଏବଂ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ରୋଗୀ ଯାଉଥିବା ବେଳେ ଖାଲଖମା ଓ ଅତି ଖରାପ ରାସ୍ତାଟି ପାଇଁ ବିଳମ୍ବ ମଧ୍ୟ ହେଉଛି। ତେଣୁ ରୋଗୀ ଠିକ ସମୟରେ ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ନ ପାରି ମୃତ୍ୟୁମୁଖରେ ପଡୁଛନ୍ତି। ଏହି ରାସ୍ତାରେ ଲୋକମାନେ ବ୍ଲକ, ତହସିଲ ଓ ଏନଏସି, କାର୍ଯ୍ୟାଳୟ ଏବଂ ଥାନା, ଡାକ୍ତରଖାନା, କୋର୍ଟ ଏବଂ ଆଦର୍ଶ ବିଦ୍ୟାଳୟ, ଅବକାରୀ ଥାନା ଓ ଦମକଳ ଯିବା ପାଇଁ ଏବଂ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଖବର ଥିଲେ ମଧ କେହି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଯଥାଶୀଘ୍ର ରାସ୍ତାର ନିର୍ମାଣ ନ ହେଲେ ଲୋକେ ରାସ୍ତା ଅବରୋଧ କରିବେ ବୋଲି ସଜବାଜ ହେଲେଣି।

## ଡକାୟତି ଗ୍ୟାଙ୍ଗର ୬ ସଦସ୍ୟ ଗିରଫ, ପିସ୍ତଲ ଜବତ

ଭଦ୍ରକ,୨୫।୮ (ସମିସ): ଭଦ୍ରକ ଟାଉନ ପୁଲିସ ଏକ ଡକାୟତ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି। ରବିବାର ରାତିରେ ପାଟ୍ରୋଲିଂ ବେଳେ ବନ୍ତଛକ ନିକଟରେ ୬ ଜଣଙ୍କୁ ଦେଖି ପୁଲିସ ସେମାନଙ୍କୁ ଧରିବାକୁ ଗଲାବେଳେ ୩ ଜଣ ଖସି ପଳାଇ ଯାଇଥିଲେ। ୩ ଜଣଙ୍କୁ ପୁଲିସ ଧରିଥିବା ବେଳେ ସେମାନଙ୍କ ବୟାନ କ୍ରମେ ପୁଲିସ ଅନ୍ୟ ତିନିଜଣଙ୍କୁ ରାତିରେ ଡଗରାସାହିରେ ଗିରଫ କରିଥିଲା। ସେମାନଙ୍କ ପାଖରେ ଥିବା ଏକ ଏଟିଏମ ଡଷ୍ଟବିନରେ ଲୁଚାଇଥିବା ପିସ୍ତଲକୁ ମଧ୍ୟ ପୁଲିସ ଜବତ କରିଛି। ଗିରଫ ୬ଜଣ ହେଲେ ସୋରୋ ଅଞ୍ଚଳର ସୁକାନ୍ତ ସେଠୀ, ରାଜୀବ ନାୟକ, ସଞ୍ଜୟ ଦଲେଇ, ବିଶ୍ୱନାଥ ଦାଶ, ଏସକେ ଅନିଫ ଓ ଏସକେ ସମରାଜ।

## ସ୍ୱାମୀ ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର

ବନ୍ତ/ଆଗରପଡ଼ା,୨୫।୮ (ସମିସ): ବନ୍ତଥାନା ଅଧୀନ ବାଙ୍ଗରପଦୀ ଗାଁରେ ସ୍ୱାମୀ ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି। କୌଣସି ଘଟଣାକୁ ନେଇ କଥା କଟାକଟି ପରେ ସ୍ୱାମୀ ନିଜର ସ୍ୱୀକୃତି ପ୍ରାପ୍ତ ବନ୍ଧୁକ ସାହାଯ୍ୟରେ ନିଜ ସ୍ତ୍ରୀଙ୍କୁ ଗୁଳି ମାଡ଼ କରିଥିଲେ ବୋଲି କୁହାଯାଉଛି। ଅପରପକ୍ଷରେ ମାଙ୍କଡ଼ ଘଉଡ଼ାଇବାକୁ ଯାଇ ସ୍ୱାମୀ ଗୁଳି ମାଡ଼ କରୁଥିବା ସମୟରେ ଭୁଲ୍ ବଶତଃ ଗୁଳି ବାଜିଥିବା ଗୁରୁତର ସ୍ତ୍ରୀ ପ୍ରକାଶ କରିଛନ୍ତି। ଖବରପାଇ ବନ୍ତ ପୁଲିସ୍ କଟକସ୍ଥିତ ବଡ଼ ଡାକ୍ତରଖାନାରେ ପହଞ୍ଚି ଯାଞ୍ଚ କରିଥିବା ବେଳେ ଜିଲ୍ଲା ପୁଲିସର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ସ୍ଥାନୀୟ ଅଞ୍ଚଳର ଭିନ୍ନ ଭିନ୍ନ ପ୍ରତିକ୍ରିୟା ଯୋଗୁଁ ଅନେକ ସନ୍ଦେହ ଘନୀଭୂତ ହୋଇଛି। ପ୍ରକୃତ ଘଟଣା ଅସ୍ୱଷ୍ଟ ରହିଛି। ପୁଲିସର ତଦନ୍ତ ଶେଷ ହେବାପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ।

## ସମସ୍ୟା ଘେରରେ ରାମନାରାୟଣ ଉଚ୍ଚ ବିଦ୍ୟାଳୟ

ଦୋଳସାହି,୨୫।୮ (ସମିସ): ତିହିଡି ବ୍ଲକ୍ ଅଧୀନ ଦୋଳସାହି ସ୍ଥିତ ସରକାରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରତିଭା ମଉଳି ଯାଉଥିବା ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୁରାତନ ତଥା ପ୍ରତିଷ୍ଠିତ ବିଦ୍ୟାଳୟର ଅନେକ ସମସ୍ୟାର ଦୀର୍ଘ ବର୍ଷ ଧରି ସମାଧାନ ହୋଇ ପାରୁନଥିବା ଅଭିଯୋଗ ହେଉଛି। ସୂଚନାନୁଯାୟୀ, ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବା ସହ ୩ ଜଣ କଳା ଶିକ୍ଷକ ଆବଶ୍ୟକ ଥିଲା ବେଳେ ୨ ଜଣ କଳା ଶିକ୍ଷକ ନଥିବା ସହ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮ ଜଣ ଷ୍ଟାଫ୍ କମ୍ ଥିବା ଜଣାପଡିଛି। ସେହିପରି ଏହି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀରେ ୧୩୦ଜଣ ଛାତ୍ରଛାତ୍ରୀ ଜାକିଜୁକି ହୋଇ ଅଧ୍ୟୟନ କରୁଥିବା ବେଳେ ଚାରୋଟି ନୂତନ ଶ୍ରେଣୀ ଗୃହ ର ଆବଶ୍ୟକତା ଥିବା ଜଣାଯାଇଛି। ଏଥିସହ ବିଦ୍ୟାଳୟ ଖେଳ ପଡ଼ିଆ ପାଚେରୀ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଉନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାର୍ଜରେ ସୟଦା ସାଦବ୍ ସିରିଙ୍ଗ ଥିବା ଜଣାଯାଇଛି।

### ନାହାନ୍ତି ପ୍ରଧାନଶିକ୍ଷକ ଓ କଳା ଶିକ୍ଷକ

## ବନ୍ତକୁ ଏନ୍ଏସି ଘୋଷଣା ଦାବିରେ ବୈଠକ

ବନ୍ତ/ଆଗରପଡ଼ା,୨୫।୮ (ସମିସ): ଭଦ୍ରକ ଜିଲ୍ଲା ବନ୍ତକୁ ଏନଏସି ଘୋଷଣା କରିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର ୭ ଜିଲ୍ଲାରେ ୧୨ ନୂଆ ଏନଏସି ଘୋଷଣା କରିଥିବା ବେଳେ ବନ୍ତ ଏଥିରୁ ବାଦ ପଡିଛି। ଏନେଇ ବନ୍ତ ସରସ୍ୱତୀ ଶିଶୁମନ୍ଦିରରେ ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତୃତ୍ୱଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ବନ୍ତକୁ ଏନଏସି ଘୋଷଣା ପାଇଁ ଦାବି କରିଥିଲେ। ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ତଥା ସମାଜସେବୀ ଡ. ମନ୍ମଥ ରାଉଳଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। ବନ୍ତ ସଦର ମହକୁମାରେ ବ୍ଲକ୍, ତହସିଲ, ସବ୍ ରେଜେଷ୍ଟି ଅଫିସ, ଜଳ ସେଚନ ଅଫିସ, ଆରଡିଅଫିସ, ପୋଷ୍ଟ ଅଫିସ, ଥାନା, ଡାକ୍ତରଖାନା ସମେତ ହାଇସ୍କୁଲ ଓ କଲେଜ ଆଦି ରହିଛି। ମାତ୍ର ବିଭିନ୍ନ ବ୍ଲକରେ ଫାଷ୍ଟଟ୍ରାକ୍ କୋର୍ଟ ଖୋଲି ସାରିଥିବା ବେଳେ ଏଠାରେ ତାହା ଖୋଲି ପାରିନାହିଁ। ସମସ୍ତ ସରକାରୀ ଗାଇଡ ଲାଇନ ଅନୁସାରେ ବନ୍ତ ସଦର ମହକୁମା ଏନଏସି ଲାଗି ଯୋଗ୍ୟହୋଇଥିବା ବେଳେ ତାହାକୁ ଅଣଦେଖା କରାଯାଇଛି। ବୈଠକରେ ଉପଦେଷ୍ଟା କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦଙ୍କୁ ଭେଟି ସ୍ମାରକ ପତ୍ର ଦେବା ସହ ରାଜ୍ୟ ବିଜେପିସଭାପତିଙ୍କୁ ଭେଟି ଦାବି ଜଣାଇବା ଲାଗି ନିଷ୍ପରି ହୋଇଥିଲା। ବୈଠକରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ଗଣେଶ ପ୍ରସାଦ କରଶର୍ମା, ସମାଜସେବୀ ତ୍ରିଲୋଚନ ପଣ୍ଡା, ଡାକ୍ତର ମୂରଲୀଧର ସୂତାର, ଅକ୍ଷୟ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଯୁବନେତା ସୁବାଷ ଦାସ, ସ୍ମୃତି ରଞ୍ଜନ ସ୍ୱାଇଁ, ଇଂ ଲକି ମାଷ୍ଟର ସ୍ୱାଇଁ, ପରମେଶ୍ୱର ବାରିକ, ବିପିନ ନାୟକ, ଟିଲୋ ସରପଂଚ ସଂଗ୍ରାମ କେଶରୀ ଜେନା, ରମାକାନ୍ତ ପାଣିଗ୍ରାହୀ, ରାଧାକାନ୍ତ ସାହୁ, ମାର୍କଣ୍ଡ ବେହେରା, ସଞ୍ଜୟ କୁମାର ମଜୁମଦାର, ନାରାୟଣ ଚନ୍ଦ୍ର ଲେଙ୍କା, ସେକ୍ ଯାକତ୍ ଅଲ୍ଲୀ, ନାରାୟଣ ଚନ୍ଦ୍ର ସାମଲ, ରମାକାନ୍ତ ଜେନା, ଅଜୟ କୁମାର ପୃଷ୍ଟି, ସୁଧାଂଶୁ ଶେଖର ନାୟକ, ଲକ୍ଷ୍ମୀ ବେହେରା, ଶତ୍ରୁଘ୍ନ ମହାରାଜ, ପ୍ରମୋଦ ଗୋଛାୟତ, ସୀତାରାମ ପତି, ସୁଧାଂଶୁ ଶେଖର ମହାନ୍ତି, ଏଲ.ଅମରଜିତ୍ ସ୍ୱାଇଁ, ପ୍ରଭାତ କୁମାର ଜେନା, ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ଥିଲେ।

## ଫରେଷ୍ଟରଙ୍କୁ ରେଞ୍ଜରଙ୍କ ଆକ୍ରମଣ ଅଭିଯୋଗ

### 'ଏକ୍ସ'ରେ ଜଣାଇବାରୁ ଘଟଣାର ତଦନ୍ତ କଲେ ଏସ୍‌ଡିପିଓ

ଭଦ୍ରକ/ବାସୁଦେବପୁର,୨୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଅତୁଲ କୁମାର ମହାନ୍ତି ବିଦେଇପୁର ସେକ୍ସନର ଫରେଷ୍ଟର ବିନୋଦ କୁମାର ସିଂଙ୍କୁ ମାଡ଼ମାରି ଜାତିଆଣା ଗାଳିଗୁଲଜ କରିଥିବାର ବାସୁଦେବପୁର ଥାନାରେ ଅଭିଯୋଗ ସହିତ ମୁଖ୍ୟମନ୍ତ୍ରୀ ଓ ପିସିସିଏଫଙ୍କୁ ଟୁଇଟର ଯୋଗେ ଜଣାଇଛନ୍ତି। ଫରେଷ୍ଟର ବିନୋଦ କୁମାର ସିଂ୨୦୨୨ ମସିହାରୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଭାବେ ଅତୁଲ କୁମାର ମହାନ୍ତି ଯୋଗ ଦେବା ପରେ ଜଣେ ଆଦିବାସୀ ବର୍ଗର ହୋଇଥିବାରୁ ବିଦେଇପୁର ସେକ୍ସନରୁ ବାହାର କରି ବାସୁଦେବପୁରରେ କାମରେ ଲଗାଇ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି। ଅଗଷ୍ଟ ୧୫ରେ କାଳିଗଦି ଏୟାର ବ୍ଲକ, ପ୍ଲାଣ୍ଟେସନ, କ୍ୟାମ୍ପ ସ୍କିମରେ ଖର୍ଚ୍ଚ ହୋଇଥିବା ଅର୍ଥ ଫରେଷ୍ଟର ବିନୋଦ କୁମାର ସିଂ ରେଞ୍ଜରଙ୍କୁ ମାଗିଥିଲେ। ରେଞ୍ଜର ଅର୍ଥ ଦେବା ପରିବର୍ତ୍ତେ ମାଡ଼ମାରି ଜାତିଆଣା ଗାଳିଗୁଲଜ କରିଥିଲେ ବୋଲି ସେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଫରେଷ୍ଟର ନ୍ୟାୟ ପାଇବା ପାଇଁ ଏସପି, ଜିଲ୍ଲାପାଳ, ଡିଆଇଜି, ଡିଜିପି, ପିସିସିଏଫ, ବନ ବିଭାଗ, ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟରରେ ନ୍ୟାୟ ଭିକ୍ଷା କରିଛନ୍ତି। ବାସୁଦେବପୁର ଥାନାର କେଶ ନମ୍ବର -୬୨୦/୨୫ ବଳରେ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାର ତଦନ୍ତ କରିବାକୁ ବନ୍ୟ ପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉଭୟଙ୍କୁ ପଚରାଉଚରା କରିଛନ୍ତି। ଘଟଣାର ସତ୍ୟାସତ୍ୟ ଧରାପଡ଼ିବା ଭୟରେ ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟର ଲାଗିଥିବା ସିସିଟିଭିକୁ ଆଜି ତରବରିଆ ଭାବେ ବାହାର କରି ଦିଆଯାଇଥିବା ଜଣାଯାଇଛି। ପ୍ରମାଣ ନଷ୍ଟ କରିବାକୁ ଅପରାହ୍ନରେ ସମସ୍ତ ସିସିଟିଭି ଖୋଲି ଅଚଳ କରି ଦିଆଯାଇଛି ବୋଲି ଅଭିଯୋଗ ହେଉଛି।




## ଏନ୍ଏସି ଦାବିରେ ଆଗରପଡ଼ା ବନ୍ଦ ଡାକରା

ବନ୍ତ/ଆଗରପଡ଼ା,୨୫।୮ (ସମିସ): ଜିଲ୍ଲାର ଆଗରପଡାକୁ ଏନଏସି ଘୋଷଣା ଦାବିରେ ଆସନ୍ତା ମଙ୍ଗଳବାର ବନ୍ଦ ଡାକରା ଦିଆଯାଇଛି। ଏନେଇ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି କୈଳାସ ଚନ୍ଦ୍ର ଧଳ, ଅବସରପ୍ରାପ୍ତ କର୍ମଚାରୀସଂଘ ସଭାପତି ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀର ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଏନଏସି ଘୋଷଣା କରିବା ନେଇ ଏଇ ବନ୍ଦ ଡାକରା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ମଧୁସୂଦନ ସାହୁ, ଉପେନ୍ଦ୍ର ନାଥ ଶତପଥୀ, ରବିନ୍ଦ୍ର ଆଇଚ, ରଞ୍ଜନ କୁମାର ଦାସ, ଆଇନଜୀବୀ ମନୋଜ ରାୟ, ରାମଚନ୍ଦ୍ର ଦାସ, ବରିଷ୍ଠ ନାଗରିକ ସନ୍ତୋଷ ମହାନ୍ତି, ଗୋଲକ ପୃଷ୍ଟି, ଗୋବିନ୍ଦ ସାହୁ, ପିତାମ୍ବର ପତି, ପ୍ରସନ୍ନ ସିଂହ, ସୁବାଷ ପଣ୍ଡା, ପ୍ରଶାନ୍ତ ସିଂହଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ମିଳିତ ଜନ ଅଭିଯୋଗ ଶୁଣାଣି



ତିହିଡି,୨୫।୮ (ସମିସ): ତିହିଡି ବ୍ଲକ୍ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟତ ରାସନ କାର୍ଡ, ଆବାସ ଯୋଜନା, ଚାଷୀଙ୍କୁ ସାର ଯୋଗାଇବ, ଭତା ଆଦି ପ୍ରସଙ୍ଗରେ ଅଭିଯୋଗ ଆଗତ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଉମାପ୍ରସାଦ ବିଶ୍ୱାଳ, ତିହିଡି ବିଡ଼ିଓ ନିରଞ୍ଜନ ବାରିକ, ତହସିଲଦାର ନମିତା ଧଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ମୋଟ ୯୭ ଅଭିଯୋଗ ଆଗତ ହୋଇଥିଲା।

## ଜଳେଶ୍ୱରପୁର ପଞ୍ଚାୟତରେ କଂଗ୍ରେସର ବୈଠକ

ଭଦ୍ରକ,୨୫।୮ (ସମିସ): ରାଜ୍ୟ ସଭାପତି ଭକ୍ତ ଦାସଙ୍କ ଦିଗଦର୍ଶନରେ ଶକ୍ତିଶାଳୀ ହେଉଛି କଂଗ୍ରେସ। ଦଳ ଛାଡି ଥିବା ନେତା ଓ କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ସହ ଅନ୍ୟ ଦଳର ଅସନ୍ତୁଷ୍ଟଙ୍କୁ ଦଳରେ ସାମିଲ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ଚଳାଇଛି। ଚାନ୍ଦବାଲିରେ କଂଗ୍ରେସର ବରିଷ୍ଠ ନେତା ଅମୀୟ ମହାପାତ୍ର, ଦିଗମ୍ବର ଦାସ ଓ ସତ୍ୟାନନ୍ଦ ରାଉତ,ମନୋଜ ବିଶ୍ୱାଳ ପ୍ରମୁଖ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବାରେ ଲାଗିପଡିଛନ୍ତି। ଚାନ୍ଦବାଲି ବ୍ଲକରେ ଜଳେଶ୍ୱରପୁର ପଞ୍ଚାୟତରେ ଦଳକୁ ମଜବୁତ କରିବା ପାଇଁ ସଭାପତି ଭାବେ ଯୁବନେତା ହିମାଂଶୁ ନାୟକ ଓ ଯୁବ ସଭାପତି ଭାବେ ରତିକାନ୍ତ ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଚତୁର୍ଭୁଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏକ ସଭାରେ ଜଳେଶ୍ୱରପୁର ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାହୁନ୍ତ, ଶକ୍ତିପ୍ରତାପବିଶ୍ୱାଳ, ବ୍ଲକସଭାପତି ବୈଲୋଚନ ପଣ୍ଡା, ବରିଷ୍ଠନେତା ରମେଶ ନାୟକ, ରାଜେନ୍ଦ୍ର ଭଳ, ଶିବ ମହାନ୍ତି, ବିଜୟ ବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର କଂଗ୍ରେସରେ ପରିବାରରେ ସାମିଲ ହୋଇଥିଲେ ବରିଷ୍ଠ ନେତା ମାନେ ସମସ୍ତ ନବାଗତ ମାନଙ୍କୁ ଦଳୀୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ସହରରେ ଗଣେଶ ପୂଜା ଓ ଭସାଣି ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ,୨୫।୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣେଶପୂଜା ଓ ଭସାଣି ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ବୈଠକରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଟିଂଆଙ୍କ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି ଏବଂ ବୁଢା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଏବଂ ଗଜାନନ ପୂଜା କମିଟିର ସଭାପତି/ ସମ୍ପାଦକମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଗଣେଶ ପୂଜା ଏବଂ ଭସାଣି ଶୋଭାଯାତ୍ରା କିପରି ଶାନ୍ତିଶୃଙ୍ଖଳା, ଭାଇଚାରାର ସହ ସହରରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଡେପୁଟି କଲେକ୍ଟର କମିଟିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ହିନ୍ଦୁ ସୁରକ୍ଷା ସମିତି, ସଭାପତି/ ସମ୍ପାଦକ, ମୁସଲିମ୍ ଜମାତ୍, ଭଦ୍ରକ ଏବଂ ଶାନ୍ତି କମିଟିର ସଭ୍ୟମାନେ ପୂଜା ପାଇଁ ସେମାନଙ୍କର ଯୋଜନା ବିଷୟରେ ଅବଗତ କରାଇଥିଲେ। ଗଣେଶ ପୂଜାର ସୁପରିଚାଳନା ପାଇଁ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ଉପସ୍ଥିତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବାସହ ପ୍ରଶାସନର ସହଯୋଗ ଲୋଡିଥିଲେ। ମୁସଲିମ ଜମାତ, ଭଦ୍ରକର ଉପସଭାପତି ସେକ ମହମ୍ମଦ ଜକାଉଲ୍ଲା ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଗଣେଶ ପୂଜା ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ସେମାନେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ବୈଠକରେ ଆଶ୍ୱାସନା ଦେଇଥିଲେ। ଭସାଣି ଶୋଭାଯାତ୍ରାରେ ଉପସ୍ଥିତ ରହି ପ୍ରଶାସନ ତଥା ବିଭିନ୍ନ ଗଣେଶ ପୂଜା କମିଟିକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ। ଚଳିତ ବର୍ଷ ଗଣେଶପୂଜା ଓ ଭସାଣିରେ ଡିଜେର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରାଯିବା ସହିତ ସୋସିଆଲ ମିଡିଆରେ ଯେପରି କୌଣସି ସଂମ୍ପ୍ରଦାୟକୁ ଆକ୍ଷେପ କିମ୍ବା ଗୁଜବ ପ୍ରଚାର ନକରିବା ଦିଗରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଛି। ପୂଜାମଣ୍ଡପଗୁଡିକ ବୈଦ୍ୟୁତିକ ବିଭାଗ ଓ ଅଗ୍ନିଶମ ବିଭାଗରୁ ଅନୁମତି ଆଣି ସଂପୃକ୍ତ ଥାନା ଅଧିକାରୀଙ୍କୁ ପୂଜା ଆଗରୁ ପ୍ରଦାନ କରିବେ। ପାର୍ବଣରେ ବ୍ୟବହୃତ ପୂଜାସାମଗ୍ରୀ ଓ ପ୍ରତିମା ଆଦି ପ୍ରାକୃତିକ ଜଳାଶୟରେ ନପକାଇବା ଉପରେ ଆଲୋଚନା ହୋଇଛି। ନଦୀଘାଟ ନିକଟରେ କୃତ୍ରିମ ଜଳାଶୟ କରି ପ୍ରତିମା ବିସର୍ଜନ କରାଯିବ ଏବଂ ବାସିଫୁଲ, ଫଳ, ପତ୍ର ଓ ପ୍ରସାଦକୁ ଜୈବିକ ସାରରେ ପରିଣତ କରିବାକୁ ବ୍ୟବସ୍ଥା କରାଯିବ। ସହରରେ ରାସ୍ତାଘାଟର ମରାମତି, ଆଲୋକୀକରଣ, ଜଳ, ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ, ବେଆଇନ ମାଦକ ଦ୍ରବ୍ୟ ଉପରେ କଟକଣା, ଅଗ୍ନିଶମ ବିଭାଗ ସେବାର ସୁବିନିଯୋଗ, ଯାନବାହନ ଚଳାଚଳ ନିୟମକୁ କଡାକଡି ପାଳନ କରିବା ଏବଂ ଡାକ୍ତରୀ ସେବା ସହିତ ଆମ୍ବୁଲାନ୍ସ ଏବଂ ମେଡିକାଲ ଟିମର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ରୋଟାରିଆନ ତଥା ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା, ସମାଜସେବୀ ସୁଧାକର ରାଉତ, ଏସଏମ ଫାରୁକ, ଗଣେଶ ପୂଜା ଓ ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ନିମନ୍ତେ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ମୂର୍ତ୍ତି ବିସର୍ଜନ ବେଳେ ଯେପରି କିଛି ଅଘଟଣ ନଘଟେ ବୋଲି ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା ପ୍ରକାଶ କରିଥିଲେ। ଏଥିରେ କୌଣସି ଛାତ୍ରଛାତ୍ରୀଙ୍କୁ ଜଡ଼ିତ କରାଯିବ ନାହିଁ ବୋଲି ଆରକ୍ଷୀ ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାକୁ ଆରପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତି ପାଇଁ ସଂପୃକ୍ତ ଥାନା ଅଧିକାରୀଙ୍କ ପାଖରୁ ଅନୁମତି ନେବା ନେଇ ସ୍ଥିର କରାଯାଇଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତ ଭାବରେ ଭସାଣିର ତାରିଖ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୨୧ତାରିଖରେ ଗଜାନନ ପୂଜା କମିଟି, ୨୨ରେ କାଞ୍ଚନ ଗଣେଶ ପୂଜା କମିଟି, ପିଲା ଗଣେଶ ପୂଜା କମିଟି ୨୩ ତାରିଖ, ଛୁଆ ଗଣେଶ ପୂଜା କମିଟି ୨୫ତାରିଖ, ବୁଢା ଗଣେଶ ପୂଜା କମିଟି ୨୬ତାରିଖ, ଟୋକା ଗଣେଶ ପୂଜା କମିଟି ୨୭ତାରିଖକୁ ଘୋଷଣା ହୋଇଛି। ଏହାବାଦ ଜିଲ୍ଲାରେ ହେଉଥିବା ଅନ୍ୟ ପୂଜା କମିଟିମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୨ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭ ରୁ ୧୨ ତାରିଖ ମଧ୍ୟରେ ମୂର୍ତ୍ତି ବିସର୍ଜନ କରିବେ ବୋଲି ସିଦ୍ଧାନ୍ତ ହୋଇଛି। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ) ଧନ୍ୟବାଦ ଅର୍ପଣ କରିଥିଲେ।

- ଡିଜେ ବନ୍ଦ ଓ ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ
- ସୋସିଆଲ ମିଡିଆରେ ଅପପ୍ରଚାର ବନ୍ଦ ଉପରେ ଅଂକୁଶ
- ପୂଜାସାମଗ୍ରୀ ପ୍ରାକୃତିକ ଜଳାଶୟରେ ନ ପକାଇବାକୁ ବାରଣ

# ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବାର ପ୍ରତିବାଦ

ବାଲିଆପାଳ, ୨୫।୮ (ସମିସ)




**ଯୁବ କଂଗ୍ରେସର ବିକ୍ଷୋଭ**

ରାଜ୍ୟ ସରକାରଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ନୂତନ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବା ପ୍ରତିବାଦରେ ବାଲିଆପାଳ ଯୁବ କଂଗ୍ରେସ ପକ୍ଷରୁ ବିରୋଧ ବିକ୍ଷୋଭ ସମାବେଶ ବାଲିଆପାଳ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସର କର୍ମୀମାନଙ୍କ ଦ୍ୱାରା ମଧୁପୁରା ପଞ୍ଚାୟତର ଖଗଡ଼ାପାଳ ମହାଦେବ ମନ୍ଦିରଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ସିମୁଳିଆ ବଜାର ଦେଇ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଏବଂ ସେଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଆପାଳ ବ୍ଲକର ବହୁ ବରିଷ୍ଠ କଂଗ୍ରେସ ନେତା ଏବଂ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ବାଲିଆପାଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବିରୁଦ୍ଧରେ କଂଗ୍ରେସ ନେତା ଏବଂ ଯୁବ କଂଗ୍ରେସ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ। ସରକାର ଯଥାଶୀଘ୍ର ବାଲିଆପାଳକୁ ଏନଏସି ଘୋଷଣା ନ କଲେ ଜୋରଦାର ଆନ୍ଦୋଳନ ହେବ ବୋଲି କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ ସମାବେଶରେ ନେତା ମାନେ କହିଥିଲେ। ସମସ୍ତ ପ୍ରକାର ମାନଦଣ୍ଡ ପୁରଣ ହେଉଥିବା ବେଳେ ସଦ୍ୟ ପ୍ରକାଶିତ ହୋଇଥିବା ନୂତନ ଏନ୍‌ଏସି ତାଲିକାରୁ ବାଲିଆପାଳକୁ ବାଦ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନେତା ମାନେ କହିଥିଲେ। ଏହି ସମାବେଶରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ବ୍ଲକ ଅଧ୍ୟକ୍ଷ ରଞ୍ଜିତା ନାୟକ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ ବରିଷ୍ଠ କଂଗ୍ରେସ ନେତା ମୁରଲି ମୋହନ ସାହୁ, ନରହରି ଜେନା, ଜଗନ୍ନାଥ ବିଶାଳ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ସମ୍ପାଦକ ବିକାଶ ବାରିକ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ। ବାଲିଆପାଳକୁ ଏନଏସି ମାନ୍ୟତା ସହିତ ସୁବର୍ଣ୍ଣରେଖା ନଦୀରେ ଆସୁଥିବା ବାରମ୍ବାର ବନ୍ୟାର ପ୍ରତିକାର ସ୍ୱରୂପ ସୁବର୍ଣ୍ଣରେଖା ଫ୍ଲଡ଼ପ୍ରୋଜେକ୍ଟକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଏବଂ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ବନ୍ୟା ଆସି ବାଲିଆପାଳ ବ୍ଲକର ଘଟିଥିବା ପ୍ରଭୁତ କ୍ଷତିର ଆକଳନ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପ୍ରଭୃତି ଦାବି କରି ଆଜି ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଦିଆଯାଇଥିଲା।

**ସମସ୍ତଙ୍କୁ ଗୁହାରି କଲେଣି**

## ବିରିପଡ଼ିଆ ଗାଁକୁ ନିର୍ମାଣ ହେଉନି ପକ୍କା ରାସ୍ତା



ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ରମଣା ଗ୍ରାମରୁ ବାଉଁଶଗଡିଆ ୩ ନମ୍ବର ୱାର୍ଡ ବିରିପଡିଆ ଗ୍ରାମକୁ ପକ୍କା ବା ପିଚୁ ରାସ୍ତାଟିଏ ପାଇଁ ଗାଁ ଲୋକେ ୭୮ ବର୍ଷ ହେଲା ସମସ୍ତଙ୍କୁ ଗୁହାରି କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଗାଁ ଲୋକଙ୍କ କଥା କେହି ଶୁଣିଲେନି। ବାଧ୍ୟ ହୋଇ ସମସ୍ତ ଗ୍ରାମବାସୀ ପୁଣିଥରେ ସୋମବାର ଦିନ ଖଇରା ଗସ୍ତରେ ଆସିଥିବା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଗ୍ରାମର ଲୋକସଂଖ୍ୟା ୫୫୦ ହୋଇଥିବା ବେଳେ ପ୍ରାୟ ସମସ୍ତେ ଜନଜାତି ସଂପ୍ରଦାୟର। ଗ୍ରାମର କେହି ଅସୁସ୍ଥ ହେଲେ ଜରୁରୀ ସମୟରେ ଆମ୍ବୁଲାନ୍ସଟିଏ ଗାଁକୁ ଆସି ପାରୁନାହିଁ କି ଦମକଳ ଗାଡି ଟିଏ ଗାଁକୁ ପଶିବା ମୁସ୍କିଲ ହୋଇ ପଡୁଛି। ଖଇରା ବ୍ଲକର ଏହି ଗ୍ରାମର ବାସିନ୍ଦା ଏବେ ଦ୍ୱୀପରେ ରହିବା ଭଳି ଜୀବନ ଅତିବାହିତ କରୁଛନ୍ତି। ଏହି ଗ୍ରାମକୁ ରାସ୍ତା ପାଇଁ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସୁପାରିସରେ ଜିଲା ଖଣିଜ ପାଣ୍ଠିରୁ ୮ ଲକ୍ଷ ଟଙ୍କା ବିଆଯାଇଥିବା କୁହାଯାଉଥିଲେ ହେଁ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନପାରିବା ଗ୍ରାମବାସୀଙ୍କୁ ନିରାଶ କରିଛି। ତୁରନ୍ତ ଗ୍ରାମବାସୀଙ୍କ ଆବଶ୍ୟକତାକୁ ସମ୍ମାନ ଦେଇ ରାସ୍ତାକୁ ସମ୍ପୂର୍ଣ୍ଣ କରିବାକୁ ପଞ୍ଚାୟତର ଯୁବ ସଙ୍ଗଠକ ଦୈତାରୀ ପଣ୍ଡା, ଗ୍ରାମ ଅଧିବାସୀ ସାଲୁକା ସିଂ, ସବିତାରାଣୀ ସେଠୀ, ରିଗା ମୁଣ୍ଡି, ସଞ୍ଜୟ ପାତ୍ର ପ୍ରମୁଖ ଦାବି କରିଛନ୍ତି।

## ବନ୍ୟାଞ୍ଚଳରେ ବସ୍ତା ବିଧାୟିକା



କାଳିପଦା/ବାଲିଆପାଳ,୨୫।୮ (ସମିସ): ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇ ଷଷ୍ଠ ଥର ପାଇଁ ବନ୍ୟା ହୋଇଛି। ଏଥିରେ ବାଲିଆପାଳ ବ୍ଲକର ବହୁ ପଞ୍ଚାୟତରେ ଜନଜୀବନ ବିଶେଷ ଭାବେ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଚାଷୀ ମାନଙ୍କର ଫସଲ ମଧ ନଷ୍ଟ ହୋଇ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଏପରି ବିପଦ ସମୟରେ ସୋମବାର ଦିନ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କ ଅବସ୍ଥା ପଚାରି ବୁଝିଥିଲେ ବସ୍ତା ବିଧାୟିକା ସୁବାସିନୀ ଜେନା। ଲୋକମାନଙ୍କ ସହିତ ବନ୍ୟା ସମସ୍ୟା ବାବଦରେ ଆଲୋଚନା କରି ସେମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳର ସହାୟତା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟିକା ଜେନା ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ଫସଲ ନଷ୍ଟ ହୋଇଯାଇଥିବାରୁ ବହୁ ଚାଷୀ ହତାଶ ହୋଇଛନ୍ତି। ଏଣୁ ଆଜି ଗଣମାଧ୍ୟମ ଜରିଆରେ ସେମାନଙ୍କ କ୍ଷୟକ୍ଷତିର ଭରଣା ନିମନ୍ତେ ସରକାରଙ୍କୁ ଅନୁରୋଧ କରିବା ସହିତ ବାଲିଆପାଳ ବ୍ଲକର ବନ୍ୟାଞ୍ଚଳ ଗୁଡ଼ିକରେ କେଉଁ ପ୍ରକାର ସୁବିଧା ସୁଯୋଗ ମିଳିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟିକା ଜେନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକାଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ରଘୁନାଥ ଜେନା, ଇନତାଜ ସାହା, ଭଗବାନ ରାଉଳ ପ୍ରମୁଖ ବହୁ ନେତୃବୃନ୍ଦ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।

## ବଜ୍ରପାତରୁ ସୁରକ୍ଷା ଲାଗି ସଚେତନତା କାର୍ଯ୍ୟକ୍ରମ




ଜଳେଶ୍ୱର,୨୫।୮ (ସମିସ): ଅଞ୍ଚଳରେ ତାଳଗଛ, ବଡ଼ ବଡ଼ ବୃକ୍ଷ କମିବା ଓ ସଚେତନତା ଅଭାବରୁ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। ତେଣୁ ବ୍ୟାପକ ତାଳ ମଞ୍ଜି ରୋପଣ ସହିତ ବଜ୍ରପାତରୁ ମୁକ୍ତି ପାଇବା ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ବର୍ତ୍ତନା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ବଜ୍ରପାତ ସୁରକ୍ଷା ରଥ ବୁଲିବା ସହିତ ପଥପ୍ରାନ୍ତ ନାଟକ ଓ ଏଲ.ସି.ଡି ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ ହୋଇଥିଲା। ଘଡ ଘଡ଼ି ସମୟରେ ପଦାକୁ ନ ବାହାରିବା, ବୃକ୍ଷ ତଳେ ଆଶ୍ରୟ ନ ନେବା, ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର ନ କରିବା, ଛୋଟ ଗଛ ତଳେ ଆଶ୍ରୟ ନେବା, ଜୋର୍ ବଜ୍ରପାତ ସମୟରେ ଖୋଲା ସ୍ଥାନରେ ମୁହଁ ମାଡି ଶୋଇ ପଡ଼ିବା ସଂପର୍କରେ ରଥରେ ଆସିଥିବା ଶୁଭଙ୍କର ଜେନା ବାର୍ତ୍ତା ଦେଇଥିଲେ। ପଞ୍ଚାୟତର ଗାଜିଆଣି ଚଣ୍ଡୀ ଉତ୍ସବ ଚରଣ ଉଚ୍ଚ ବିଦ୍ୟାଳୟ ଛକ, ବର୍ତ୍ତନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କସିଦା ଭଗବତୀ ମାତା ଉଚ୍ଚ ବିଦ୍ୟାପୀଠ, ଷୋଳଷଣ୍ଢା ଦୋଳ ପଡ଼ିଆ ଇତ୍ୟାଦି ସ୍ଥାନରେ ଏଲଇଡି ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ନିର୍ବାଚିତ ପ୍ରତିନିଧି, ଯୁବକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ। ସରପଞ୍ଚ ମଧୁସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ସମିତି ସଦସ୍ୟ ତ୍ରିଲୋଚନ ଦାସ, ରବୀନ୍ଦ୍ର ନାଥ ବେହେରା, ପଦ୍ମଲୋଚନ ବେହେରା, ରବୀନ୍ଦ୍ରନାଥ ପାଳ, ଗଣେଶ ସାମଲ, ତ୍ରିଲୋଚନ ସେଠୀ, ଦେବପ୍ରସାଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ପିକ୍‌ଅପ୍‌ରେ ପିଟିହୋଇ ବାଇକ ଆରୋହୀ ମୃତ

ରୂପସା, ୨୫।୮ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ମିରିଗୀମୁଣ୍ଡି ଛକ ନିକଟ ମା ହୋଟେଲ ନିକଟରେ ଆଜି ପିକଅପ ଦେହରେ ବାଡେଇ ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଚାଳନ୍ତି ଗ୍ରାମର ପିଅନ ହେମ୍ବ୍ରମ ବାଇକ ଯୋଗେ ବାଲେଶ୍ୱର ନିଜ ଝିଅର ସ୍କୁଲକୁ ଦେଖାକରିବାକୁ ଯାଉଥିବା ସମୟରେ ମିରିଗୀମୁଣ୍ଡି ଛକ ମା' ହୋଟେଲ ନିକଟରେ ଆଗରେ ଚାଲିଥିବା ଏକ ଦ୍ରୁତଗାମୀ ପିକଅପକୁ ଓଭର ଟେକ୍ କରୁଥିବା ସମୟରେ ବାଇକ ଆରୋହୀ ଜଣକ ପିକଅପ ଦେହରେ ବାଡେଇ ହୋଇ ତଳେ ପଡ଼ିଯାଇଥିଲେ। ତେବେ ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ହେମ୍ବ୍ରମ ବର୍ତ୍ତମାନ ସନ୍ତୋଷପୁର ଗ୍ରାମ ପଞ୍ଚାୟତରେ ଜିଓ ଟେଗ ଭାବରେ କାର୍ଯ୍ୟରତ ଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ରୁପ୍ସା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ପଶ୍ଚିମବଙ୍ଗ ଚାଲାଣବେଳେ ଗଞ୍ଜେଇ ଜବତ



ଖଇରା,୨୫।୮ (ସମିସ): ବସ୍‌ରେ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ବେଳେ ଖଇରା ଅବକାରୀ ଥାନା ଓ ନୀଳଗିରି ଅବକାରୀ ରେଞ୍ଜ ପକ୍ଷରୁ ମିଳିତ ଭାବେ ଚଢଉ କରାଯାଇ ୨୦କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲା ତେହତା ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ସୁଲତାନ ଖାନା ଓ ଚାପ୍ରା ଥାନା ବେକବେରିଆ ଗ୍ରାମର ଅଶିତ ମଲ୍ଲିକ ଓ ଟିମାଜୁଦ୍ଦିନ ଶାହା। ସେମାନଙ୍କ ନାମରେ ୨ଟି ମାମଲା ରୁଜୁ କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ବସରେ ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଚୋରା ଚାଲାଣ ବେଳେ ଜାମୁଝାଡି ଛକ ନିକଟରେ ଅବକାରୀ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ନୀଳଗିରି ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ସବଇନ୍ସପେକ୍ଟର ସୁରଜ ଟିଗା, ଏଏସଆଇ ଦୀପିକା ପରିଡା, କନେଷ୍ଟବଳ କାଜଲ ପ୍ରିୟଦର୍ଶନୀ ପ୍ରମୁଖ ସାମିଲ ଥିଲେ।

## ମୂର୍ତ୍ତି ଗଢି ପରିବାର ପୋଷେ: କୃଷ୍ଣଚନ୍ଦ୍ର



ସିମୁଳିଆ, ୨୫।୮ (ସମିସ): ବାହାର ରାଜ୍ୟର ଡିଜାଇନର ମୂର୍ତ୍ତିର ଚାହିଦା ବେଶ୍ ରହିଛି। ଅର୍ଡର ମୁତାବକ ବିଭିନ୍ନ ଡିଜାଇନର ତିଆରି ହୋଇଛି ଗଣେଶ ମୂର୍ତ୍ତି। ବର୍ଷ ସାରା ମୂର୍ତ୍ତି ଗଢି ପରିବାର ପୋଷେ। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ନୂଆପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ। ମାଟିରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ମୂର୍ତ୍ତି ତିଆରି କରି ସବୁ ବେଳେ ଚର୍ଚ୍ଚାରେ ରହିଥାନ୍ତି। ପୂଜାପର୍ବ ଦୁଇ ମାସ ଆଗରୁ ବିଭିନ୍ନ ସ୍ଥାନରୁ ସ୍ୱତନ୍ତ୍ର ମାଟି ଆଣି ମୂର୍ତ୍ତି ତିଆରି କରନ୍ତି। ଚଳିତ ବର୍ଷ କଲିକତା, ମୁମ୍ବାଇ ଡିଜାଇନର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି ସେ। ବିଶେଷ କରି ଦୁର୍ଗା ରୂପୀ ଗଣେଶ, ରୁଦ୍ର ଅବତାର, ସିଂହାସନରେ ଗଣେଶ ଆଦି ବିଭିନ୍ନ ପ୍ରକାରର ଗଣେଶ ମୂର୍ତ୍ତି ଅର୍ଡର ମୁତାବକ ତିଆରି କରାଯାଇଛି। ମାଟିରେ ମୂର୍ତ୍ତି ତିଆରି କରିବା ପାଇଁ ମାସେ ସମୟ ଲାଗୁଥିବା ବେଳେ ଗଣେଶ ପୂଜାକୁ ଦୃଷ୍ଟିରେ ରଖି ମୂର୍ତ୍ତି ଗୁଡିକୁ ରଙ୍ଗ ଦେବା ସହ ସାଜସଜ୍ଜା କରିବା ପାଇଁ କଲିକତାରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଆଣି ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ମୂର୍ତ୍ତି ତିଆରିକୁ ନିଜର ଜୀବିକା ଭାବରେ ଗ୍ରହଣ କରି କୃଷ୍ଣଚନ୍ଦ୍ର ୩୦ରୁ ବର୍ଷ ଧରି ବିଭିନ୍ନ ପ୍ରକାରର ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ମୂର୍ତ୍ତି ତିଆରି କରିବାରେ କୃଷ୍ଣଚନ୍ଦ୍ରଙ୍କୁ ତାଙ୍କ ସ୍ତ୍ରୀ, ପୁଅ ଓ ସମ୍ପର୍କୀୟ ମଧ ସହଯୋଗ କରିଥାନ୍ତି। ଭଦ୍ରକ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗ୍ରାହକ ମାନେ ଆସି ମୂର୍ତ୍ତି ନେଉଥିବା କୃଷ୍ଣଚନ୍ଦ୍ର କହିଛନ୍ତି। ଏଥର ୨୦୦ରୁ ଅଧିକ ମୂର୍ତ୍ତି ତିଆରି କରି ବିକ୍ରି କରୁଥିବା ଜଣାପଡିଛି।

## ଖଇରା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଖଇରାକୁ ଏନ୍‌ଏସି ମାନ୍ୟତା ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି**



ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ସି ସିବୁ ମାଲବିଆ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ରହି ୧୦୯ ଅଭିଯୋଗର ଶୁଣାଣି କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଓ ଖଇରା ବଜାରରେ ବିଶ୍ରାମା ଗୃହ ନିର୍ମାଣ ପାଇଁ ଜନଜାଗରଣ ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହାଇକୋର୍ଟ ରାୟ ସତ୍ତ୍ୱେ ଶ୍ୟାମସୁନ୍ଦରପୁର ମୌଜାର ମହାରାଣାସାହି ସମ୍ମୁଖ ଭାଗରେ ବେଆଇନ ଜବରଦଖଲକୁ ତହସିଲଦାର ଉଚ୍ଛେଦ କରୁନଥିବା ନେଇ ମହାରଣାସାହିର ବାସିନ୍ଦା ମାନେ ଅଭିଯୋଗ କରିଥିଲେ। ମାଣିତ୍ରୀ ଗ୍ରାମପଞ୍ଚାୟତ ୫ ୱାର୍ଡରେ ରାସ୍ତା, ପାଣି, ବିଦ୍ୟୁତ, ଶିକ୍ଷା ଓ ଜଳନିଷ୍କାସନ ସମସ୍ୟା ନେଇ ଅଧିବାସୀମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ସୁରେଶ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଆବେଦନକାରୀଙ୍କ ପ୍ରକଳ୍ପ ତାଲିକାଭୁକ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖଇରା,୨୫।୮ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବାତ୍ୟା ଦାନା ପରବର୍ତ୍ତୀ କ୍ଷୟକ୍ଷତି ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତି ସଭ୍ୟ ବାସନ୍ତୀ ମହାନ୍ତି ଓ ଅନ୍ୟକିଛି ପଞ୍ଚାୟତର ଲୋକପ୍ରତିନିଧି ଉଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ। ଉଚ୍ଚ ଅଦାଲତ ଏହି ମାମଲା (ଡବ୍ଲ୍ୟୁପି(ସି) ନଂ ୧୪୭୦୦ଅଫ ୨୦୨୫)ର ବିଚାର କରି ଅଗଷ୍ଟ ୨୧ରେ ରାୟ ପ୍ରଦାନ କରିଛନ୍ତି। ବିଚାରପତି ଆର କେ ପଟ୍ଟନାୟକ ତାଙ୍କ ରାୟରେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ ବିଚାରକୁ ନେଇ ରିଲିଫ, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରକଳ୍ପ ତାଲିକା ପୁନର୍ବାର ପ୍ରସ୍ତୁତ କରି ଆବେଦନକାରୀଙ୍କ ବାଦ ଦିଆଯାଇଥିବା ପ୍ରକଳ୍ପ ଗୁଡିକୁ ସାମିଲ କରିବାକୁ ଉଲ୍ଲେଖ କରିଛନ୍ତି। ରାୟ ପ୍ରକାଶ ପାଇବାର ୩ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାୟ ପ୍ରକାଶ ପରେ ବିରୋଧୀ ବିଜେଡି ସମର୍ଥିତ ଲୋକପ୍ରତିନିଧି ମାନେ ଉତଫୁଲ୍ଲିତ ହୋଇ ପଡିଛନ୍ତି।

## ବ୍ଲକ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ସୋର, ୨୫।୮ (ସମିସ): ସୋର ବ୍ଲକ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଜଣେ ବ୍ୟକ୍ତି କାର୍ଯ୍ୟାଳୟ ମଧ୍ୟରେ ଅସଦାଚରଣ ଏବଂ ଆଶାଳୀନ ବ୍ୟବହାର କରିଥିବା ନେଇ କର୍ମଚାରୀ ଜଣଙ୍କ ସୋର ଥାନାରେ ଅଭିଯୋଗ କରିଛନ୍ତି। ସୋର ବ୍ଲକର ଖାଦ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର ଟିକିଲି ଶଙ୍ଖୁଆ ଆଜି ମଧ୍ୟାହ୍ନରେ କାର୍ଯ୍ୟାଳୟରେ କାମ କରୁଥିଲେ। ଏହି ସମୟରେ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ରବୀନ୍ଦ୍ର ବେହେରା କାର୍ଯ୍ୟାଳୟରେ ପଶି ତାଙ୍କୁ ଅସଦାଚରଣ କରିବା ସହିତ ଠେଲାପେଲା କରିଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ବାବଦରେ ଶ୍ରୀମତୀ ଶଙ୍ଖୁଆ ସୋର ବିଡ଼ିଓ ସତ୍ୟନାଥ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ବିଡ଼ିଓ ଶ୍ରୀ ନାୟକ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ବ୍ଲକରେ ପହଞ୍ଚି ତଦନ୍ତ କରି ଫେରିଛି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୈଠକ




ନୀଳଗିରି, ୨୫।୮ (ସମିସ): ନୀଳଗିରି ସହର ବାଇପାସ ଛକ ନିକଟସ୍ଥ ବନମାଳୀ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରିର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଦଳର ବରିଷ୍ଠନେତା ସୀତାରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲାସଭାପତି ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ ମାଞ୍ଚାସିନ ରହି ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଦକ୍ଷିଣ ନରସିଂହପୁର ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ମହିଳା ଶାଖା ସମ୍ପାଦିକା ଗାୟତ୍ରୀ ପଣ୍ଡାଙ୍କ ସମେତ ବିକ୍ରମ ମିଶ୍ର, ନଟବର ନାୟକ, ନିରଞ୍ଜନ ଜେନା, ବାସନ୍ତୀ ନାୟକ ପ୍ରମୁଖ ଜୋନ କମିଟି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଇକୋ ସେନସିଟିଭ ଜୋନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ନେଇ ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ଉପଖଣ୍ଡର ପ୍ରତ୍ୟେକ ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ବିରୁଦ୍ଧରେ ଉତ୍କଳ ମହିଳା ସମିତି ନେତ୍ରୀ ଗାୟତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାନେଇ ପ୍ରସ୍ତାବ ଆଗତ ହୋଇଛି।

# ୧୩୬ ବର୍ଷର ସରକାରୀ ବିଦ୍ୟାଳୟର ବିକାଶ ଦାବି

ଜଳେଶ୍ୱର,୨୫।୮ (ସମିସ)




**ଗଣ ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ**

ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ଅଲାଲପୁର ୧୬ ନମ୍ବର୍ ୱାର୍ଡ ସ୍ଥିତ ୧୩୬ ବର୍ଷ ସର୍ବ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଜରୁରୀ ହୋଇ ପଡ଼ିଛି। ଇଂରେଜ ଶାସନ କାଳରେ ଗଢି ଉଠିଥିବା ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ଉକ୍ତ ଶିକ୍ଷାନୁଷ୍ଠାନ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ଐତିହ୍ୟ ବିଦ୍ୟାଳୟ ହୋଇଥିଲେ ମଧ ଶିକ୍ଷା ବିଭାଗ ଓ ପ୍ରଶାସନର କୃପା ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ହୋଇଛି। ୧୮୮୮ ମସିହାରେ ସ୍ଥାପନ ହୋଇଥିବା ଉକ୍ତ ବିଦ୍ୟାଳୟକୁ ଚକବିଷ୍ଣୁ, ଭାଦା, ଚୂଡ଼ାମଣୀପୁର, ଚକବାବନ, ନିମପୁର, ମଣିପାଟଣା, ନହଞ୍ଜରା, ବାଣିଦା, ମହୁତି ନଗର, ଆରୁହା, ଧାରାଷ୍ଟକ ଗ୍ରାମର ଛାତ୍ରଛାତ୍ରୀମାନେ ପଢ଼ିବାକୁ ଆସିଥାନ୍ତି। ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିଲେ ମଧ ପରବର୍ତ୍ତୀ ଶିକ୍ଷା ଗ୍ରହଣ ପାଇଁ ଅଡୁଆ ବଢୁଛି। ଅନୁଷ୍ଠାନରେ ୩୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏଠାରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ରହିଛି। କାରଣ ୪ କିମି ପରିଧି ମଧ୍ୟରେ କୌଣସି ଉଚ୍ଚ ବିଦ୍ୟାଳୟ ନାହିଁ। ବିଦ୍ୟାଳୟ ଶିକ୍ଷାର୍ଥୀ ସଂଖ୍ୟା ଅନୁସାରେ ଶ୍ରେଣୀ ଗୃହ ଆବଶ୍ୟକ ହୋଇ ମଧ ପଡିଛି। ମାତ୍ର ୬ଟି କୋଠରୀରେ ଶିକ୍ଷାଦାନ ହେଉଥିବା ବେଳେ ଆଉ ୪ଟି ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ବିଦ୍ୟାଳୟର ପାଚେରୀ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ଉକ୍ତ ପୁରାତନ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ବିକାଶ ଓ ସମ୍ପ୍ରସାରଣ କରିବାର ଜରୁରୀ ହୋଇପଡ଼ିଛି। ନିକଟ ଅଞ୍ଚଳରେ ନବମ ଓ ଦଶମ ଶିକ୍ଷା ଗ୍ରହଣ ଲାଗି ବ୍ୟବସ୍ଥା ନ ଥିବାରୁ ବହୁ ଛାତ୍ରଛାତ୍ରୀ ଅଷ୍ଟମରୁ ପାଠ ଛାଡିବାକୁ ବାଧ ହେଉଛନ୍ତି। ଅନୁଷ୍ଠାନର ଛାତ୍ରୀ ଛାତ୍ରୀ ସଂଖ୍ୟା ଅନୁସାରେ ବିଦ୍ୟାଳୟରେ ନବମ ଦଶମ ଶ୍ରେଣୀ ଖୋଲିବା ପାଇଁ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ପ୍ରମୁଖ ଅଣ୍ଟା ଭିଡିଛନ୍ତି। ଏ ସମ୍ପର୍କରେ ଏକ ପ୍ରତିନିଧି ମଣ୍ଡଳୀ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ପରିଚାଳନା କମିଟି ସଭାପତି ଗିରିଜା ଶଙ୍କର କର, କାଉନସିଲର ଲକ୍ଷ୍ମଣ ସୋରେନ୍, ରାଜେଶ କୁମାର ଦେ, କୌଶିକ ମହାନ୍ତି, ସୁଶାନ୍ତ ସିଂ, ଗୋବିନ୍ଦ ମହାନ୍ତି, ସିଲୁ ଦାସ, ଶମ୍ଭୁ ରଣା, ଈଶ୍ୱର ପ୍ରଧାନ, ସୁଜିତ୍ ଦେ, ସୁନୀଲ ପଟନାୟକ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତି ଉତ୍ତରରେ ମନ୍ତ୍ରୀ ଉକ୍ତ ଦାବିପତ୍ରକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୩୦୩- ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଚିତୋରଗଡ଼ ଦୁର୍ଗ ଦଖଲ କଲେ।
- ୧୯୨୦- ଆମେରିକାରେ ମହିଳାମାନଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୮୨- ନାସା ଟେଲିସେଟ୍ ଏଫ୍‌ର ପ୍ରକ୍ଷେପଣ କଲା।
- ୨୦୧୨- ହିନ୍ଦୀ ଫିଲ୍ମ ଅଭିନେତା ଏ.କେ ହଙ୍ଗଲଙ୍କ ପରଲୋକ।
- ୨୦୧୫- ଆମେରିକାର ଭର୍ଜିନିଆରେ ଦୁଇଜଣ ସାମ୍ବାଦିକଙ୍କୁ ଗୁଳିକରି ହତ୍ୟା।



## ମହିଳା ସମାନତା ଦିବସ

ନାରୀ ସୃଷ୍ଟି ସଂରଚନାର ସ୍ରଷ୍ଟା। ନାରୀ ବିନା ସଂସାରର ପରିକଳ୍ପନା ଅସମ୍ଭବ । ଦୟା, କ୍ଷମା, ପ୍ରେମ ଓ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ ନାରୀ । ମାଟିରୁ ଆକାଶ ସବୁଠି ନାରୀର ଛାପ । ଘରର ଚାରି କାନ୍ଥରୁ ବାହାରି ସମାଜରେ ସେ ତା'ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ହେଲେ ଆମ ସମାଜରେ ପୁରୁଷମାନଙ୍କୁ ସବୁବେଳେ ଅଧିକ ପ୍ରାଧାନ୍ୟ ଦିଆଯାଇ ଆସୁଛି। ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଦାବିରେ ପ୍ରତିବର୍ଷ ୨୬ ଅଗଷ୍ଟକୁ 'ମହିଳା ସମାନତା ଦିବସ' ଭାବରେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ମହିଳାଙ୍କ ସ୍ଥିତିକୁ ମଜଭୁତ କରିବା ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ପରି ସେମାନଙ୍କୁ ସମାନ ଅଧିକାର ତଥା ସମ୍ମାନ ପ୍ରଦାନ କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ମହିଳା ସମାନତା ଦିବସ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଅବସରରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଯାଏ। ଏହି ଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ୧୯୨୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଊନବିଂଶତମ ସଂଶୋଧନ କରି ମହିଳାଙ୍କୁ ମତଦାନର ଅଧିକାର ପ୍ରଦାନ କରାଯାଇଥିଲା। ଏଥି ସହିତ ନାରୀ ଅଧିକାର ଓ ଲିଙ୍ଗଗତ ସମାନତାର ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଥିଲା। ଏହି ଘଟଣାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକାରେ ସମାନତା ସମର୍ଥନରେ ଏକ ଜାତୀୟ ବନ୍ଦ ପାଳନ କରାଯାଇଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ୧୯୭୩ରେ ଆମେରିକାରେ ପ୍ରଥମ ମହିଳା ସମାନତା ଦିବସ ପାଳିତ ହୋଇଥିଲା। ମହିଳାମାନେ କାର୍ଯ୍ୟକ୍ଷେତ୍ର, ଶିକ୍ଷାନୁଷ୍ଠାନ, ରାଜନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଉତ୍‌ଥାପନ କରିବା ଲାଗି ଏହି ଦିବସ ଏକ ଉତ୍କୃଷ୍ଟ ଅବସର। ଏହି ଦିନ ଆମେରିକା ସମେତ ସମଗ୍ର ବିଶ୍ୱରେ ମହିଳା ଅଧିକାରକୁ ନେଇ ଆଲୋଚନା କରାଯାଏ। ବିଭିନ୍ନ ସ୍ଥାନରେ ସଭା-ସମିତି ଏବଂ ସେମିନାରର ଆୟୋଜନ କରାଯାଏ। ମହିଳା ସଂଗଠନଗୁଡ଼ିକ ଜନସମାଜରେ ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଚଳାନ୍ତି।

## 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ





ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରୁ ଆରମ୍ଭ ହୋଇଛି। ଏହି ଫିଲ୍ମ ୨୦୨୦ରେ ଗଲୱାନ୍ ଘାଟିରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଇତିମଧ୍ୟରେ ସୁଟିଂ ସେଟ୍‌ର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାଇରାଲ ହୋଇଥିବା ଫଟୋରେ ସଲମାନ୍ ନୀଳ ରଙ୍ଗର ସାର୍ଟ ସହ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାର ଦେଖାଯାଇଛନ୍ତି। ଅବଶ୍ୟ ତାଙ୍କ ଚେହେରା ଦେଖାଯାଉ ନାହିଁ। ଏହି ଫଟୋ ସାମ୍ନାକୁ ଆସିବା ପରେ ସଲମାନ୍‌ଙ୍କ ପ୍ରଶଂସକମାନଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ସେପ୍ଟେମ୍ବର ୩ ଯାଏଁ ଲଦାଖରେ ସୁଟିଂ ହେବ ବୋଲି ଜଣାପଡ଼ିଛି। ସଲମାନ୍ ଏଥିରେ କର୍ଣ୍ଣେଲ ବି. ସନ୍ତୋଷ ବାବୁ ଭୂମିକାରେ ଦେଖାଯିବେ। ଅପୂର୍ବ ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସଲମାନ୍‌ଙ୍କ ସହ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ହର୍ଷିଲ ଶାହ ପ୍ରମୁଖ ନଜର ଆସିବେ। ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ନଜର ଆସିଥିଲେ।

## ରୋଲ୍ସ ରୟସ୍ ରଙ୍ଗରେ ପଗଡ଼ି


ବ୍ରିଟେନରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରୁବେନ ସିଂହ ୧୫ଟି ରୋଲ୍ସ ରୟସ୍ କାର୍ ସହିତ ଅନେକ ଦାମୀ ସୁପର୍‌କାର୍‌ର ମାଲିକ। ୧୯୭୦ ମସିହାରେ ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍ ଆସିଥିଲେ। ତେବେ ତାଙ୍କର ବିଶେଷତ୍ୱ ହେଉଛି, ସେ ତାଙ୍କ ରୋଲ୍ସ ରୟସ୍ କାର୍‌ର ରଙ୍ଗ ଅନୁସାରେ, ପ୍ରତିଦିନ ପଗଡ଼ି ପିନ୍ଧିଥାନ୍ତି। ସରଳ ଭାଷାରେ କହିଲେ, ଯେଉଁ ରଙ୍ଗର ରୋଲ୍ସ ରୟସ୍ ସେ ଚଲାନ୍ତି, ସେହି ରଙ୍ଗର ପଗଡ଼ି ପିନ୍ଧିଥାନ୍ତି। ରୁବେନ 'ବ୍ରିଟିଶ ବିଲ ଗେଟ୍ସ' ନାମକ କମ୍ପାନିର ପ୍ରତିଷ୍ଠାତା। ସେ ବିଦେଶରେ ନିଜର ବ୍ୟବସାୟିକ ସାମ୍ରାଜ୍ୟକୁ



ଠିଆ କରି ସଫଳ ହୋଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ଫଟୋ ସେୟାର୍ କରିବା ପରେ ଚର୍ଚ୍ଚାକୁ ଆସିଥିଲେ। ଏଥିରେ ସେ ସାତ ଦିନ ଅଲଗା ଅଲଗା ରଙ୍ଗର ପଗଡ଼ି ସହିତ ମ୍ୟାଚିଂ ରୋଲ୍ସ ରୟସ୍‌ର ଫଟୋ ସେୟାର୍ କରିଥିଲେ। ତାଙ୍କର ଏହି ନିଆରା ଷ୍ଟାଇଲ ହିଁ ତାଙ୍କୁ ଚର୍ଚ୍ଚାକୁ ନେଇ ଆସିଥିଲା। ରୁବେନଙ୍କ ପାଇଁ ପଗଡ଼ି ପିନ୍ଧିବା କେବଳ ଏକ ପରମ୍ପରା ନୁହେଁ, ବରଂ ଶକ୍ତି, ଗର୍ବ ଏବଂ ବ୍ୟକ୍ତିତ୍ୱର ପ୍ରତୀକ ବୋଲି ସେ କହନ୍ତି।



## ଛେଳି ମଡ଼କ



**ଆମ ରାଜ୍ୟରେ ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ଆର୍ଥିକ ଦୃଷ୍ଟି କୋଣରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଛେଳି ପାଳନ ଏକ ଭଲ ବ୍ୟବସାୟ। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଚରେଇଲେ ଛେଳିଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ମୃତ୍ୟୁର କାରଣ ପାଲଟିଯାଏ। ନିକଟରେ ଆମ ରାଜ୍ୟର କିଛି ସ୍ଥାନରେ ଅଚାନକ ଏକାଧିକ ଛେଳିଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଏହାକୁ ଛେଳି ମଡ଼କ କୁହାଯାଉଛି। ଏହି ଅଜଣା ରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଚରାବୁଲା କରିବା ଦ୍ୱାରା ଛେଳିମାନଙ୍କ ଶରୀରରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଅନ୍ୟପଟେ ବର୍ଷା ପାଣିରେ ଛେଳି ଲଗାତାର ଓଦା ହେବା ଦ୍ୱାରା ସେମାନଙ୍କୁ ଥଣ୍ଡା ଜ୍ୱର ହୋଇଥାଏ। ହଠାତ୍ ଜ୍ୱର ଆସିଥାଏ। ଛେଳି ଖାଇବା ପିଇବା କମାଇ ଦିଅନ୍ତି। ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଦୁର୍ବଳ ହୋଇଥାନ୍ତି। ଶେଷରେ ଛେଳିଙ୍କର ମୃତ୍ୟୁ ହୁଏ। ପ୍ରାୟତଃ ସବୁ ବୟସର ଛେଳିଙ୍କ କ୍ଷେତ୍ରରେ ଏହା ଘଟିଥାଏ। ତେଣୁ ଏହା ପ୍ରତି ଛେଳିପାଳକଙ୍କୁ ବିଶେଷ ଧ୍ୟାନ ଦେବା ଦରକାର।

ଏହାର ପ୍ରତିକାର ସ୍ୱରୂପ ବର୍ଷା ଦିନ ପୂର୍ବରୁ ଛେଳିଙ୍କୁ କୃମି ଔଷଧ ଓ ଟିକାକରଣ ଜରୁରି। ଭିଟାମିନ୍ ଓ ମିନେରାଲ ଦେଇ ଛେଳିଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ପାରିବେ। ବର୍ଷାଦିନେ କାଦୁଅ, ମାଟି ଲାଗିଥିବା ଘାସ ଜମିକୁ ଛେଳିଙ୍କୁ ଚରିବାକୁ ଛାଡିବା ଅନୁଚିତ। ଏଥିପାଇଁ ଘରେ ଘାସ କିମ୍ବା ଡାଳପତ୍ର କାଟି ଆଣି ଦେଇ ପାରିବେ। ଘରେ ଥିବା ଜିନିଷକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଦାନା ପ୍ରସ୍ତୁତ କରିପାରିବେ। ବିଶେଷ ଯତ୍ନ ନେବା ଦ୍ୱାରା ଛେଳି ମଡ଼କ ଆଶଙ୍କା ହ୍ରାସ ପାଏ।

## ଆର୍ଦ୍ରତା ମାପି ଜଳ ଯୋଗାଇବ ଉପକରଣ

ଫସଲରେ ନିର୍ଦ୍ଦିଷ୍ଟ ସମୟରେ ଉଚିତ ମାତ୍ରା ଜଳ ସିଞ୍ଚନ କରିବା ଆହ୍ୱାନ ପୂର୍ଣ୍ଣ । ଏନେଇ କେରଳ, ଏସଏନ୍‌ଜିଆଇଟିଏସ୍‌ର ବିଟେକ୍ (ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍)ର ବିଦ୍ୟାର୍ଥୀ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଏହା ମାଟିର ଆର୍ଦ୍ରତାସ୍ତରକୁ ମାପି ସଠିକ୍ ସମୟରେ କେଉଁ ଗଛକୁ କେତେ ପାଣି ଦିଆଯିବ ବତାଇବ। ଏହା ଦ୍ୱାରା ଜମିରେ ୩୦% ପାଣି ସଞ୍ଚୟ କରିପାରିବ। ଏହି ପ୍ରୋଜେକ୍ଟର ମେଣ୍ଟର ଏବଂ କଲେଜ୍ ପ୍ରଫେସର ଡା. ସୁଭିତା ଶର୍ମାଙ୍କ କହିବାନୁସାରେ, ବର୍ତ୍ତମାନ ଜଳସଙ୍କଟ ବଢୁଥିବାବେଳେ ଏହି ଉପକରଣଟି ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ଏହାକୁ ଭାରତୀୟ କୃଷି ପ୍ରଣାଳୀକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏଥିରେ ଲାଗିଥିବା ସେନ୍ସର ଲଗାତାର ମାଟିର ଆର୍ଦ୍ରତାକୁ ମାପିଥାଏ। ମାଟିର ଆର୍ଦ୍ରତା କମ୍ ଥିଲେ କମ୍ପ୍ୟୁଟର କିମ୍ବା ମୋବାଇଲ ଆପ୍‌କୁ ସୂଚନା ପଠାଇଥାଏ। ଉପକରଣ ବନାଇବାରେ ଆଇଓଟି (ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ) କୌଶଳ ବ୍ୟବହାର କରାଯାଇଛି। ଏଥିରେ ମାଇକ୍ରୋକଣ୍ଟ୍ରୋଲର, ସେନ୍ସର, ୱାଇଫାଇ ମଡ୍ୟୁଲ ଏବଂ କୋଡିଂ ସାହାଯ୍ୟରେ ବନାଯାଇଥିବାରୁ ଏହା ସ୍ୱୟଂଚାଳିତ ଭାବେ କାମ କରିଥାଏ। ଏହି ଉପକରଣଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ବ୍ୟବହାର କରିପାରିବେ। ଏହାର ମୂଲ୍ୟ ବହୁତ କମ୍। ଏହାକୁ ସ୍ମାର୍ଟଫୋନ୍‌ରେ ସଂଯୋଗ କରାଯାଇପାରିବ। ତେବେ ସରକାର ଏବଂ କୃଷି ସଂସ୍ଥାନଙ୍କ ସହଯୋଗ ମିଳିଲେ ଦେଶର ବହୁ ଚାଷୀ ଲାଭାନ୍ୱିତ ହୋଇପାରିବେ। ଏହା କେବଳ ଫସଲ ବୃଦ୍ଧି କରିବ ତାହା ନୁହେଁ, ଜଳ ଅପଚୟ ରୋକିବ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକର ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ।
- ଶସ୍ୟଜାତୀୟ ଫସଲ ମକା, ଚିନାବାଦାମ ଓ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଝୋଟ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ, ଏହା ଫାଇବର ତନ୍ତୁର ଗୁଣ ଉପରେ ପ୍ରଭାବ ପକାଇଥାଏ।
- ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳ ପଚା ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ ୨ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତିଲିଟର ପାଣିରେ ୩ଗ୍ରାମ ସି.ଓ.ସି ମିଶାଇ ସିଞ୍ଚନ କରନ୍ତୁ।
- ଚିଆଁମାନଙ୍କ ପାଇଁ ବ୍ୟବହୃତ ଚଷୁ ବା ନଡ଼ାକୁ ଓଦା ନ କରି ଶୁଖିଲା ରଖନ୍ତୁ। କୁକୁଡ଼ା ଦାନାରେ ଯେମିତି ବର୍ଷା ପାଣି ନ ପଡ଼େ ସେଥିପାଇଁ ଧ୍ୟାନ ଦେବା ଉଚିତ।

## ଫୁଲର ଗାଁ



**ପୂଜା ପର୍ବ, ବିବାହ ବ୍ରତ ଆଦି ସବୁଠି ଫୁଲର ଆଦର ରହିଛି। ଫୁଲ ଚାଷରେ ଲାଭ ଅଧିକ । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ' ରହିଛି ଯେଉଁଠି ୯୦% ଚାଷୀ ଫୁଲ ଚାଷ ଉପରେ ନିର୍ଭରଶୀଳ। ଝାରଖଣ୍ଡ, ଦେଓଘର, ମୋହନପୁର ଅନ୍ତର୍ଗତ ମଲହରା ଗାଁ। ଏହି ଗାଁ'ଟି 'ଫୁଲ ଗାଁ' ଭାବେ ପରିଚିତ। ଏଠାରେ ସମସ୍ତେ ଗେଣ୍ଡୁଫୁଲ, ମନ୍ଦାରଫୁଲ, ଟଗର, ଜର୍‌ବେରା ଆଦି ଫୁଲଚାଷରୁ ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**

ଦେଓଘର ଜିଲ୍ଲା ମୁଖ୍ୟାଳୟରୁ ଏହି ଗାଁ'ଟି ମାତ୍ର ୭ କିମି ଦୂରରେ ଅବସ୍ଥିତ। ଗାଁ'ର ଜନସଂଖ୍ୟା ପାଖାପାଖି ୩,୦୦୦। ବାବା ବୈଦନାଥ ଓ ବାସୁକିଧାମ ଧାମର ପୂଜା ପାଇଁ ଫୁଲର ଗୁରୁତ୍ୱ ଅଧିକ ଥାଏ। ତେଣୁ ଏ ଦୃଷ୍ଟିରୁ ଏହି ଗାଁ'ର ପିଢ଼ି ପରେ ପିଢ଼ି ଗେଣ୍ଡୁ, ମନ୍ଦାର ଆଦି ଫୁଲ ଚାଷ କରି ଆସୁଛନ୍ତି। ଚାଷ ପାଇଁ ସ୍ଥାନୀୟ ଚାଷୀ କୋଲକାତାରୁ ଗେଣ୍ଡୁ ମଞ୍ଜି ମଗାନ୍ତି। ଏହାର ଦରଦାମ ଅଧିକ। ଏକ ଏକର ଜମିରେ ଫୁଲ ଚାଷ ପାଇଁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୁଏ। ଉପଯୁକ୍ତ ମାଟି ପରିଚାଳନା କରି ଗଛର ଯତ୍ନ ନେବା ଦ୍ୱାରା ଫୁଲ ପରିମାଣ ଅଧିକ ହୁଏ। ଅମଳ ଫୁଲକୁ ସ୍ଥାନୀୟ ଲୋକ ଦେଓଘର ବଜାର, ମନ୍ଦିର ଏବଂ ବିଶେଷ ରୂପେ ବାବା ମନ୍ଦିର ଏବଂ ବାସୁକିନାଥ ଧାମରେ ବିକ୍ରି କରିଥାନ୍ତି। ବର୍ଷସାରା ଗେଣ୍ଡୁ ଓ ମନ୍ଦାର ଫୁଲର ଚାହିଦା ଥିବାବେଳେ, ବିବାହ ଋତୁରେ ଗ୍ଲାଡିଓଲସ୍ ଓ ଜରବେରାର ଚାହିଦା ଅଧିକ ରୁହେ। ସେହିପରି ଶ୍ରାବଣମାସରେ ଦେଶ ବିଦେଶରୁ ଶ୍ରଦ୍ଧାଳୁ ବାବା ବୈଦନାଥଙ୍କ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। ଏହି ସମୟେ ଫୁଲର ଚାହିଦା ଏତେ ବଢ଼ିଯାଏ ଯେ, ଯୋଗାଇବାକୁ ସମସ୍ୟା ହୁଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଯଦି ସରକାର ମଞ୍ଜି, କୌଶଳ, ବଜାର ପାଇଁ ସୁବିଧା କରାଇବା ସହିତ ଚାଷ ପାଇଁ କିଛି ସହାୟତା କଲେ, ସେମାନେ ଆଗକୁ ବଢ଼ି ପାରିବେ। ଅଧିକ ମାତ୍ରାର ଫୁଲ ଚାଷ କରି ପାରନ୍ତେ ବୋଲି କୁହନ୍ତି।


## ବୋତଲରେ ଟମାଟୋ ଚାଷ



ପ୍ଲାଷ୍ଟିକ୍ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ଏକ ବଡ଼ ସମସ୍ୟା ହୋଇଛି। ତେଣୁ ଦୈନନ୍ଦିନ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲକୁ ଏଣେ ତେଣେ ନ ଫିଙ୍ଗି ଏଥିରେ ଟମାଟୋ ଚାଷ କରିପାରିବେ। ଟମାଟୋ କୁଣ୍ଡ କିମ୍ବା ଗ୍ରୋ ବ୍ୟାଗ୍‌ରେ ସହଜରେ ବଢ଼ିଥାଏ। ହେଲେ ପ୍ଲାଷ୍ଟିକ୍ ବୋତଲକୁ ସମାନ୍ତରାଳରେ କାଟି ଦେଲେ ବୋତଲର ତଳ ପାର୍ଶ୍ୱ କୁଣ୍ଡ ପରି କାମ କରିଥାଏ। ଏଥିପାଇଁ ବୋତଲର ତଳପାର୍ଶ୍ୱକୁ ଛୋଟ ଛୋଟ କଣା କରି ସେଥିରେ ଖତ ମିଶା ମାଟି ଭର୍ତ୍ତି କରି ଦିଅନ୍ତୁ। ସେଥିରେ ଟମାଟୋ ଚାରା ଲଗାଇ ପ୍ରତିଦିନ ହାଲୁକା ପାଣି ସିଞ୍ଚନ ଦ୍ୱାରା ମାଟି ଆର୍ଦ୍ରତା ଠିକ୍ ରୁହେ। ଉକ୍ତ ବୋତଲକୁ ୫ରୁ ୬ ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିପାରିବେ। ୧୫ ଦିନ ଅନ୍ତରରେ ତରଳ ଜୈବିକ ସାର ଦେବା ଗଛ ବଢ଼ିଥାଏ। ଗଛକୁ ରଶିରେ ବାନ୍ଧି ସାହାରା ଦେଲେ ଫୁଲ ଓ ଫଳ ଧରିବାରେ ସହଜ ହୋଇଥାଏ।

# ଛେତ୍ରୀଙ୍କ ବିନା ନେସନ୍ସ କପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଗାମୀ ସେଣ୍ଟ୍ରାଲ ଏସିଆନ ଫୁଟବଲ୍ ଆସୋସିଏସନ (କାଫା) ନେସନ୍ସ କପ୍ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲ ଘୋଷଣା କରିଥିବା



୨୩ ଜଣିଆ ଜାତୀୟ ସିନିଅର ଫୁଟବଲ୍ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ। ପୂର୍ବରୁ ଜମିଲ ଘୋଷଣା କରିଥିବା ସମ୍ଭାବ୍ୟ ଦଳରେ ମଧ୍ୟ ଛେତ୍ରୀଙ୍କୁ ନିଆଯାଇ ନ ଥିଲା। ଛେତ୍ରୀଙ୍କୁ ବାଦ୍ ଦିଆଯିବାକୁ ନେଇ ଜମିଲ କହିଛନ୍ତି, 'ଆଗାମୀ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ନେସନ୍ସ କପ୍ ଏକ ପ୍ରସ୍ତୁତି ସଦୃଶ ଟୁର୍ଣ୍ଣାମେଣ୍ଟ। ତେଣୁ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଅକ୍ଟୋବର ୯ ଓ ୧୪ରେ ସିଙ୍ଗାପୁର ବିପକ୍ଷରେ ଖେଳାଯିବାକୁ ଥିବା ମୁକାବିଲାରେ ଛେତ୍ରୀଙ୍କୁ ନିଶ୍ଚିତ ଖେଳାଯିବ।' ପ୍ରକାଶଯୋଗ୍ୟ, ଭାରତୀୟ ସିନିଅର ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହେବାପରେ ନେସନ୍ସ କପ୍ ଜମିଲଙ୍କ ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ନେସନ୍ସ କପ୍ ଏଥର ଅଗଷ୍ଟ ୨୯ରୁ ତାଜିକସ୍ତାନ ଓ ଉଜବେକିସ୍ତାନରେ ମିଳିତ ଭାବେ ଆୟୋଜିତ ହେବ। ଭାରତ ଗ୍ରୁପ୍-ବି'ରେ ଆୟୋଜକ ତାଜିକସ୍ତାନ, ଆଫଗାନିସ୍ତାନ ଓ ଇରାନ ସହ ସ୍ଥାନ ପାଇଛି। ଭାରତ ଅଗଷ୍ଟ ୨୯ରେ ତାଜିକସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ସାନାଙ୍କୁ ପାକିସ୍ତାନ ବିଶ୍ୱକପ୍ ଦଳର ନେତୃତ୍ୱ

କରାଚି, ୨୫।୮ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଆଗାମୀ ୧୩ତମ ସଂସ୍କରଣ ଲାଗି ସୋମବାର ପାକିସ୍ତାନ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଫାତିମା ସାନାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସାନା ବିଶ୍ୱକପ୍‌ର ଗତ ସଂସ୍କରଣ ଖେଳିଥିବାବେଳେ ଏଥର ନେତୃତ୍ୱ ଭାର ପାଇଛନ୍ତି। ଦଳର ୬ଜଣ ଖେଳାଳି ନାତାଲିଆ ପରଭେଜ, ରମୀନ ଶାମିମ, ସଦାଫ ଶମାସ୍, ସାଦିଆ ଇକବାଲ, ଶୱାଲ ଜୁଲଫିକର ଓ ସଇଦ ଆରୁବ ଶାହଙ୍କ ଏହା ପ୍ରଥମ ବିଶ୍ୱକପ୍ ହେବ। ମହିଳା ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଭାରତରେ ଆୟୋଜିତ ହେବ। ପାକିସ୍ତାନ କିନ୍ତୁ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଯଦି ପାକିସ୍ତାନ ସେମିଫାଇନାଲ ଓ ଫାଇନାଲକୁ ପ୍ରବେଶ କରେ ତେବେ ମଧ୍ୟ ଏହି ମ୍ୟାଚ୍ ଗୁଡିକ କଲମ୍ବୋରେ ଖେଳାଯିବ।



ୟୁଏସ୍ ଓପନ୍ ଆରମ୍ଭରୁ ବିପର୍ଯ୍ୟୟ


# ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମେଦଭେଦେଭ୍



ନ୍ୟୁୟର୍କ, ୨୫।୮ (ଏଜେନ୍ସି)

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍‌ଓପନ୍‌ର ୧୪୫ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦୨୧ ଚାମ୍ପିଅନ ରୁଷିଆର ଡାନିଲ ମେଦଭେଦେଭ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ମେଦଭେଦେଭ ୩-୬, ୫-୭, ୭-୬(୫), ୬-୦, ୪-୬ ସେଟ୍‌ରେ ଫ୍ରାନ୍ସର ଅଣସିଡେଡ୍ ଖେଳାଳି ବେଞ୍ଜାମିନ ବୋନଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ତେବେ ଏହି ମ୍ୟାଚ ଅବସରରେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିକୁ ବିରୋଧ କରି ୨୯ ବର୍ଷୀୟ ମେଦଭେଦେଭ ଚେୟାରରେ ବସି କିଛି ସମୟ ପ୍ରତିବାଦ କରିଥିଲେ। ଯାହାକି ପ୍ରଥମ ଦିବସର ସବୁଠୁ ଚର୍ଚ୍ଚିତ ବିଷୟ ଥିଲା। ତୃତୀୟ ସେଟ୍ ମଝିରେ ଜଣେ ଫଟୋଗ୍ରାଫରଙ୍କ ଲାଗି ଖେଳରେ ବାଧା ପହଞ୍ଚିଥିଲା। ଯେଉଁଥି ପାଇଁ ଅମ୍ପାୟର ବେଞ୍ଜାମିନଙ୍କୁ ପୁଣିଥରେ ଆରମ୍ଭରୁ ସର୍ଭ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି ନିଷ୍ପତ୍ତିକୁ ଡାନିଲ ବିରୋଧ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ବେନ୍ ସେଲଟନ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଥିବା ୭ମ ସିଡ୍ ଜୋକୋଭିଚ୍ ୬-୧, ୭-୬ (୭/୩), ୬-୨ ସେଟ୍‌ରେ ଆମେରିକାର ଲର୍ନର ତିଏନଙ୍କୁ ହରାଇଥିଲେ।

## ସାବାଲେଙ୍କା ଆଗେଇଲେ; ଇଲାଙ୍କ କୀର୍ତ୍ତିମାନ



ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଆରିନା ସାବାଲେଙ୍କା, ଇଟାଲୀର ଜସ୍ମିନ ପାଓଲିନ, ସୁଇଜରଲାଣ୍ଡର ବେଲିଣ୍ଡା ବେଙ୍କିକ, ଆମେରିକାର ଜେସିକା ପେଗୁଲା ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସାବାଲେଙ୍କା ୭-୫, ୬-୧ ସିଧାସଳଖ ସେଟ୍‌ରେ



ସୁଇଜରଲାଣ୍ଡର ରେବେକା ମାସାରୋଭାଙ୍କୁ ହରାଇଥିଲେ। ସେହିଭଳି ଫିଲିପାଇନ୍ସର ମହିଳା ଖେଳାଳି ଆଲେକ୍ସଜାଣ୍ଡ୍ରା ଇଲା ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଇଲା ୬-୩, ୨-୬, ୭-୬ (୧୩/୧୧) ସେଟ୍‌ରେ ୧୪ତମ ସିଡ୍ ଡେନମାର୍କର କ୍ଲାରା ଟୌସନଙ୍କୁ ପରାସ୍ତ କରିଛନ୍ତି। ଏଥିସହ ଓପନ ଏରାରେ ଇଲା ଫିଲିପାଇନ୍ସର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରେ ବିଜୟୀ ହେବାର ରେକର୍ଡ କରିଛନ୍ତି।

# ଡ୍ରିମ୍ସ ୧୧ ସହ ଜର୍ସି ଚୁକ୍ତି ବାତିଲ କଲା ବିସିସିଆଇ

ମୁମ୍ବଇ,୨୫।୮ (ଏଜେନ୍ସି): କେନ୍ଦ୍ରସରକାର ଆଣିଥିବା ଅନ୍‌ଲାଇନ୍ ଗେମିଂ ବିଲ-୨୦୨୫ର ପ୍ରଭାବ ପଡ଼ିଛି ଦେଶର ସର୍ବୋଚ୍ଚ ବିତ୍ତଶାଳୀ ସଂଗଠନ ବିସିସିଆଇ ଉପରେ। ସରକାର ଅନ୍‌ଲାଇନ୍ ଗେମ୍‌କୁ ନିଷିଦ୍ଧ

**୩ ବର୍ଷ ପାଇଁ ୩୫୮ କୋଟି ଟଙ୍କାର ରାଜିନାମା**

କରିବା ପରେ ଡ୍ରିମ୍ ୧୧ ସହ ହୋଇଥିବା ୩୫୮ କୋଟି ଟଙ୍କାର ଜର୍ସି ପ୍ରାୟୋଜକ ଚୁକ୍ତିକୁ ବାତିଲ କରିଛି ବିସିସିଆଇ। ଡ୍ରିମ୍ ୧୧ ଅନ୍‌ଲାଇନ୍ ଗେମ୍‌ରେ ଦେଶରେ ଖୁବ୍ ଲୋକପ୍ରିୟ ଥିଲା। ଏହା ବାତିଲ ହୋଇ ନ ଥିଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଏହି ରାଜିନାମା ବେଆଇନ୍ ଘୋଷିତ ହୋଇଥାନ୍ତା। ଡ୍ରିମ୍-



୧୧ ସହ ଚୁକ୍ତି ବାତିଲ କରିବା ପରେ ଏଭଳି ସଂଗଠନ ସହ ଭବିଷ୍ୟତରେ ବିସିସିଆଇ କୌଣସି ସମ୍ପର୍କ ରଖିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି। କିନ୍ତୁ ଡ୍ରିମ୍-୧୧ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ୨୦୨୩ରେ ଡ୍ରିମ୍‌୧୧ ୩ ବର୍ଷ ଲାଗି ଜର୍ସି ପ୍ରାୟୋଜକ ଚୁକ୍ତିରେ ସ୍ୱାକ୍ଷର କରିଥିଲା। କିନ୍ତୁ ନୂଆ ଆଇନ୍ ବଳରେ ଡ୍ରିମ୍‌୧୧କୁ ବିଦା କରିବା ଛଡ଼ା ବିସିସିଆଇ ନିକଟରେ ଆଉ କୌଣସି ଉପାୟ ନ ଥିଲା। ସେପ୍ଟେମ୍ବର ୯ରୁ ଦୁବାଇ ଓ ଆବୁଧାବିରେ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତକୁ ନୂଆ ଜର୍ସି ପ୍ରାୟୋଜକ ଖୋଜିବାକୁ ପଡ଼ିବ। ଡ୍ରିମ୍‌୧୧ର ଅବଧି ଶେଷ ହୋଇଆସୁଥିବାରୁ ଏହି ଚୁକ୍ତି ବାତିଲ ହେବା ଫଳରେ ବିସିସିଆଇର ବିଶେଷ କ୍ଷତି ହେବ ନାହିଁ ବୋଲି ଆଶା କରାଯାଉଛି।

# ୫୦୦ ୱିକେଟ୍ କ୍ଲବ୍‌ରେ ଶାକିବ



ଆଣ୍ଟିଗୁଆ, ୨୫।୮ (ଏଜେନ୍ସି): ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୫ମ ବୋଲର ଭାବେ ଶାକିବ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୫୦୦ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଚଳିତ କାରିବୀୟାନ ପ୍ରିମିଅର ଲିଗ୍ (ସିପିଏଲ୍) ରେ ଆଣ୍ଟିଗୁଆ ଫାଲ୍‌କନ ପକ୍ଷରୁ ଖେଳୁଥିବା ଶାକିବ ସେଣ୍ଟ୍ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ଦଳର ମହମ୍ମଦ ରିଜୱାନଙ୍କୁ ଆଉଟ୍ କରି ୫୦୦ତମ ୱିକେଟ୍ ପୂରଣ କରିଥିଲେ। ଶାକିବ ବର୍ତ୍ତମାନ ଓଭରଅଲ୍ ଟି-୨୦ରେ ୪୫୭ଟି ମ୍ୟାଚ୍ ଖେଳି ୬.୭୮ ଇକୋନୋମୀରେ ୫୦୨ଟି ୱିକେଟ୍ ନେଇଛନ୍ତି। ସେ ମୋଟ୍ ୯,୫୦୭ଟି ବଲ୍ ବୋଲିଂ କରିଛନ୍ତି। ଶାକିବଙ୍କ ପୂର୍ବରୁ ରଶିଦ ଖାନ (୬୬୦ ୱିକେଟ), ଡ୍ୱେନ ବ୍ରାଭୋ (୬୩୧), ସୁନିଲ ନାରାୟଣ (୫୯୦) ଓ ଇମ୍ରାନ ତାହିର (୫୫୪) ଏହି କ୍ଲବରେ ସାମିଲ ହୋଇସାରିଛନ୍ତି। ଶାକିବ ଆଇପିଏଲ୍ ସମେତ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଆଦିରେ ହେଉଥିବା ଲିଗ୍‌ରେ ବିଭିନ୍ନ ଦଳରୁ ଅଂଶଗ୍ରହଣ କରିଛନ୍ତି।

■ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

# ପ୍ରଥମ ରାଉଣ୍ଡରେ ହାରିଲେ ଲକ୍ଷ୍ୟ

ପ୍ୟାରିସ, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିଁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ତାରକା ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଲକ୍ଷ୍ୟ ୧୭-୨୧, ୧୯-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ସି ୟୁକ୍ବିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଦୁଇ ଓଡ଼ିଆ ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ସୋମବାର ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭାଙ୍କୁ ଭେଟିଛନ୍ତି। ଏହି ମ୍ୟାଚ୍ ଜାରି ରହିଛି।

# ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ଲାଗି ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,ବଲାଙ୍ଗିର,୨୫।୮ (ସମିସ): ଉତ୍ତରାଖଣ୍ଡର ହଲଦ୍ୱାନିଠାରେ ୨୦ତମ ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାରୁ ୩୦ଜଣ ଅସିଚାଳକ ମନୋନୀତ ହୋଇଛନ୍ତି। ବଲାଙ୍ଗୀର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜିଠାରୁ ୧୦ ଦିନ ଧରି ହେବାକୁ ଥିବା ଏହି ଶିବିର ଶେଷରେ ବାଳକ ଓ ବାଳିକା ବିଭାଗରେ ୧୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୂଡାନ୍ତ ଚୟନ କରାଯିବ ବୋଲି ଓଡ଼ିଶା ଅସିଚାଳନ ମହାସଂଘର ଯୁଗ୍ମ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

ଏସିଆନ ସୁଟିଂରେ ମାନୁ ଚତୁର୍ଥ

# ନୀରୁ ଧାଣ୍ଡାଙ୍କୁ ଡବଲ ସ୍ୱର୍ଣ୍ଣ



ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତିଥିବା ମାନୁ ଭାକର କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଭାରତକୁ ନିରାଶ କରିଛନ୍ତି। ଆଜି ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମାନୁ ଚତୁର୍ଥ ଓ ତାଙ୍କ ସାଥି ଇଶା ସିଂ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ମାନୁ ଓ ଈଶା ବିଫଳ ହୋଇଥିଲେ ମଧ୍ୟ ଭାରତକୁ ଆଜି ଅନୁଷ୍ଠିତ ଇଭେଣ୍ଟରେ ଏକାଧିକ ପଦକ ମିଳିଛି। ଜାତୀୟ ଚାମ୍ପିଅନ ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ସ୍ୱର୍ଣ୍ଣ ବିଜୟୀ କରାଇଛନ୍ତି। ଏହି ଇଭେଣ୍ଟରେ ଆଉ ଜଣେ ଭାରତୀୟ ଅସୀମା ଆଲୱତ କାଂସ୍ୟ ପଦକ ହାସଲ କରିଛନ୍ତି। ନୀରୁ ୪୩ ଓ ଅସୀମା ୨୯ ପଏଣ୍ଟ ପାଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଚୀନ୍ ଓ କୁଏତକୁ ପଛରେ ପକାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି। ମହିଳା ଟ୍ରାପ୍‌ରେ ନୀରୁ, ଅସୀମା ଓ ପ୍ରୀତି ରଜାକ୍ ୩୧୯ ପଏଣ୍ଟ ସ୍କୋର କରି ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତକୁ ତୃତୀୟ ପଦକ ମିଳିଛି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ। ବ୍ୟକ୍ତିଗତ ବିଭାଗରେ ଭାରତ କୌଣସି ପଦକ ଜିତି ନ ଥିଲେ ମଧ୍ୟ ଦଳଗତ ବିଭାଗରେ ମାନୁ, ଇଶା ଓ ସିମରନପ୍ରୀତ୍ କୌର ବ୍ରାର କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ପ୍ରୀତିସ୍ମିତା



ଭୁବନେଶ୍ୱର,୨୫।୮ (ସମିସ)

ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ ୩ଟି ରେକର୍ଡ ସହ ଅହମ୍ମଦାବାଦରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତିଯୋଗିତାର ପ୍ରଥମ ଦିନରେ ରାଜ୍ୟକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ଢେଙ୍କାନାଳ ସବ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରୀତିସ୍ମିତା ୪୪ କିଲୋଗ୍ରାମ୍ କାଟାଗୋରୀରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୬୩ କିଲୋଗ୍ରାମ୍, କ୍ଲିନ୍ ଆଣ୍ଡ ଜର୍କରେ ୮୭ କିଲୋଗ୍ରାମ୍ ଓ ମୋଟରେ ୧୫୦ କିଲୋଗ୍ରାମ୍ ଓଜନ ଉଠାଇ ସମସ୍ତ ବିଭାଗରେ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଛନ୍ତି। ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶାର ଏହି ତାରକା ଭାରୋତ୍ତୋଳକ ଢେଙ୍କାନାଳରେ କୋଚ୍ ଗୋପାଳକୃଷ୍ଣ



ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ଏବେ ଉତ୍ତରପ୍ରଦେଶର ମୋଦି ନଗରରେ ଥିବା କୋର୍ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସାନଭଉଣୀ ବିଦୁସ୍ମିତା ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

**ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ**

# ସେମିରେ ଓଡିଏମ୍, ଡିଏଭି ପୋଖରୀପୁଟ

ଭୁବନେଶ୍ୱର,୨୫।୮ (ସମିସ): ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ୪-୧ ପେନାଲ୍ଟି ଗୋଲରେ ୟୁନିଟ୍-୧ ସରକାରୀ ହାଇସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପୋଖରୀପୁଟର ଅପ୍ରମିତ ପ୍ରଧାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଗୌରୀ ପ୍ରହରାଜ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ମଧୁସୂଦନ ରେଡ୍ଡୀ ଓଡ଼ିଏମ୍‌ର ଶ୍ରୀଜଳ କିସ୍କୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ କିସ ବନାମ ବିଜେଇଏମ୍‌ଓ ଦ୍ୱିତୀୟ ମ୍ୟାଚ୍‌ରେ ମଦର୍ସ ପବ୍ଲିକ୍ ସ୍କୁଲ ସହ ବିକାଶ ରେସିଡେନ୍‌ସିଆଲ ସ୍କୁଲର ମୁକାବିଲା ହେବ।



ଶ୍ରୀଜଳ କିସ୍କୁ



ଅପ୍ରମିତ ପ୍ରଧାନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS